
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୩୧ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 31 October 2024
Vol.No. 35 ■ No.289 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୨୫ଲକ୍ଷ ଦୀପରେ ଝଲସିଲା ଅଯୋଧ୍ୟା

ନୂଆଦିଲ୍ଲୀ, ୩୦/୧୦ : ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ପ୍ରତିଷ୍ଠା ହେବା ପରେ ବୁଧବାର ପ୍ରଥମ ଥର ପାଇଁ ପାଳନ ହୋଇଛି ଦୀପୋତ୍ସବ। ପୂରା ଅଯୋଧ୍ୟା ରେକର୍ଡ ୨୫ ଲକ୍ଷ ଦୀପରେ ଝଟକିଛି। ଏକକାଳୀନ ଏତେ ସଂଖ୍ୟକ ଦୀପ ଜଳିବା ଗୋଟିଏ ବିଶ୍ୱ ରେକର୍ଡ। ବାସ୍ତବରେ ଆୟୋଜକମାନେ ୨୫ ଲକ୍ଷ ଦୀପ ଜାଳିବାକୁ ଯୋଜନା କରିଥିଲେ। କିନ୍ତୁ ସରଜୁ ନଦୀ କୂଳରେ ଅତିରିକ୍ତ ୩ ଲକ୍ଷ ଦୀପ ଲୋକମାନେ ଜାଳି ପୂରା ପରିବେଶକୁ ଆହୁରି ଭବ୍ୟ କରିଛନ୍ତି। ଦୀପ ଜଳିବା ପରେ ପୂରା ପରିବେଶ ସୁବର୍ଣ୍ଣ ରଙ୍ଗରେ



ରଙ୍ଗାୟିତ ହେଲା ଭଳି ଦେଖାଯାଇଥିଲା। ଏପରି ଦୀପୋତ୍ସବ ଅଯୋଧ୍ୟା ଭଳି ପବିତ୍ର ସହରର ଧାର୍ମିକ, ପାରମ୍ପରିକ ଓ ସାଂସ୍କୃତିକ ବାତାବରଣକୁ ଦ୍ୱିଗୁଣିତ କରିଛି। ▶▶ପୃଷ୍ଠା ୭

## ଆଉ ଯାତ୍ରାରେ ହେବନି ନଗ୍ନ ନୃତ୍ୟ: କଠୋର ହେଲେ ସରକାର

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଯାତ୍ରାରେ ଆଉ ହେଇପାରିବନି ଅଶ୍ଳୀଳ ନୃତ୍ୟ। ଆଉ ଦର୍ଶକ ଦେଖିପାରିବେନି ଝାଇଁମରା ନାଚ। ଖୋଲା ମଞ୍ଚ ଯାତ୍ରାରେ ନାଟକକୁ ନେଇ ଦର୍ଶକଙ୍କ ଭିତରେ କ୍ରେଜ୍ ବଢୁଛି। ହେଲେ ନାଟକରେ ଆଇଟମ୍ ଡ୍ୟାନ୍ସକୁ ନେଇ ଅନେକ ସମୟରେ ବିବାଦ ଦେଖା ଦେଉଛି। ଯାହାକୁ ନେଇ ନାନ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏହାକୁ ରୋକିବା ପାଇଁ ରାଜ୍ୟ ସରକାର କଠୋର ହେଉଛନ୍ତି। ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ନେଇ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ କରିବା ପାଇଁ ଖୁବଶୀଘ୍ର ଆସିବ ଆଇନ। ରାଜ୍ୟ ସରକାର ଏହାକୁ ସମ୍ବେଦନଶୀଳ ଭାବେ ଗ୍ରହଣ କରିଛନ୍ତି। ଏହାକୁ ନେଇ ବିଚାର ବିମର୍ଶ ଚାଲିଛି। ଯାତ୍ରା ପାର୍ଟିର ମାଲିକଙ୍କ ସହ ଏ ନେଇ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି। ଅଶ୍ଳୀଳ ନୃତ୍ୟ ରୋକ ଲଗାଇବା ପାଇଁ 'ଯାତ୍ରା କଳାକାର ଓ କର୍ମଚକ୍ଷରୀ ସଂଘ ଓଡ଼ିଶା' ଓ 'ରାଜ୍ୟ କଳାକାର ମହାସଂଘ' ପୂର୍ବରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ। ସରକାର ଏଥିପ୍ରତି ଯତ୍ନବାନ ହୋଇ ଏକ ନିୟମ କରି ପ୍ରତି ଜିଲ୍ଲାପାଳ ଓ ଏସପିଙ୍କ ନିକଟକୁ ଚିଠି କରିଥିଲେ। କିନ୍ତୁ ଜିଲ୍ଲାପାଳ ଓ ଏସ୍ପି ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି ସଂଘ ଅଭିଯୋଗ କରିଛି। ସୂଚନାରୁ ପ୍ରକାଶ,

## ବିଜେଡି ଗୁମର ଖୋଲିଦେଲେ ସୁନନ୍ଦା ଦାସ: କହିଲେ, ବବି ଦେଉଥିଲେ ଇସାରା, ନିଷ୍ପତ୍ତି ନେଉଥିଲେ ଅଫିସର

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ବିଜେଡିକୁ ଅଫିସର ଚଳାଉଥିଲେ। ଆଉ କିଏ ଟିକେଟ ପାଇବେ, ସେନେଇ ଅଫିସର ହିଁ ନିଷ୍ପତି ନେଉଥିଲେ। ଦୀର୍ଘ ଦିନ ହେବ ଏହାକୁ ନେଇ ଚର୍ଚ୍ଚା ହୋଇଆସୁଛି। ଏଥିସହ କାହିଁକି ଦଳ ନିର୍ବାଚନରେ ହାରିଲା, ଦଳକୁ କିଏ ପରିଚାଳନା କରୁଥିଲା, ଏନେଇ ଆଲୋଚନା ଲାଗି ରହିଛି। ଏହାରି ଭିତରେ ଦଳ ଛାଡିବା ସହ ବିସ୍ଫୋରକ ବୟାନ ଦେଇ, ଗୁମର ଫିଟାଇଛନ୍ତି ସୁନନ୍ଦା। ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଦଳରେ ଅଲୋଡା ହୋଇ ପଡିଥିବା ଦର୍ଶାଇ ଇସ୍ତଫା ଦେଇଥିଲେ ବି, ସୁନନ୍ଦା କନକ ନ୍ୟୁଜରେ ବିଜେଡି ଟିକେଟ ବଣ୍ଟାର ଗୁମର ଫିଟାଇଛନ୍ତି । ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ସିଧାସଳଖ ଟାର୍ଗେଟ କରିବା ସହ ଡିଏସ କୁଟ୍ଟେ ଓ ଆଶିଷ ସିଂଙ୍କ



ନାଁ ନେଇଛନ୍ତି ସୁନନ୍ଦା। ଅସନ୍ତୋଷ ଝାଡି କହିଛନ୍ତି, ଟିକେଟ ପାଇଁ ଡିଏସ କୁଟ୍ଟେ ଓ ଆଶିଷ୍ ସିଂଙ୍କୁ ଦେଖା କରିବାକୁ କହିଥିଲେ ବବି। ▶▶ପୃଷ୍ଠା ୭

## ସରିଲା ଅପେକ୍ଷା: ନଭେମ୍ବରରେ ମିଳିବ ନୂଆ ରାସନ କାର୍ଡ



ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଦୀପାବଳି ପୂର୍ବରୁ ନୂଆ ରାସନ କାର୍ଡ ଆବେଦନକାରୀଙ୍କ ପାଇଁ ଆସିଲା ଖୁସି ଖବର। ନଭେମ୍ବର ମାସରେ ଯୋଗ୍ୟ ନୂଆ ହିତାଧିକାରୀଙ୍କୁ ମିଳିବ ରାସନ କାର୍ଡ । ଦୀପାବଳି ପୂର୍ବରୁ ନୂଆ ରାସନ କାର୍ଡ ଆବେଦନକାରୀଙ୍କ ପାଇଁ ଆସିଲା ଖୁସି ଖବର। ନଭେମ୍ବର ମାସରେ ଯୋଗ୍ୟ ନୂଆ ହିତାଧିକାରୀଙ୍କୁ ମିଳିବ ରାସନ କାର୍ଡ। ଅନ୍ୟପକ୍ଷରେ ଏବେ ଋ-କଣଉ ଯାଂଚ ପ୍ରକ୍ରିୟା ଜାରି ରହିଛି। ▶▶ପୃଷ୍ଠା ୭

## ମାଇଁ ଭାରତ ଏବଂ ମାଇଁ ଦିୱାଲି




ବାଲେଶ୍ୱର, ୩୦/୧୦ (ନି.ପ୍ର): ଭାରତ ସରକାରଙ୍କ ଯୁବ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ରାଜ୍ୟ ଜାତୀୟ ସେବା ଯୋଜନା ଭିଜିଲାନ୍ସ ଅଫିସ ଭୁବନେଶ୍ୱରର ନିର୍ଦ୍ଦେଶିକା ସରିତା ପଟେଲ ନିର୍ଦ୍ଦେଶନାରେ । ବାଲେଶ୍ୱର ଜିଲ୍ଲାରେ ଜାତୀୟ ସେବା ଯୋଜନା ମିଳିତ ଭାବରେ ମାଇଁ ଭାରତ ମାଇଁ ଦିୱାଲି କାର୍ଯ୍ୟକ୍ରମ ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ୍ ଅଫ୍ ନେଚର କିଅର ଏଣ୍ଡ ଯୋଗିକ ସାଇନ୍ସ (ଯୋଗ ନେଚର ପାଥି କଲେଜ) ନିଳମଣି ମହାବିଦ୍ୟାଳୟ, ନିଳକଣ୍ଠେଶ୍ୱର କଲେଜ, ବିଟସ କଲେଜ, ବାଲେଶ୍ୱର ଇଂଜିନିୟରିଂ କଲେଜ ମିଳିତ ସହଯୋଗରେ ନେହେରୁ ଯୁବ କେନ୍ଦ୍ର, ସିଏଟିଟି, ଏନଏସଏସ ୟୁନିଟ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ବିଧାୟକ ମାନସ ଦତ୍ତ, ସମ୍ମାନୀୟ ଅତିଥି ପୌରାଧ୍ୟକ୍ଷା ସବିତା ସାହୁ, ▶▶ପୃଷ୍ଠା ୭

## ତୃତୀୟ ପର୍ଯ୍ୟାୟରେ ଅଙ୍ଗନବାଡ଼ି କର୍ମୀଙ୍କୁ ମିଳିବ 'ସୁଭଦ୍ରା': ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଖୁବ୍‌ଶୀଘ୍ର ଘୋଷଣା ହେବ ତୃତୀୟ ପର୍ଯ୍ୟାୟ 'ସୁଭଦ୍ରା'। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷଣା କରିଛନ୍ତି। ଏଥର ବାଦ୍ ପଡ଼ିଥିବା ସବୁ ଅଙ୍ଗନବାଡ଼ି କର୍ମୀଙ୍କୁ ତୃତୀୟ ପର୍ଯ୍ୟାୟରେ ମିଳିବ ସୁଭଦ୍ରା ଟଙ୍କା। କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିବେନି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ଆବେଦନର ରି-ଚେକ୍ ହେବ। ଦରକାର ପଡ଼ିଲେ ବାରମ୍ବାର ଚେକ ହେବ। କେହି ଏହି ଯୋଜନାରୁ ବଞ୍ଚିତ ହେବେ ନାହିଁ। ଏଥିପାଇଁ ୧ ତାରିଖରେ ନୋଡାଲ ଏଜେନ୍ସି ନିଯୁକ୍ତ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ସୂଚନାରୁ ପ୍ରକାଶ, ରାଜ୍ୟ ବିଜେପି ସରକାରଙ୍କ ଲୋକାଭିମୁଖୀ ଯୋଜନା ହେଉଛି 'ସୁଭଦ୍ରା'। ପ୍ରତ୍ୟେକ ଗରିବ ମହିଳାଙ୍କୁ ୫୦ ହଜାର ଟଙ୍କା ଲେଖାଏ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଉ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜେପି ସରକାର ଦୁଇଟି ପର୍ଯ୍ୟାୟରେ ଗରିବ ମହିଳାଙ୍କୁ ୫୦୦୦ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି।







ଧ୍ୱନି ପ୍ରତିଧ୍ୱନି

୨ ♣ ବାଲେଶ୍ୱର ♣ ଗୁରୁବାର, ୩୧ ଅକ୍ଟୋବର ୨୦୨୪

# ତମସୋ ମା ଜ୍ୟୋତିର୍ଗମୟ...

## ଆଲୋକର ପର୍ବ ଦୀପାବଳୀ

ବିଶ୍ୱବିଜୟୀ ଦାଶ

ଓଁ ଅସତୋ ମା ସଦ୍‌ଗମୟ ।
ତମସୋ ମା ଜ୍ୟୋତିର୍ଗମୟ ।
ମୃତ୍ୟୋର୍ମା ଅମୃତଂ ଗମୟ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ବୃହଦାରଣ୍ୟକ ଉପନିଷଦର ଏହି ଶ୍ଳୋକଟିକୁ ଆମେ ସଭିଁଏ ପିଲାଟିଦିନରୁ ଶୁଣିଆସିଛେ। ଏହାର ଅର୍ଥ ହେଉଛି - ହେ! ସର୍ବଶକ୍ତିମାନ, ଆମକୁ ଅସତ୍ୟରୁ ସତ୍ୟ ଆଡ଼କୁ ନେଇଚାଲ। ଅନ୍ଧକାରରୁ ଆଲୋକ ଆଡ଼କୁ ନେଇଚାଲ। ମୃତ୍ୟୁରୁ ଅମରତ୍ୱ ଆଡ଼କୁ ନେଇଚାଲ।

ଆଲୋକର ପର୍ବ ହେଉଛି ଦୀପାବଳି। ଅନ୍ଧକାର ଉପରେ ଆଲୋକ ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟର ପ୍ରତୀକ। ଏଣୁ ଏହି ଅବସରରେ ଉପରୋକ୍ତ ଚିର ସବୁଜ ଶ୍ଳୋକର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ଚାରିଆଡ଼େ ଦୀପ, ବାଣ ଓ



ମିଠାର ଆସର। ଦୀପାବଳି ପାଇଁ ସମଗ୍ର ଭାରତବର୍ଷ ହୁଏ ଉତ୍ସବମୁଖର। ହିନ୍ଦୁମାନଙ୍କ ପାଇଁ ଦୀପାବଳି ଏକ ମୁଖ୍ୟ ପର୍ବ, ଯାହାକୁ ନାନାଦି ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ। ଘରେ ଘରେ ଆନନ୍ଦ ଉଲ୍ଲାସର ସୁଅ ଛୁଟିବା ସହ ବିଭିନ୍ନ ରଙ୍ଗ ବେରଙ୍ଗର ରଙ୍ଗୋଲି ଦ୍ୱାରା ଘରକୁ ସଜାବାରେ ଲାଗିପଡ଼ିଛନ୍ତି ଲୋକେ। ଦୀପାବଳିରେ ସମଗ୍ର ଭାରତରେ ଦିବ୍ୟ ଜନନୀଙ୍କର ନାନା ରୂପରେ ପୂଜା କରାଯାଏ। ବଙ୍ଗଳା, ଆସାମ, ଓଡ଼ିଶା ଓ ବିହାରରେ ଦୀପାବଳିରେ ମା' କାଳୀଙ୍କ ପୂଜା କରାଯାଏ। କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ମଧ୍ୟରାତ୍ରିରୁ ତାନ୍ତ୍ରିକ ଓ ଶାକ୍ତ ମତରେ ଦେବୀଙ୍କର ପୂଜା ହୁଏ। ବିଭିନ୍ନ ଶକ୍ତି ପୀଠ ସମେତ ମୃର୍ଣ୍ମୟୀ ମୂର୍ତ୍ତିଙ୍କ ଆରାଧନା କରାଯାଏ। ସେହିପରି ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଦୀପାବଳି ଅବସରରେ ଗଣେଶ ଓ ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ବିଶେଷକରି, ଉତ୍ତର ଭାରତରେ ଏହା ବହୁଳ ଭାବେ ପାଳିତ ହୁଏ। ସେହିପରି ମିଥିଳା ଓ ନେପାଳରେ ଏହି ପର୍ବରେ ମହାନିଶା ଦେବୀଙ୍କ ପୂଜା କରାଯାଏ।

ଓଡ଼ିଶାରେ ଏହି ଦିନ ବଡ଼ବଡୁଆଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦେଇସାରି କାଉଁରିଆ କାଠି ଜାଳାଯାଏ। ମହାଳୟା ତିଥିରେ ପିତୃପୁରୁଷଙ୍କୁ ଆବାହନ କରି ପିଣ୍ଡଦାନ କରାଯାଉଥିବା ବେଳେ ଦୀପାବଳି ତିଥିରେ ଆଲୋକ ଦେଖାଇ ସେମାନଙ୍କୁ ବିଦାୟ ଦିଆଯାଇଥାଏ। 'ପିତୃ ଲୋକଂ ପରିତାଜ୍ୟ, ଆଗତା ଯେ ମହାଳୟେ, ଉଜ୍ଜ୍ୱଳେ ଜ୍ୟୋତିଷାଂ ମାର୍ଗେ, ପ୍ରପଦ୍ୟନ୍ତୋ ବ୍ରଜନ୍ତୁତେ', ଅର୍ଥାତ ପିତୃପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରାଯାଏ। ଅସଂଖ୍ୟ ଭକ୍ତ ସେଦିନ ବାଇଶି ପାହାଚରେ ପିଣ୍ଡଦାନ କରି କାଉଁରିଆ କାଠି ବି ଜାଳନ୍ତି। ପିତୃଗଣଙ୍କ ଆଶୀର୍ବାଦ କାମନା କରନ୍ତି। କାଉଁରିଆ କାଠି ଜାଳିବାବେଳେ ଉଚ୍ଚାରଣ କରନ୍ତିଂ ବଡ଼ବଡୁଆ ହୋ ଅନ୍ଧାରରେ ଆସି ଆଲୁଅରେ ଯାଅ, ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରସାଦ ଖାଇ, ବାଇଶି ପାହାଚ୍‌ରେ ଗଡ଼ଗଡାଉ ଥାଅ।

ପୁରାଣ ଅନୁଯାୟୀ, ୧୪ ବର୍ଷ ପରେ ରାମ, ରାବଣଙ୍କୁ ବଧ କରି ଦୀପାବଳିରେ ଅଯୋଧ୍ୟା ଫେରିଥିଲେ। ଅଯୋଧ୍ୟାବାସୀ ଘୃତ-ଦୀପ ଜାଳି ଏହି ଦିନ ରାମଙ୍କୁ ସ୍ୱାଗତ କରିଥିଲେ। ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନାରକାସୁରକୁ ବଧ କଲା ପରେ ତା' ପରଦିନ ବ୍ରଜବାସୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ। ସେହି ଦିନ ମଧ ଥିଲା ଦୀପାବଳି।

ମାଟିର ଦୀପ ହେଲା ପଞ୍ଚତତ୍ତ୍ୱରେ ଗଢ଼ା ଆମ ଶରୀରର ପ୍ରତୀକ ଏବଂ ତା' ମଧ୍ୟରେ ଜଳୁଥିବା ଦୀପଶିଖା ଅଜର, ଅମର, ଅବିନାଶୀ ଆତ୍ମାର ପ୍ରତୀକ । ତେଣୁ ଅଜ୍ଞାନ ଅନ୍ଧକାରକୁ ଦୂର କରିବାକୁ ହେଲେ ଆତ୍ମଜ୍ୟୋତିକୁ ଜାଗ୍ରତ କରିବା ନିତାନ୍ତ ଆବଶ୍ୟକ । ଏହି ଅଜ୍ଞାନରୂପୀ ଅନ୍ଧାର ହେଲା ମନୁଷ୍ୟ ଭିତରେ ଛପି ରହିଥିବା କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର, ଈର୍ଷା, ଆଳସ୍ୟ ଇତ୍ୟାଦି ବିକାରଗୁଡ଼ିକ।ଏ ଗୁଡ଼ିକ ଦୂର କରିବାକୁ ହେଲେ ପରମଜ୍ୟୋତିରେ ଆତ୍ମଜ୍ୟୋତିକୁ ଉଦ୍ଭାସିତ କରିବାକୁ ହୁଏ । ଜ୍ଞାନର ଆଲୋକ ହିଁ ଏ ସୃଷ୍ଟିର ଶ୍ରେଷ୍ଠ ଆଲୋକ । ଜ୍ଞାନ ମାଧ୍ୟମରେ ଜଣେ 'ନିଜ'ର ପରିଚୟ ପାଇ ପରମାତ୍ମାଙ୍କର ପରିଚୟ ପାଇବାକୁ ସମର୍ଥ ହୋଇପାରିଥାଏ ।

ଦୀପାବଳୀ ର ମୁଖ୍ୟ ଆର୍କଷଣ ହେଉଛି ବାଣ ଫୁଟା।ସନ୍ଧ୍ୟା ହେଉ ହେଉ ଚାରିଆଡ଼େ ବାଣ ଫୁଟା ର ଆସର ଜମିଯାଇଥାଏ।ବାଣ ରୁ ନିର୍ଗତ ଧୂଆଁ ବାୟୁ ମଣ୍ଡଳ କୁ ପ୍ରଦୂଷଣ କରିଥାଏ,ଯାହା ଫଳରେ ସବୁଜ ପରିବେଶ ନଷ୍ଟ ହୁଏ।ଅଧିକ ଶବ୍ଦ କରୁଥିବା ବାଣ ଫୁଟେଇବା ଦ୍ୱାରା ଶ୍ରବଣ ଶକ୍ତି କୁ ଗଭୀର ଆଘାତ ଦେଇଥାଏ।ବାଣ ରୁ ନିର୍ଗତ ଧୂଆଁ ରେ ସଲଫର ଡ଼ାଇଅକ୍ସାଇଡ଼,କାର୍ବନ ଡ଼ାଇଅକ୍ସାଇଡ଼ ଓ କାର୍ବନ ମନୋକ୍ସାଇଡ଼ ଭଳି ମାରାତ୍ମକ ଗ୍ୟାସ ଶ୍ୱାସ ଭଳି ମାରାତ୍ମକ ରୋଗ ସୃଷ୍ଟି କରେ।ଛୋଟ ପିଲାଙ୍କୁ ଆଦୌ ବାଣ ଫୁଟାଇବାକୁ ଦିଅନ୍ତୁ ନାହିଁ, ଯଦି ଦେବେ ତାଙ୍କ ପାଖେ ପାଖେ ରୁହନ୍ତୁ।ବାଣ ଫୁଟାଇବା ର ମାହୋଲ ମନକୁ କ୍ଷଣିକ ଆନନ୍ଦ ଦିଏ,ହେଲେ ତାହାର କୁପ୍ରଭାବ ପରିବେଶ ଓ ସମାଜ ଉପରେ ପଡ଼ିଥାଏ।ତେଣୁ ସମସ୍ତ ଜନସାଧାରଣଙ୍କୁ ମୋର ବିନମ୍ର ନିବେଦନ,ମାଟି ଦୀପ ଜାଳି ଓ ଗୃହକୁ ଆଲୋକ ରେ ସଜାଇ ଦୀପାବଳୀ ହସ ଖୁସିରେ ମନାନ୍ତୁ। ଯେତେ କମ୍ ଧୂଆଁ,କମ୍ ଶବ୍ଦ ହେଉଥିବା ବାଣ ବ୍ୟବହାର କରନ୍ତୁ। ଆଲୋକର ପର୍ବ ଦୀପାବଳୀ ଉପଲକ୍ଷେ ସମସ୍ତ ଯୁବ,ଛାତ୍ର ବନ୍ଧୁ ଓ ଗୁରୁଜନ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।ଏହି ପର୍ବ ସମସ୍ତଙ୍କ ଜୀବନ କୁ ଆଲୋକିତ କରୁ,ଏହାହିଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଯୁବ ସ୍ତମ୍ଭକାର ତଥା ଶିକ୍ଷାବିତ୍
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮

## ଭାରତୀୟ ସଂସ୍କୃତିରେ ଦୀପାବଳି

ଡକ୍ଟର ଲକ୍ଷ୍ମଣ ସାହୁ

ଦୀପାବଳି ଏକ ଭାରତୀୟ ପର୍ବ। ଏହାକୁ ଆଲୋକର ପର୍ବ ଭାବରେ ପାଳନ କରାଯାଏ । ଏହି ପର୍ବ କାର୍ତ୍ତିକ ଅମାବାସ୍ୟାରେ ପ୍ରାୟ ପ୍ରତ୍ୟେକ ଯାକଯମକରେ ପାଳନ ପାଳନ କରିଥାନ୍ତି । ହିନ୍ଦୁମାନଙ୍କ ପାଇଁ ଏହା ଏକ ମୁଖ୍ୟ ପର୍ବ , ଯାହା ପ୍ରତ୍ୟେକ ଘରେ ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ । ଘରେ ଘରେ ସେଦିନ ଦୀପ ଜଳେ, ବିଭିନ୍ନ ପ୍ରକାରର ରଙ୍ଗ ବେରଙ୍ଗର ବାଣ ଫୁଟାଯାଏ । ପୟାଶ୍ରାଦ୍ଧ ଦିଆଯାଏ । ପିଠାପଣା ହୁଏ । ଦୀପାବଳୀ ଉତ୍ସବ ପାଳନ ବିଷୟରେ ନାନାପ୍ରକାର ଶାସ୍ତ୍ର ପୁରାଣ ଓ ଲୋକକଥା ଶୁଣାଯାଏ । ଏହି ଦୀପାବଳୀ ଅମାବାସ୍ୟାକୁ ଲୋକୋକ୍ତିରେ ପୟାଅମାବାସ୍ୟା ମଧ କହନ୍ତି ।

ଋକ୍ ବେଦରୁ ସୂଚନା ମିଳେ ଯେ, ପୃଥିବୀ ଏକଦା ଘୋର ଅନ୍ଧକାର ଭିତରେ ବୁଡ଼ି ରହିଥିଲା । କାଳ କ୍ରମେ ସୂର୍ଯ୍ୟଙ୍କର କିରଣ ପାଇ ପୃଥିବୀ ଦିନେ ଆଲୋକିତ ହେଲା । ତେଣୁ ଏହାକୁ ମନେ ରଖିବା ପାଇଁ ଦୀପାବଳି ଉତ୍ସବ ପାଳନ କରାଯାଏ । ସେଭଳି ପୁରାଣ ତଥ୍ୟାନୁସାରେ ସତ୍ୟଯୁଗରେ ପ୍ରଭୁ ରାମଚନ୍ଦ୍ର ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ଫେରିଥିଲେ । ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ପାଇଁ ଆନନ୍ଦରେ ସଂପୂର୍ଣ୍ଣ ଅଯୋଧ୍ୟା ନଗରୀକୁ ବିଭିନ୍ନ ପ୍ରକାର ଆଲୋକମାଳାରେ ଜଳେଇଥିଲେ । ସେହି ଦିନରୁ ଏହି ଉତ୍ସବ ପାଳନ କରାଯାଉଛି । ଉତ୍ତର ଭାରତରେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ଭକ୍ତମାନେ ଏହିଦିନ ଟିକୁ ବହୁ ଯାକଜମକରେ ପାଳନ କରନ୍ତି । 'ଉତ୍ସବ ତତ୍ତ୍ୱାଭିଧାନ' ଅନୁଯାୟୀ ଏକଦା କାର୍ତ୍ତିକ(ତୁଳା)ମାସ-ଘନଅନ୍ଧକାର କୃଷ୍ଣପକ୍ଷରେ ଜଣେ ଭବିଷ୍ୟଦ୍ରଷ୍ଟା ଜ୍ୟୋତିଷ ପ୍ରଭୁ ଶ୍ରୀରାମଙ୍କୁ ବିପର୍ଯ୍ୟସ୍ତ ଦୁର୍ଭାଗ୍ୟ କାଳସର୍ପ ରୂପେ ଅମାରାତିରେ ଦଂଶନକରିବା ପାଇଁ ଲୁଚିଛପି ଆସିବାର ଭବିଷ୍ୟବାଣୀ କରିଥିଲେ। ସତର୍କତାପୂର୍ବକ ଅଯୋଧ୍ୟା ରାଜନଗରୀର କୃଷ୍ଣପକ୍ଷ ସାରା ଉଜ୍ଜ୍ୱଳଆଲୋକ ପ୍ରଜ୍ଜଳନ କରାଯାଇଥିଲା । ଯାହା ଫଳରେ କାଳସର୍ପ ଦଂଶନର ଚକ୍ରାନ୍ତ ପଣ୍ଡହୋଇଥିଲା ।

ଦୈତ୍ୟରାଜ ବଳି ମହାଦାନୀ ଥିଲେ। ସ୍ୱର୍ଗର ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା, ହୁଏତ ତାଙ୍କର ପୂଣ୍ୟ ଫଳରେ ସେ ସ୍ୱର୍ଗପୁରର ଅଧିକାରୀ ହେଇପାରନ୍ତି । ଏଣୁ ଦେବତାମାନଙ୍କ କଥା ରକ୍ଷାକରି ବିଷ୍ଣୁ ବାମନ ଅବତାର ଗ୍ରହଣ କରି ବଳିରାଜଙ୍କ ପାଖରେ ପହଞ୍ଚି ତାଙ୍କୁ ତିନିପାଦ ଭୂମି ଦାନ ସ୍ୱରୂପ ମାଗିଥିଲେ । ଗୋଟିଏ ପାଦରେ ପୃଥିବୀ, ଗୋଟିଏ ପାଦରେ ସ୍ୱର୍ଗ ଓ ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପିଦେଲେ । ତେଣୁ ସେ ପାତାଳ ପୁରକୁ ଚାଲିଗଲେ । ତା' ପରେ ବଳିଙ୍କ ପ୍ରାର୍ଥନା ଶୁଣି ପାତାଳରେ ବଳିକୁ ରାଜା କରିଦେଲେ । ବର୍ଷକରେ ଥରେ ମର୍ତ୍ତ୍ୟପୁରକୁ ଆସି ପ୍ରଜାମାନଙ୍କୁ ଦେଖିବାକୁ ବଳି ବର ମାଗନ୍ତେ ବିଷ୍ଣୁ ଏଥିରେ ସମ୍ମତି ଜଣାଇ କାର୍ତ୍ତିକ ଶୁକ୍ଳ ପ୍ରତିପଦା ଦିନ ଦିନ ବଳି ମର୍ତ୍ତ୍ୟକୁ ଆସିବାକୁ ତଥାସ୍ତୁ କହିଲେ । ତେଣୁ ସେଦିନକୁ ମର୍ତ୍ତ୍ୟବାସୀ ଆନନ୍ଦର ଦୀପ ଜାଳି ଆଲୋକିତ କରନ୍ତି । ପୁରାଣରେ ଅଛି ଭଗବାନ ବିଷ୍ଣୁ ଭକ୍ତପ୍ରହ୍ଲାଦଙ୍କୁ ଇନ୍ଦ୍ରପଦ ଯାଚିବାରୁ ସେ ବିନୀତଭାବେ ପ୍ରତ୍ୟାଖାନ କରିବାରୁ, ତାଙ୍କର ନାତି ବଳୀରାଜାଙ୍କୁ ଏହିଦିନ 'ଇନ୍ଦ୍ରପଦ' ପ୍ରଦାନ କରିଥିଲେ । ତେଣୁ ଦାନବଗଣ ଦୀପଜଳାଇ, ବାଣ, ଆତସବାଜି ଫୁଟାଇ ଉତ୍ସବ ପାଳିଥିଲେ।



ସେଭଳି ଦ୍ୱାପରଯୁଗରେ ଶ୍ରୀକୃଷ୍ଣ ଅତ୍ୟାଚାରୀ ନରକାସୁରକୁ କୃଷ୍ଣ ଚତୁର୍ଦ୍ଦଶୀ ଦିନ ବଧ କରିଥିଲେ ତେଣୁ ଖୁସିରେ ଆଲୋକର ଉତ୍ସବ ପାଳିତ ହେଇଥିଲା । ଏହି ଦିନକୁ ନରକ ଚତୁର୍ଦ୍ଦଶୀ କୁହାଯାଏ । ଏ ଦିନ ସୂର୍ଯ୍ୟୋଦୟ କାଳରେ ସମସ୍ତ ଶରୀରରେ ସୁଗନ୍ଧ ତୈଳ ଲଗାଇ ଗାଧୋଇବାର ପ୍ରଥା ଅଛି । ଶ୍ରୀକୃଷ୍ଣ ରାକ୍ଷସ ନରକାସୁରକୁ ମାରି ଚଉଷଠିସହସ୍ର ରାଜକନ୍ୟାଙ୍କୁ ଉଦ୍ଧାରକଲା ପରେ ଇନ୍ଦ୍ରମାତାଙ୍କୁ ନରକାଦ୍ୱାରା ଅପହୃତ ମଣିକୁଣ୍ଡଳକୁ ଫେରାଇବାକୁ ସତ୍ୟଭାମାଙ୍କୁ ନେଇ ସ୍ୱର୍ଗକୁ ଯାଇଥିଲେ । ସତ୍ୟଭାମାଙ୍କ ଅନୁରୋଧରେ ପାରିଜାତ ବୃକ୍ଷର ଚାରାଟିଏ ଆଣିବାକୁ ଗଲାବେଳେ ଇନ୍ଦ୍ରଙ୍କ ସହିତ ସମସ୍ତଦେବତା ବାଧାଦେବାରୁ ଏକାକି ସବୁଦେବତାଙ୍କୁ ପରାସ୍ତ କରି ପାରିଜାତ ବୃକ୍ଷ ସହ ଅନେକ ଧନରତ୍ନ ନେଇ ଏହିଦିବସରେ ଦ୍ୱାରକା ଫେରିଥିଲେ । ତେଣୁ ଦ୍ୱାରକାବାସୀ ପ୍ରଭୁଙ୍କୁ ସ୍ୱାଗତ ଜଣାଇ ସମଗ୍ରନଗରୀକୁ ଦୀପମାଳାରେ ସଜାଇ, ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ।

ଇତିହାସରୁ ଜଣାଯାଏ ମୋଗଲ ଯୁଗର ପ୍ରସିଦ୍ଧଐତିହାସିକ ଆବୁଲ ଫଜୀଲ ତାଙ୍କର ଆଇନ ଆକବରୀରେ ମୋଗଲ ଶାସନକାଳୀନ ବର୍ଣିକ, ଆଲୋକ ଜ୍ୱଳନ୍ତ ଓ ଅକ୍ଷକ୍ରୀଡା ନାମକ ଦୀପାବଳି ଆଧାରିତ ମନୋଜ୍ଞ ଉପକଥାର ଉଲ୍ଲେଖ କରିଛନ୍ତି । ଆଲବରୁଣୀରେ ମୋଗଲ ସମ୍ରାଟଙ୍କ ଲମ୍ବା ବାଉଁଶ ପୋତି ତା'ର ଅଗରେ ଶିକାରେ ଆକାଶପ୍ରଦୀପ ଜାଳିବାକଥା ବରୋଦା ସଂଗ୍ରହାଳୟରେ ଥିବା ପ୍ରାଚୀନ ଆକାଶପ୍ରଦୀପ ଅତୀତରେ ଦୀପାବଳି ଉତ୍ସବ କରାଯାଉଥିବାର ପ୍ରମାଣ ଅଛି । ଚାଣକ୍ୟ ଓ ଚୋଳବଂଶକାଳୀନ ପରମ୍ପରାରେ ଦୀପାବଳିପାଳନ ଉତ୍ସବ କନୌଜବଂଶୀୟ ରାଜା ହର୍ଷବର୍ଦ୍ଧନଙ୍କ କାଳଜୟୀ ଅମରକୃତି ନାଟକ ନାଗାନନ୍ଦରୁ ସ୍ପଷ୍ଟ ହୁଏ । ଗୁପ୍ତବଂଶୀୟ ସମ୍ରାଟ ଦ୍ୱିତୀୟଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ, ପବିତ୍ର ଦୀପାବଳି ତିଥିରେ ସିଂହାସନ ଆରୋହଣ କରିଥିବାରୁ ତା'ର ସ୍ମାରକୀ ରୂପେ ଦୀପାବଳି ଦିନଠାରୁ ଗୁପ୍ତାବ୍ଦର ପ୍ରଚଳନ ହୋଇଥିଲା।

ବିଭିନ୍ନ ସମ୍ପ୍ରଦାୟରେ ଧାର୍ମିକ ବିଶ୍ୱାସ ଓ ଦୀପାବଳି ପାଳନ ରହିଛି । ଜୈନ ଅନୁଗାମୀମାନଙ୍କ ପାଇଁ ଏହା ୫୨୭ରେ ମହାବୀର ଙ୍କର ମୋକ୍ଷ ବା ନିର୍ବାଣ ପ୍ରାପ୍ତିର ଦିନ ଭାବରେ ପାଳନ କରାଯାଇଥାଏ । ଜୈନଧର୍ମରେ ଦୀକ୍ଷିତ ବ୍ୟକ୍ତିମାନେ ୨୪ତୀର୍ଥଙ୍କର ମହାବୀରଙ୍କର ନିର୍ବାଣ ଦିବସ ରୂପେ ଏହିଦିବସକୁ ପାଳନ କରିବା କାହାଣୀ ରହିଛି । ମହାବୀରଙ୍କର ଯେତେବେଳେ ମହାପ୍ରୟାଣ ଘଟିଲା, ସେତେବେଳେ ତାଙ୍କପାଖରେ ବହୁ ଜୈନ ଧର୍ମାବଲମ୍ବୀ ସନ୍ନ୍ୟାସୀ ଭକ୍ତ ଉପସ୍ଥିତ ହୋଇଥିଲେ । ମହାପ୍ରୟାଣ ପରେ ଏ ପୃଥିବୀ ପାଇଁ କିଏ ଆଉ ଜ୍ଞାନାଲୋକ ଦେବ, ଏହା ହିଁ ସେମାନେ ଚିନ୍ତାକଲେ । ସେମାନେ ସମସ୍ତେ ଏକତ୍ରିତ ହୋଇ ଦୀପାବଳି ଦିନ ମଶାଲ ଜଳାଇ ଦିବ୍ୟଜ୍ଞାନ ସନ୍ଧାନରେ ଯାଇଥିଲେ । ସେହିଦିନରୁ ଦୀପାବଳି ଦିନ ଆଲୋକ ଜଳେବାର ଚାଲିଆସୁଛି । ଏହି ଅବସରରେ ଦୀପ ଜଳାଯାଏ ଓ ମିଷ୍ଟାନ୍ନ ବଣ୍ଟାଯାଏ । ଜୈନ ବ୍ୟବସାୟୀମାନେ ହିସାବଖାତା ସହିତ ମୁଦ୍ରା ପୂଜାକରନ୍ତି। ସେହିବର୍ଷ ପାଇଁ ହିସାବଖାତା ବନ୍ଦ କରାଯାଏ । ପରବର୍ତ୍ତୀ ଆଠଦିନ କୌଣସି ବ୍ୟବସାୟ କରନ୍ତି ନାହିଁ । ସେମାନେ ଉପବାସ କରନ୍ତି; ଜପତପ କରନ୍ତି । ନବମଦିନରେ ଜୈନ ନବବର୍ଷ ପାଳିତ ହୁଏ। ଜୈନ ଧର୍ମାବଲମ୍ବୀଙ୍କ ଭଗବାନ ମହାବୀରଙ୍କ ନିର୍ବାଣପ୍ରାପ୍ତି ଦିବସ ଓ ଭଗବାନ ମହାବୀରଙ୍କ ଉତ୍ତରାଧ୍ୟାୟନ ସୂତ୍ର- ଶେଷପ୍ରବଚନ ପାଠର ମହାର୍ଘ୍ୟତିଥି ଭାବେ ଉତ୍ସାହର ସହିତ ଦୀପାବଳି ଉତ୍ସବ ପାଳନ କରାଯାଏ ।

ସେଭଳି ଶିଖ ସଂପ୍ରଦାୟରେ ଏକଦଶଦର୍ଶୀ ମୋଗଲ ସମ୍ରାଟ ଔରଙ୍ଗଦେବଙ୍କଦ୍ୱାରା ଶିଖ ?ଧର୍ମର ଷଷ୍ଠଗୁରୁ ହରଗୋବିନ୍ଦ ସିଂହ ବନ୍ଦୀହୋଇ କାରାକୋଠରୀରେ ଆବଦ୍ଧ ଥିଲେ । ଅଗଣିତ ଶିଖ ଧର୍ମାବଲମ୍ବୀଙ୍କ ପ୍ରତିବାଦ ଫଳରେ ପରିଶେଷରେ ତାଙ୍କୁ କାରାମୁକ୍ତ କରାଗଲା । ତାଙ୍କୁ ସ୍ୱାଗତକରିବା ପାଇଁ ସେତେବେଳେ ସ୍ୱର୍ଣ୍ଣମନ୍ଦିରକୁ ଦୀପରେ ସଜାଯାଇଥିଲା । ସେ ଏହି ଦୀପାବଳିଦିନ କାରାମୁକ୍ତ ହୋଇ ଥିବାରୁ, ଏହିଦିନଟିକୁ ଅନ୍ଧାରରୁ ଆଲୋକସନ୍ଧାନ ପ୍ରାପ୍ତିର ଦିବସ ରୂପେ ଶିଖ ସମ୍ପ୍ରଦାୟ ପାଳିଆସୁଛନ୍ତି । ପାରମ୍ପରିକ ଭାବେ ଏହିଦିନରେ ଶିଖମାନେ ଗୋଇନ୍ଦୱାଲ୍ ସାହିବ ଗୁରୁଦ୍ୱାରକୁ ତୀର୍ଥକରି ଯାଆନ୍ତି । ତେଣୁ ଏହିଦିନଟିକୁ ଶିଖ ?ମାନଙ୍କ ପାଇଁ ଷଷ୍ଠଧର୍ମଗୁରୁଙ୍କ ସଂସ୍କରଣ ବନ୍ଦୀଛୋଡ୍ ଦିବସ ରୂପେ ପାଳନକରାଯାଏ ।

ଦୀପାବଳୀରେ ସମଗ୍ର ଭାରତରେ ଦିବ୍ୟ ଜନନୀଙ୍କର ନାନା ରୂପରେ ପୂଜା କରାଯାଏ । ବଙ୍ଗଳା, ଆସାମ, ଓଡ଼ିଶା ଓ ବିହାରରେ ଦୀପାବଳୀ ମା' କାଳୀଙ୍କ ପୂଜା କରାଯାଏ । କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ମଧ ରାତ୍ରିରୁ ତାନ୍ତ୍ରିକ ଓ ଶାକ୍ତ ମତରେ ଦେବୀଙ୍କର ପୂଜା ହୁଏ । ମାଟିରେ ତିଆରି ମୂର୍ତ୍ତି ସହ ବିଭିନ୍ନ ଶକ୍ତି ପୀଠରେ ଏହା ପାଳିତ ହୁଏ । ହିନ୍ଦୁ ଦେବୀ ମା' ଶ୍ୟାମାକାଳୀ ଦଶମହାବିଦ୍ୟା ମଧ୍ୟରୁ ଅନ୍ୟତମ ଓ ଦେବୀ ଦୁର୍ଗାଙ୍କର ଶକ୍ତିଶାଳୀ ସ୍ୱରୂପ । କାଳରୂପୀ ଶିବଙ୍କର ଶକ୍ତି କାଳୀ ନାମରେ ସେ ପରିଚିତା । ଚଣ୍ଡାସୁର ବଧ ସମୟରେ ଏହାଙ୍କର ଉତ୍ପତ୍ତି, ଏ ରକ୍ତବୀଜର ରକ୍ତ ପାନ କରିଥିଲେ। ଦକ୍ଷଯଜ୍ଞ ସମୟରେ ସତୀ ଏହି ମୂର୍ତ୍ତି ଧାରଣ କରିଥିଲେ । ମା' କାଳୀ ସ୍ୱରୂପରେ ଭୟଙ୍କର କୃଷ୍ଣକାୟା, ଚତୁର୍ଭୁଜା, ନଗ୍ନା, ଲୋଳଜିହ୍ୱା ଲହକା ଜିଭ, ମୁଣ୍ଡମାଳାଧାରିଣୀ । ତାଙ୍କର ଗୋଟିଏ ହାତ ଛିନ୍ନ-ମସ୍ତକ ,ନରମୁଣ୍ଡ ବା ଖପର ଧାରିଣୀ, ଅନ୍ୟଟି ଖଡ୍ଗ ଖଣ୍ଡାରେ ଶୋଭିତ, ତୃତୀୟଟି ତ୍ରିଶୂଳ ଧାରଣ କରି ପାପୀ ରାକ୍ଷସମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରେ ଓ ଚତୁର୍ଥ ହସ୍ତଟି ଭକ୍ତମାନଙ୍କୁ ଅଭୟ ମୁଦ୍ରାରେ ଆଶ୍ୱାସନା ଓ ଆଶୀର୍ବାଦ ଦେଉଥାଏ । ଭୀଷଣ ଭୟଙ୍କର ରୂପରେ ସେ ଶିବଙ୍କ ଉପରେ ଦଣ୍ଡାୟମାନା ।

ଥରେ ଶୁମ୍ଭ ଓ ନିଶୁମ୍ଭ ନାମକ ଦୁଇ ଜଣ ରାକ୍ଷସ ଭୀଷଣ ଶକ୍ତିଶାଳୀ ହୋଇ ଦେବତାମାନଙ୍କୁ ପ୍ରପୀଡ଼ିତ କରି ଭୀତତ୍ରସ୍ତ କରି ଦେଲେ । ଦେବତାମାନେ ମା'ଙ୍କର ସୁରକ୍ଷା ଭିକ୍ଷା କଲେ । ମା' ଦୁର୍ଗା ଗୋଟିଏ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ଭାବରେ ରାକ୍ଷସଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଲେ କିନ୍ତୁ ରାକ୍ଷସ ଦ୍ୱୟ ତାଙ୍କର ଦୁଇ ସହକାରୀ ଚଣ୍ଡ ଓ ମୁଣ୍ଡାଙ୍କୁ ପଠାଇ ମା'ଙ୍କୁ ଧରି ଆଣିବାକୁ ଆଦେଶ ଦେଲେ । ମା' ତତ୍ ?କ୍ଷଣାତ୍ ? ସେମାନଙ୍କୁ ସଂହାର କରି ଚାମୁଣ୍ଡେଶ୍ୱରୀ ନାମରେ ବିଦିତା ହେଲେ । ଏଥିରେ ବ୍ୟଥିତ ହୋଇ ଶୁମ୍ଭ, ନିଶୁମ୍ଭ ରକ୍ତବୀଜ ନାମକ ଏକ ପରାକ୍ରମୀ ରାକ୍ଷସକୁ ପଠାଇଲେ । ରକ୍ତବୀଜ ପାଇଥିବା ବର ଅନୁଯାୟୀ ତାର ପ୍ରତି ରକ୍ତବିନ୍ଦୁ ଭୂତଳପାତ ହେଲେ ଗୋଟିଏ ରାକ୍ଷସ ପୁଣି ଜନ୍ମ ନେଉଥିଲା । ଏହି ଅନିବାର୍ଯ୍ୟ ଶକ୍ତିକୁ ପରାହତ କରିବା ପାଇଁ ମା' ମହାକାଳୀ ରୂପ ଧାରଣ କରି ରକ୍ତବୀଜର ରକ୍ତବିନ୍ଦୁ ତଳେ ପଡ଼ିବା ପୂର୍ବରୁ ତାକୁ ପିଇ ଦେଉଥିଲେ । ଏହି ପ୍ରକ୍ରିୟାରେ ରକ୍ତବୀଜର ବର କାର୍ଯ୍ୟ କରିପାରିଲା ନାହିଁ । ଶେଷରେ ମା' ତାକୁ ବିନାଶ କରିଦେଲେ । ଏହାପରେ ଦେବୀ ଶୁମ୍ଭ ନିଶୁମ୍ଭକୁ ବଧ କଲେ । କିନ୍ତୁ ଦେବୀଙ୍କର କ୍ରୋଧ ଓ ଶକ୍ତିର ଅବସାନ ଘଟିଲା ନାହିଁ । ମୃତ୍ୟୁର ଭୟଙ୍କର ନୃତ୍ୟରେ ସେ ସବୁକିଛି ଧ୍ୱଂସ କରି ଚାଲିଲେ । ଦେବତାମାନେ ପ୍ରାର୍ଥନା କଲେ ମଧ ମା' ଶାନ୍ତ ହେଲେ ନାହିଁ । ଶେଷରେ ଶିବ ଯୁଦ୍ଧକ୍ଷେତ୍ରରେ ମୃତାହତ ରାକ୍ଷସମାନଙ୍କ ମଧ୍ୟରେ ମା'ଙ୍କର ଜୟଯାତ୍ରା ମାର୍ଗରେ ଶୋଇଗଲେ ଓ ଯେତେବେଳେ ମା'ଙ୍କର ପାଦ ଶିବଙ୍କ ବକ୍ଷାଘାତ କଲା ସେ ଜିଭ କାମୁଡ଼ି ପକାଇ, ସ୍ତମ୍ଭୀଭୂତ ହୋଇ ତତ୍‌କ୍ଷଣାତ୍ ଶାନ୍ତ ହୋଇଗଲେ ଏହି ରୂପେ ସୃଷ୍ଟି ଧ୍ୱଂସରୁ ରକ୍ଷା ପାଇଥିଲା।

ଏହି ଦୀପାବଳି ଓ ମା'ଙ୍କ ପୂଜା ଅବସରରେ ଓଡ଼ିଶାରେ ଏହି ଦିନ ବଡ଼ବଡୁଆ ଉଦ୍ଦେଶ୍ୟରେ ପିଣ୍ଡ ଦେଇସାରି କାଉଁରିଆ କାଠି ଜାଳନ୍ତି। କାଉଁରିଆ କାଠି ଜାଳିବାବେଳେ ଉଚ୍ଚାରଣ କରନ୍ତି: 'ବଡ଼ବଡୁଆ ହୋ / ଅନ୍ଧାରରେ ଆସ ଆଲୁଅରେ ଯା',/ ପୁରୁଷୋତ୍ତମରେ ମହାପ୍ରସାଦ ଖାଇ/ ବାଇଶି ପାବଛେ ଗଡ଼ଗଡାଉ ଥା' । ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରନ୍ତି । ଅସଂଖ୍ୟ ଭକ୍ତ ସେଦିନ ବାଇଶି ପାହାଚରେ ପିଣ୍ଡଦାନ କରି କାଉଁରିଆ କାଠି ବି ଜାଳନ୍ତି । ପିତୃଗଣଙ୍କ ଆଶୀର୍ବାଦ କାମନା କରନ୍ତି ।

ପବିତ୍ର ଦୀପାବଳି ଉତ୍ସବ କେବଳ ଓଡ଼ିଶାରେ ନୁହେଁ କି ଭାରତରେ ନୁହେଁ ନେପାଳ, ଶ୍ରୀଲଙ୍କା, ମିଆଁମାର, ମରିସସ, ଗୁଏନା, ତ୍ରିନିଦାଦ ଓ ଟବାଗୋ, ସୁରିନେମ, ମାଲେସିଆ, ସିଙ୍ଗାପୁର, ଓ ଫିଜିରେ ଏକ ସରକାରୀ ଛୁଟିଦିନ ଭାବରେ ଘୋଷିତ ହେଉଛି...!!!

ଅଧକ୍ଷ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪
ମୋ : ୯୦୪୦୧୫୧୪୭୫

## କ୍ଷତିକାରକ ବାଣ

ଦିଲ୍ଲୀପ କୁମାର ମହାରଣା

ଦୀପାବଳିରେ ବାଣଫୁଟାଇ ସମସ୍ତେ ଖୁସି ହେଉଥିବା ବେଳେ ପ୍ରାୟତଃ ପୋଡ଼ାଜଳା ଖବର ଆସିଥାଏ ଯାହା ଏହି ଖୁସିକୁ ପାଣି ଫଟାଇ ଦିଏ। ତେବେ ଏଥିରୁ ୯୫ ପ୍ରତିଶତ ଦୁର୍ଘଟଣାବଶତଃ ହୋଇଥିବାବେଳେ ୮୦ ପ୍ରତିଶତ ପୀଡ଼ିତ ମହିଳା ଏବଂ ଶିଶୁ ହୋଇଥାନ୍ତି। ଏଭଳି ଅଘଟଣ ଘଟିଲେ ଡାକ୍ତରଙ୍କ ପାଖକୁ ନେବା ପୂର୍ବରୁ ତୁରନ୍ତ କିଛି ପ୍ରାଥମିକ ଉପଚାର ସମ୍ପର୍କରେ ଜାଣନ୍ତୁ। ପୋଡ଼ିଯାଇଥିବା ସ୍ଥାନରୁ ପୋଷାକ କାଢ଼ି ଦିଅନ୍ତି। ଏହା ଉପରେ ତୁରନ୍ତ ଥଣ୍ଡା ପାଣି (ଅଧିକ ଥଣ୍ଡା ହୋଇନଥିବ) ଢ଼ାଳି ୩ରୁ ୫ ମିନିଟ ପର୍ଯ୍ୟନ୍ତ ରଖନ୍ତୁ। ଲହୁଣି କିମ୍ବା ଅନ୍ୟ କୌଣସି ଚିକ୍କଣ ପଦାର୍ଥ ବା ପାଉଡର ଏହା ଉପରେ ପକାନ୍ତୁ ନାହିଁ। କାରଣ ଏହାଦ୍ୱାରା ସଂକ୍ରମଣର ଆଶଙ୍କା ବଢ଼ିଯାଏ। ପୋଡ଼ାସ୍ଥାନ ଛୋଟ ହୋଇଥିଲେ ଢ଼ିଲା ଷ୍ଟେରାଇଲ୍ ପ୍ୟାଡ୍ ବାନ୍ଧି ଦେଇପାରନ୍ତି। ତୁରନ୍ତ ଡାକ୍ତରଙ୍କୁ ପଚାରି ଔଷଧ ଲଗାଇବେ। ଆଘାତ ସ୍ଥାନ ଛୋଟ ହୋଇଥିଲେ ସଫା ରଖି ଲଗାତର ଶୀତଳ ପଦାର୍ଥରେ ଚାପ ଦିଅନ୍ତୁ।

ଧାତୁ ବା ସିସାରେ ତିଆରି କୌଣସି ପାତ୍ରରେ ବାଣ ଫୁଟାନ୍ତୁ ନାହିଁ। ଯଦି କୌଣସି ବାଣ ଭଲ ଭାବେ ଫୁଟିନାହିଁ ତେବେ ତାକୁ ଆଉ ଥରେ ଜଳାଇବାର ଚେଷ୍ଟା କରିବେନି। କିଛି ସମୟ ଛାଡ଼ି ଦେଇ ନଜଳିଲେ ସେଥିରେ ପାଣି ପକାଇ ଦିଅନ୍ତୁ। ଶୁଖିଲା ସେହି ବାଣକୁ ଛାଡ଼ିଦେବା ବିପଜ୍ଜନକ। ଘର ଭିତରେ କୌଣସି ପ୍ରକାର ବାଣ ଫୁଟାନ୍ତୁ ନାହିଁ। ପିଲାମାନଙ୍କୁ ପକେଟ୍‌ରେ ବାଣ ରଖିବାକୁ ମନା କରନ୍ତୁ। କାରଣ କେତେକ ବିସ୍ଫୋଟକ ହୋଇଥାଏ ଯାହାକୁ ନଜଳାଇଲେ ମଧ୍ୟ ତାହା ଆପେ ଫୁଟିଯାଏ। ବାଣ ଉପରେ ଲେଖାଥିବା ନିର୍ଦ୍ଦେଶାବଳି ପଢ଼ି



ଖୋଲାଜାଗାରେ ଫୁଟାନ୍ତୁ। ଫୁଟାଇ ସାରିବା ପରେ ଅବଶେଷ ପାଣିରେ ପକାଇଦେବା ଭଲ। ନଚେତ ତାହା ଲୁଗାପଟା କିମ୍ବା ଶରୀରରେ ଲାଗି କ୍ଷତି କରିପାରେ।

ଦୀପାବଳିରେ ପ୍ରତିବର୍ଷ କୋଟି କୋଟି ଟଙ୍କାର ବାଣ ପୋଡ଼ି ଦିଆଯାଏ। ତେବେ ଏଗୁଡ଼ିକ ପରିବେଶ ସହିତ ସ୍ୱାସ୍ଥ୍ୟ ପାଇଁ ବି ବିପଜ୍ଜନକ ହୋଇଥାନ୍ତି। ଏଥିରୁ ବାହାରୁଥିବା ବିଷାକ୍ତ ଗ୍ୟାସ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ଉପରେ ବି ପ୍ରତିକୂଳ ପ୍ରଭାବ ପକାଏ। ଏହି ଧୂଆଁ ମଣିଷର କାନ, ଆଖି, ତ୍ୱଚାକୁ ପ୍ରଭାବିତ କରିବା ସହ ଶ୍ୱାସ ଏବଂ ହୃଦ୍‌ରୋଗୀଙ୍କ ପାଇଁ ଘାତକ ହୋଇପାରେ। ବାଣରୁ ଫସ୍‌ଫରସ, ସଲଫ୍‌ର, ପଟାସିୟମ କ୍ଲୋରେଟ୍ ପରି ବିଷାକ୍ତ ଗ୍ୟାସ ବାହାରିଥାଏ। ଏହା ଆଖି ପାଇଁ ଖୁବ୍ କ୍ଷତିକାରକ। ପୁଣି ଜୋର ଆଲୋକ ବାହାରେ। ଫଳରେ ବାଣକୁ ଚାହିଁ ରହିବା ପରେ କିଛି ସମୟ ପର୍ଯ୍ୟନ୍ତ ଆଖିକୁ ଦେଖାଯାଏ ନାହିଁ। ଏହି ତୀବ୍ର ଆଲୋକ ଆଖିରେ କୋମଳ ପିତୁଳା ପ୍ରତି କ୍ଷତିକାରକ ହୋଇପାରେ। ବାଣ ଫୁଟିବା ଦ୍ୱାରା ହେଉଥିବା ଜୋର ଶବ୍ଦରେ କାନର ସ୍ପର୍ଶକାତର ପରଦା ବି ପ୍ରଭାବିତ ହୋଇଥାଏ। ଏଥିରୁ ବାହାରୁଥିବା ସଲଫ୍‌ର ଡାଇଅକସାଇଡ୍, କାର୍ବନ ଡାଇଅକ୍‌ସାଇଡ, କାର୍ବନ ମନୋକ୍‌ସାଇଡ୍ ଆଦି ଗ୍ୟାସ ଫୁସ୍‌ଫୁସ୍‌ରେ ପହଞ୍ଚିବାରୁ ସାଧାରଣ ଲୋକଙ୍କ ବାଦ ଶ୍ୱାସରୋଗୀମାନେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି। ଦୀପାବଳି ପରେ ବି ଏହି ରୋଗଗୁଡ଼ିକ କିଛି ଦିନ ବାୟୁମଣ୍ଡଳରେ ରହିଥାଏ। ତେଣୁ ଏହି କିଛି ଦିନ ଶ୍ୱାସରୋଗୀମାନେ ମର୍ଣ୍ଣିଂୱାକ୍ ବନ୍ଦ ରଖିବା ଉଚିତ। ସଲଫର ଡାଇଅକ୍‌ସାଇଡ, କାର୍ବନ ମନୋକ୍‌ସାଇଡ୍, କାବର୍ନ ଡାଇଅକ୍‌ସାଇଡ୍, ନାଇଟ୍ରୋଜେନ ଅକ୍‌ସାଇଡ, ନାଇଟ୍ରସ ଅକ୍‌ସାଇଡ୍ ପରି ଗ୍ୟାସରୁ ଆଜ୍‌ମା, ହୃଦ୍‌ରୋଗ, ବ୍ଲଡ଼୍ ପ୍ରେସର ଏବଂ ଅନ୍ୟ କେତେକ ରୋଗ ସ୍ଥାୟୀ ଭାବେ ହୋଇପାରେ। ବାଣର ବାରୁଦରେ ବ୍ଲାକ କିମ୍ବା ଫ୍ଲାସ୍ ପାଉଡର ରହିଥାଏ ଯେଉଁଥିରେ ସୋଡ଼ିୟମ, ପଟାସିୟମ, ଆଲୁମିନିୟମ, ଆଇରନ, କପର, ବେରିୟମ ଆଦି ରସାୟନ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ପ୍ରତ୍ୟେକ କ୍ଷେତ୍ରରୁ ବିପଜ୍ଜନକ ତଥା କ୍ଷତିକାରକ ବାଣ। କେବଳ ଦୀପାବଳିରେ ପ୍ରଦୂଷଣ ୩୦ ପ୍ରତିଶତ ବଢ଼ିଯାଏ ଯାହା ପରଦିନ କୁହୁଡ଼ି ଆକାରରେ ଦେଖାଯାଏ। ବାୟୁ ପ୍ରଦୂଷଣ ସହିତ ଶବ୍ଦ ପ୍ରଦୂଷଣ ବି ବଢ଼େ। ପୁଣି ଏଥିରେ ଥିବା କ୍ୟାଡମିୟମ କିଡ଼୍‌ନୀ ଖରାପର କାରଣ ହୋଇପାରେ। ବାରୁଦରେ ଥିବା ତତ୍ତ୍ୱରୁ ବାନ୍ତି ହେବା ସହିତ ନାଇଟ୍ରସ କେମିକାଲ ମଣିଷଣ ମାନସିକ ସନ୍ତୁଳନ ବିଗାଡ଼ିବା ପାଇଁ ଯଥେଷ୍ଟ। ବାଣ ଜଳିଯିବା ପରେ ବି ଏହାର ପ୍ରଭାବ ଶେଷ ହୋଇନଥାଏ। ଏହାକୁ ଫୁଟାଇବା ପରେ ରହିଯାଉଥିବା ଆବର୍ଜନା ମଧ୍ୟ କ୍ଷତିକାରକ। ଖୋଲାରେ ଫିଙ୍ଗି ଦିଆଗଲେ ଏହି ଆବର୍ଜନା ମାଟିରେ ମିଶି ମାଟିରେ କ୍ଷତି କରିବା ସହ ଜଳାଇ ଦିଆଗଲେ ପରିବେଶ ପ୍ରତି କ୍ଷତିକାରକ ହୋଇଥାଏ। ପଶୁପକ୍ଷୀ, ଶିଶୁ ତଥା ନବଜାତକମାନଙ୍କ ପାଇଁ ବି ବାଣ କ୍ଷତି କରେ। ତେଣୁ ଦୀପାବଳିରେ ବାଣ ପୁଟାଇବା ବ୍ୟତୀତ ଦୀପ ଜଳାଇ ପାଳନ କରିବା ଉଚିତ।

ଦୀପାବଳି ସମୟରେ ଋତୁ ପରିବର୍ତ୍ତନ ହେଉଥିବାରୁ ଶ୍ୱାସରୋଗୀମାନଙ୍କ ସମସ୍ୟା ହଠାତ୍ ବଢ଼ିଯାଏ। ଏହା ସହିତ ଆତସବାଜିର ଧୂଆଁ ସେମାନଙ୍କ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରେ। ଏହା ଆଲର୍ଜିକ ରିଆକ୍‌ସନ ସୃଷ୍ଟି କରିବା ସହିତ ଖୁବ୍ କଷ୍ଟଦାୟକ। ତେଣୁ କେତେକ ସତର୍କତାମୂଳକ ପଦକ୍ଷେପ ଶ୍ୱାସରୋଗୀମାନଙ୍କୁ ବାଣଫୁଟା ଠାରୁ ଦୂରରେ ରଖନ୍ତୁ। ପ୍ରଚୁର ପରିମାଣରେ ପାଣି ତଥା ଅନ୍ୟ ତରଳ ପଦାର୍ଥ ପିଇବା ସହିତ ଷ୍ଟିମ୍ ବାଥ୍ ବା ବାମ୍ପ ସ୍ନାନ କରିବା ଉଚିତ। ପ୍ରଦୂଷଣ ମାତ୍ରା ଅଧିକ ମନେହେଲେ ତୁରନ୍ତ ମାସ୍କ ଲଗାନ୍ତୁ। ବାରୁଦ ବାଣ ଅପେକ୍ଷା ଶ୍ୱାସ ସମସ୍ୟା ଥିବା ଲୋକେ ଇଲେକ୍‌ଟ୍ରୋନିକ୍ ବାଣଫୁଟାର ମଜା ନେଇପାରିବେ। ଏହାଦ୍ୱାରା ମଧ୍ୟ ଶବ୍ଦ ଏବଂ ବାୟୁ ପ୍ରଦୂଷଣ ହୋଇନଥାଏ। ଏୟାର ବ୍ୟବହାର ହୋଇଥିବାରୁ ଏହା ପ୍ରଦୂଷଣ କମ୍ କରେ। ଦୀପାବଳି ପୂର୍ବରୁ ହେଉଥିବା ଧୂଆପୋଛା ଏବଂ ରଙ୍ଗଦିଆ କାମରେ ଦୂରେଇ ରହିବା ସହିତ ଏହି ପର୍ବ ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରିନିଅନ୍ତୁ।

+ଶିଖରପୁର ଉପରସାହି, କଟକ

# ତମସୋ ମା ଜ୍ୟୋତିର୍ଗମୟ...

## ଧାରାବାହିକ:

ଭାଗ-୨୭

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

**୨୪ଶ ଅଧ୍ୟାୟ**

**॥ ରାହୁ ଓ ପାତାଳର ସ୍ଥିତି ॥**

ସୂର୍ଯ୍ୟଙ୍କ ଅୟୁତ ଯୋଜନର ତଳେ ସିଂହିକା ପୁତ୍ର ଅସୁର ରାହୁଗ୍ରହର ସ୍ଥିତି । ଦେବାସୁରଙ୍କ ମଧ୍ୟରେ ମୋହିନୀ ରୂପି ବିଷ୍ଣୁ ଅମୃତ ବାଣ୍ଟୁଥିବା ସମୟରେ ଦେବତାଙ୍କ ଭିତରେ ଥାଇ ଅମୃତପାନ ସମୟରେ ସୂର୍ଯ୍ୟ ଓ ଚନ୍ଦ୍ର ତାଙ୍କୁ ଚିହ୍ନାଇଦେବାରୁ ବିଷ୍ଣୁ ରାହୁଙ୍କ ମୁଣ୍ଡ କାଟିଦେଇଥିଲେ ହେଁ ଅମୃତପାନ କାରଣରୁ ସେ ଜୀବିତ ରହିଲେ । ସେହି ବୈରତାର କାରଣ ସ୍ୱରୂପ ରାହୁ ପୂର୍ଣ୍ଣିମା ଓ ଅମାବାସ୍ୟାରେ ଚନ୍ଦ୍ରଙ୍କୁ ଆକ୍ରମଣ କରୁଥିଲେ ହେଁ ସୁଦର୍ଶନ ଚକ୍ର ଭୟରେ ପଳାଇ ଆସେ । ରାହୁର ଦଶ ଯୋଜନ ତଳେ ସିଦ୍ଧ ବିଦ୍ୟାଧରଙ୍କ ପୁର, ତା ତଳକୁ ଯକ୍ଷ, ପିଶାଚସ୍ଥଳୀ ଏବଂ ତା ତଳେ ପୃଥିବୀ । ପୃଥିବୀ ତଳେ ପାତାଳ ଯେଉଁଥିରେ ନାଗମାନେ ବାସ କରନ୍ତି । ସ୍ୱର୍ଗଠାରୁ ମଧ୍ୟ ସୁନ୍ଦର ନାଗଲୋକରେ ବ୍ୟାଧିଭୟ ନାହିଁ ବରଂ ସମସ୍ତ ଉପଭୋଗ୍ୟ ପଦାର୍ଥ ସେଠାରେ ଥାଏ । ଏଠି ମୟଦାନବ ପୁତ୍ର ସୁରବଳ ବାସକରିବା ସହ ମାୟାରେ କାମନୀ ସୃଷ୍ଟିକରି ବିଭିନ୍ନ ପ୍ରକାର କ୍ରୀଡାକରେ । ଏହି ପୁରର ତଳ ଭ ।ଗକୁ ବିତଳ ଯେଉଁଠି ଭଗବାନ ହଟକେଶ୍ୱର ଶମ୍ଭୁଙ୍କ ଅବସ୍ଥାନ । ମା ଭବାନୀଙ୍କ ସହିତ ସେ ବିହାର କରୁଥିବା କାରଣରୁ ତାଙ୍କ ତେଜବୀର୍ଯ୍ୟରୁ ହାଟକୀ ନାମକ ନଦୀ ପ୍ରବାହିତ ହେଉଛି ଯେଉଁଥିରେ ଦୈତ୍ୟ ସ୍ତ୍ରୀମାନେ ଅଳଙ୍କାର ପ୍ରସ୍ତୁତ କରି ପରିଧାନ କରିଥାନ୍ତି । ବିତଳ ତଳେ ସୁତଳ, ଏଠାରେ ମହାଦାନୀ ବିରୋଚନ ପୁତ୍ର ବାଳୀଙ୍କର ରାଜୁତି ଚାଲେ । ଭଗବାନ ବାମନ ବାଳୀଙ୍କୁ ତ୍ରିଲୋକ ଅଧିକାରରୁ ବଞ୍ଚିତ କରି ଏହି ଦେବ ଦୁର୍ଲ୍ଲଭ ପୁରକୁ ପ୍ରଦାନ କରିଛନ୍ତି । ଏହାର ତଳେ ତଳାତଳ ଯେଉଁଠି ମୟ ଦାନବ ସୁଦର୍ଶନ ଡରରେ ଶଙ୍କରଙ୍କ ଶରଣାପନ୍ନ ହେବାରୁ ସେ ଏହାକୁ ପ୍ରଦାନ କରିଛନ୍ତି । ଏହାର ନିମ୍ନରେ ମହାତଳ ଯେଉଁଠି ତକ୍ଷକାଦି ନାଗମାନଙ୍କର ବାସସ୍ଥାନ । ଏହାର ନିମ୍ନରେ ରସାତଳରେ ଦୈତ୍ୟପତିମାନେ ବାସ କରନ୍ତି । ତା ତଳେ ପାତାଳ ଯେଉଁଠି ନାଗରାଜ ବାସୁକୀ ନିଜ ପରିବାର ସହ ବାସ କରନ୍ତି ।

**୨୫ଶ ଅଧ୍ୟାୟ**

**॥ ଶ୍ରୀ ସଙ୍କର୍ଷଣ ଦେବ ॥**

ପାତାଳଲୋକର ନିମ୍ନ ଦେଶରେ ଭଗବାନଙ୍କ ତାମସୀ କଳା ସହସ୍ର ଫଣାଯୁକ୍ତ ଅନନ୍ତ ନାମରେ ପ୍ରକାଶିତ । ଯାହାଙ୍କ ଫଣାରେ ସାରା ଭୂମଣ୍ଡଳ ସୋରିଷଟିଏ ସଦୃଶ ନିଶ୍ଚଳ ଭାବେ ରହିଛି । ତାଙ୍କୁ ହିଁ ଭକ୍ତମାନେ ସଙ୍କର୍ଷଣ ବୋଲି କହିଥାନ୍ତି । ସେ ପ୍ରଳୟକାଳରେ ରୁଦ୍ରମୂର୍ତ୍ତି ଧାରଣ ପୂର୍ବକ ସଂହାର କରନ୍ତି । ସେହି ଅନନ୍ତ ଭଗବାନଙ୍କ ଶ୍ରୀଚରଣରେ ସମମସ୍ତେ ନିରନ୍ତର ସେବା କରନ୍ତି ।

**୨୬ଶ ଅଧ୍ୟାୟ**

**॥ ବିଭିନ୍ନ ନରକ ବର୍ଣ୍ଣନା ॥**

ରାଜା ପରୀକ୍ଷିତ ପଚାରିଲେ, ହେ ମହର୍ଷି ଲୋକମାନଙ୍କର ଯେଉଁ ସବୁ ଗତି ହେଉଛି ତାହାର କାରଣ ମୋତେ ବିସ୍ତାରରେ କୁହନ୍ତୁ । ଶୁକଦେବ କହିଲେ, ରାଜା ମନୁଷ୍ୟ ଗୁଣ (ସତ୍ୱ,ରଜ ଓ ତମ) ଭେଦରେ କର୍ମ କରେ, ନିଷିଦ୍ଧ କର୍ମ ପାପ ଏବଂ ପାପାଚାରୀର ସ୍ଥାନ ହେଉଛି ନର୍କ । ପରୀକ୍ଷିତ ପୁନର୍ବାର ନରକ ସମ୍ପର୍କରେ ପଚାରିବାରୁ ଶୁକମୁନି କହିଲେ,ଏହି ତ୍ରିଲୋକ ମଧ୍ୟରେ ଦକ୍ଷିଣ ଦିଗକୁ ଅର୍ଦ୍ଧଦେଶ ଭୂମି ଓ ଅର୍ଦ୍ଧେକ ଜଳରେ ରହିଅଛି । ଏହି ଦିଗରେ ମଧ୍ୟ ପିତୃଗଣ ରହି ସ୍ୱ ଗୋତ୍ରର କଲ୍ୟାଣ ନିମିତ୍ତ ଦୃଷ୍ଟିପାତ କରୁଛନ୍ତି । ଏହି ନରକ ଲୋକର ମୃତ୍ୟୁ ଦେବତା ଯମ ନିଜର ସହଚରଙ୍କ ସହ ବାସ କରନ୍ତି ତଥା ମୃତପ୍ରାଣୀର କର୍ମାନୁସାରେ ଦଣ୍ଡ ପ୍ରଦାନ କରନ୍ତି । ଏହି ନରକର ସଂଖ୍ୟା କେହିକେହି ୨୧ ତ କେହି ୨୮ ପୁଣି କେହି ୮୪ ବୋଲି କହିଥାନ୍ତି । ତା ମଧ୍ୟରେ ଅନ୍ଧକୂପ, ଅସିପତ୍ର, ଶ୍ୱାନମୁଖ, ରୌରବ, ମହାରୌରବ, କୁମ୍ଭୀପାକ, ଅନ୍ଧତମିସ, କୃମିଭୋଜନ, ବଜ୍ରକଣ୍ଟକ ଏବଂ ଶାଲ୍ମଳୀ ଇତ୍ୟାଦି ପ୍ରଧାନ । ଯେଉଁ ବ୍ୟକ୍ତି ପରସ୍ତ୍ରୀ, ଅପତ୍ୟ ବା ଧନ ଅପହରଣ କରେ ସେ ତାମିସ୍ର ନରକରେ ପଡି କ୍ଷୁଧା, ତୃଷା ଓ ଯମ ଦୂତଙ୍କର ନିଷ୍ଠୁର ପ୍ରହାର ଭୋଗକରେ । ଯେ ଅପରକୁ ପ୍ରତାରଣା ବା କଷ୍ଟ ଦେଇ ନିଜେ ସ୍ତ୍ରୀ, ଧନ ଇତ୍ୟାଦି ଭୋଗକରେ ସେ ରୌରବ ନରକରେ ପଡେ । ସେଠାରେ ରୁ ରୁ ନାମଧାରୀ ସର୍ପଠାରୁ ବି ଭୟଙ୍କର ସରିସୃପ ଆକ୍ରମଣର ଶିକାର ହୋଇ ବିଷଜ୍ୱାଳାରେ ଛଟପଟ ହୁଏ । ଯେଉଁମାନେ ଭୃତ୍ୟ ଦ୍ରୋହୀ, ଜୀବ ହିଂସାକାରୀ ସେମାନେ ମଧ୍ୟ ଏହି ନରକ ଭୋଗ କରନ୍ତି ଏହା ବାଦ କୁମ୍ଭୀପାକ ନରକରେ ଥିବା ଉତ୍ତପ୍ତ ତୈଳକୁଣ୍ଡରେ ବି ସେମାନଙ୍କୁ ପକାଯାଏ। ଯେଉଁମାନେ ପିତାମାତା, ବେଦ, ବ୍ରାହ୍ମଣ ବିରୋଧି ସେମାନଙ୍କୁ ଫୁଟୁଥିବା ତରଳ ସୁବର୍ଣ୍ଣ ମଧ୍ୟକୁ ପକାଯାଏ । ଯେଉଁମାନେ ପରକୁ କଷ୍ଟଦେଇ ନିଜେ ସୁଖରେ ବଞ୍ଚିବାକୁ ଚେଷ୍ଟା କରନ୍ତି ସେମାନଙ୍କୁ ଯମପୁରର ଭୀଷଣାକୃତି କୁକୁରମାନେ ଭକ୍ଷଣ କରିବା ସହ ସେମାନଙ୍କୁ ମଳ, ମୂତ୍ର, ପୂଜ ଓ ରକ୍ତରେ ପରିପୂର୍ଣ୍ଣ ମହା ଦୁର୍ଗନ୍ଧମୟ ତପ୍ତ ବୈତରଣୀରେ ପକାଯାଏ । ସେଠାରେ ଜଳଜୀବମାନେ ତାକୁ ଖାଇଯାଆନ୍ତି ତଥାପି ବି ଜୀବ ଅବଶେଷ ରହିଥାଏ । ଯେଉଁମାନେ ଆଶାଦେଇ ନିରାଶା ଦିଅନ୍ତି ସେମାନେ କୃମୀଭୋଜନ ନରକରେ କୃମିଙ୍କର ଆହାର ହୁଅନ୍ତି । ଭୁକ୍ତ ଦ୍ରବ୍ୟକୁ ଅନ୍ୟକୁ ବଣ୍ଟନ ନକରି ଯେ ଏକାକୀ ଭୋଜନ କରେ ତାର ମଧ୍ୟ ଏହି ଦଶା ହୁଏ । ସ୍ଥାପିତ ଦ୍ରବ୍ୟକୁ ଯେ ହରଣ କରେ ସେ ପିଶାଚ ହୋଇଯାଏ । ସ୍ୱଧର୍ମ ତ୍ୟାଗ ପୂର୍ବକ କୁମାର୍ଗରେ ଯାଉଥିବା ବ୍ୟକ୍ତି ଯମଦୂତଙ୍କ ନିଷ୍ଠୁର ପ୍ରହାର ଖାଇଥାନ୍ତି । ଅଗମ୍ୟା ନାରୀହରଣ କିମ୍ୱା ନାରୀର ଅଗମ୍ୟ ପୁରୁଷ ରମଣରେ ତପ୍ତତୈଳଦ୍ରୋଣୀରେ ପଡିବାକୁ ହୁଏ । ବଜ୍ରକଣ୍ଟକ ଓ ଶାଲ୍ମଳୀ ନରକରେ ବି ସେମାନଙ୍କୁ କଣ୍ଟକବିଦ୍ଧ ହେବାକୁ ହୁଏ । ତା ସହିତ ଉତ୍ତପ୍ତ ଲୌହ ମୂର୍ତ୍ତିକୁ ଆଲିଙ୍ଗନ କରିବାକୁ ପଡେ । ସ୍ତ୍ରୀ କିମ୍ୱା ଶିଶୁବଧ ପାତକୀଗଣକୁ ଅବନା ନରକରେ ପଡିବାକୁ ହୁଏ । ସେଠାରେ ନିହତ ସ୍ତ୍ରୀ ଓ ଶିଶୁମାନେ ରାକ୍ଷସ ରୂପଧରି ତା ଦେହରୁ ରକ୍ତପାନ କରନ୍ତି । ପାଳିତ ପଶୁବଧର କାରଣ ସ୍ୱରୂପ ଭୟଙ୍କର ମୁଖଧାରୀ ଯମଗଣଙ୍କ ଖାଦ୍ୟରେ ପରିଣତ ହେବାକୁ ହୁଏ । ଯେଉଁମାନେ ଅନ୍ୟକୁ ଯନ୍ତ୍ରଣା ଦିଅନ୍ତି କିମ୍ୱା ବୁଡାଇ ମାରନ୍ତି ସେମାନଙ୍କୁ ଯମଦୂତମାନେ ଗର୍ତ୍ତକୁ ନିକ୍ଷେପ କରନ୍ତି । ଅତିଥିଙ୍କୁ ଯେଉଁମାନେ କୁ ବ୍ୟବହାର ଦେଖାନ୍ତି ସେମାନେ ମୃତ୍ୟୁଅନ୍ତେ ଘୋର ଯାତନା ପାଆନ୍ତି । ଅଶୌଚ ବା ଅନାଚାରୀ ମନୁଷ୍ୟ ମୃତ୍ୟୁପରେ ମଳମୂତ୍ର ପତିତ ସାଗରରେ ପଡିବାକୁ ହୁଏ । ପଶୁମାଂସ ଭକ୍ଷଣ କରୁଥିବା ବ୍ୟକ୍ତି ମୃତ୍ୟୁପରେ ସେହି ପଶୁମାନଙ୍କ ଆକ୍ରମଣର ଶିକାର ହୁଏ । ଖାଦ୍ୟଲୋଭ ଦେଖାଇ ଜୀବବଧ କରୁଥିବା ବ୍ୟକ୍ତିଙ୍କୁ ସେହି ପ୍ରାଣୀଙ୍କର ଜୀବନ ଖାଦ୍ୟ ହେବାକୁ ହୁଏ । ଯେଉଁମାନେ କାମାସକ୍ତ ହୋଇ ସବର୍ଣ୍ଣ ଭାର୍ଯ୍ୟାକୁ ରେତପାନ କରାନ୍ତି ସେମାନଙ୍କୁ ରେତ ନଦୀରେ ପଡିବାକୁ ହୁଏ । ମିଥ୍ୟା ସାକ୍ଷ ଦେଉଥିବା ମନୁଷ୍ୟକୁ ମୃତ୍ୟୁପରେ ବନ୍ଧୁର ଓ କର୍କଶ ରାସ୍ତାରେ ଯାଇ କ୍ଷତବିକ୍ଷତ ହେବାକୁ ପଡେ ଓ ଲୌହଦଣ୍ଡରେ ମାଡ ଖାଇବାକୁ ପଡେ । ମଦ୍ୟପାନ କରୁଥିବା ବ୍ୟକ୍ତିକୁ ଅୟଃପାନ ନାମକ ନରକରେ ଆଉଟା ଲୁହାରେ ପଡିବାକୁ ହୁଏ । ନିରପରାଧ ଜୀବକୁ ନିଜର ଖେଳ ପାଇଁ ବ୍ୟବହାର କରୁଥିବା ବ୍ୟକ୍ତିକୁ ଯମଦୂତମାନେ ଶୂଳପୀଡା ଦିଅନ୍ତି । ରାଜନ ନରକର ବର୍ଣ୍ଣନା ଏପରି । କେବଳ ଧର୍ମାତ୍ମା ବ୍ୟକ୍ତିମାନଙ୍କୁ ସ୍ୱର୍ଗପ୍ରାପ୍ତି ହୁଏ । ନରକ ତଥା ସ୍ୱର୍ଗ ଭୋଗଦ୍ୱାରା ପ୍ରାଣୀର ଅଧିକାଂଶ ପାପ ବା ପୁଣ୍ୟ କ୍ଷୟ ହୋଇଗଲେ ସେ ଅବଶିଷ୍ଟ ପାପପୁଣ୍ୟ ନେଇ ପୁନର୍ବାର ଇହଲୋକରେ ଜନ୍ମନିଏ । ହେ ରାଜନ, ବିଶ୍ୱବ୍ରହ୍ମାଣ୍ଡର ସ୍ଥୁଳ ଧାରଣା ପ୍ରଦାନ କଲି ଯାହା ବିଶ୍ୱସ୍ରଷ୍ଟା ଭଗବାନଙ୍କର ଅତ୍ୟନ୍ତ ଅଦଭୂତ ଓ ବିଚିତ୍ର ସ୍ଥୁଳ ରୂପଅଟେ ।

**୬ଷ୍ଠ ସ୍କନ୍ଧ**

**୧ମ ଅଧ୍ୟାୟ**

**॥ ଅଜାମିଳ ଉପାଖ୍ୟାନ ॥**

ରାଜା ପରୀକ୍ଷିତ ଶୁକଦେବଙ୍କୁ ପ୍ରଣତି ଜଣାଇ କହିଲେ, ଗୁରୁଦେବ ଆପଣତ ପ୍ରବୃତ୍ତି ଓ ନିବୃତ୍ତି ତଥା ବିଶ୍ୱ ବ୍ରହ୍ମାଣ୍ଡର ସ୍ଥିତି ସମ୍ପର୍କରେ କହିଲେ ଏବଂ ନରକର ଘୋର ଯାତନା କଥା ମଧ୍ୟ କହିଲେ । ଏହା ଶୁଣି ମୋ ମନରେ ପ୍ରଶ୍ନଟିଏ ଆସୁଛି କଣ କଲେ ମନୁଷ୍ୟ ଏହି ଭୟଙ୍କର ଯାତନାରୁ ରକ୍ଷା ପାଇପାରିବ । ଶୁକଦେବ କହିଲେ, ରାଜା, ମନୁଷ୍ୟର କାୟ, ମନ ଓ ବାକ୍ୟ ରୂପରେ ତିନିପ୍ରକାର ପାପ ହୋଇଥାଏ ଯାହାର ପ୍ରାୟଶ୍ଚିତ ନ ହେଲେ ମୃତ୍ୟୁପରେ ଯମଯନ୍ତ୍ରଣା ଭୋଗ କରିବାକୁ ପଡେ । ଏଣୁ ସ୍ୱକୃତ ପାପର ପ୍ରାୟଶ୍ଚିତ ନିମନ୍ତେ ପ୍ରାଣୀ କଷ୍ଟ, ଯାତନା ସହି ଆଚରଣ କରିବା ଉଚିତ । ସଂସାରର ମାୟା ଏପରି ଯେ ଭଗବାନଙ୍କ ଆରାଧନା କରୁଥିବା ବ୍ୟକ୍ତି ମଧ୍ୟ ମାୟାର କବଳରେ ପଡି ଭୁଲ କରିବସେ, ସଂସାରରେ ସଦଗୁରୁ ଶିଷ୍ୟକୁ ସଚେତ କରାଇ ପ୍ରାୟଶ୍ଚିତର ବିଧାନ ଦିଅନ୍ତି । ରାଜା ପଚାରିଲେ, ହସ୍ତୀ ଯେପରି ସ୍ନାନ କରିସାରି ପୁଣି ଧୂଳିରେ ସ୍ନାନକରେ ସେହିପରି ମନୁଷ୍ୟ ପ୍ରାୟଶ୍ଚିତ କରିବା ପରେ ଯଦି ପାପାଚରଣରେ ଲାଗେ ତାହାଲେ ତାର ଅବସ୍ଥା କିପରି ହେବ । ଶୁକଦେବ କହିଲେ ରୋଗର ନିରାକରଣ ନିମନ୍ତେ ଔଷଧ ସେବନ ସହ ପଥ୍ୟର ଆବଶ୍ୟକତା ଭଳି ତପସ୍ୟା, ଯମ, ନିୟମାଦି ଯୋଗ, ଶମ, ଦମ, ଶୌଚ, ତ୍ୟାଗ, ସତ୍ୟ, ବ୍ରହ୍ମଚର୍ଯ୍ୟ, ଦୀକ୍ଷା, ଶ୍ରଦ୍ଧା, ବିନୟ ଆଦି ଗୁଣ ଦ୍ୱାରା କାୟମନୋବାକ୍ୟ ସୁଦ୍ଧ କରିବାକୁ ପଡିବ । ଯେପରି ବାଉଁଶର ଘର୍ଷଣ ଫଳରେ ଜାତ ଅଗ୍ନି କୋମଳ ଓ କର୍କଶ ବାଉଁଶକୁ ପୋଡି ଛାରଖାର କରିଦିଏ ସେହିପରି ଗୋଟିଏ ଭୁଲ ସମସ୍ତ ପୁଣ୍ୟ ନଷ୍ଟ କରିଦିଏ ତ ସତକର୍ମଜନୀତ ପୁଣ୍ୟାଗ୍ନି ତାର ସମସ୍ତ କଳୁଷକୁ ମଧ୍ୟ ପୋଡି ପାଉଁଶ କରିଦିଏ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ସଙ୍ଗୀତ

# ଆତ୍ମବିଶ୍ୱାସର ଦୀପଟିଏ ଜଳୁଥାଉ



ଶ୍ୱେତା ରାଉତ୍

ଜ୍ଞାନର ଗରିମା ଭିତରେ ଏବେ ଆମେ ଅଜ୍ଞାନୀ, ଧର୍ମର ଢେଙ୍ଗୁରା ପିଟି ଆମେ ଧରିଥାଉ ଅଧର୍ମର ହାତ, ଦୁନିଆକୁ ଜୀବନର ଚିକ୍ ମିକ୍ ସୁନେଲି ସକାଳ ଦେଖାଉ ସିନା ଆମେ କିନ୍ତୁ ବୁଡି ରହିଥାଉ ଅନ୍ଧାରର କାଳ କୋଠରୀ ଭିତରେ। ଦୀପାବଳିରେ ଘର ଅଗଣାକୁ ଆଲୋକରେ ସଜାଇ ଥାଉ ଅଥଚ ଅନ୍ଧାର ଓ ହତାସର ନଈରେ ପହଁରୁଥାଏ ହୃଦୟର ଜହ୍ନ। ବାସ୍ତବରେ ଆମେ କାହାକୁ ଠକୁ, କାହାକୁ ଦେଖାଉ ଆମେ ଆନନ୍ଦରେ ଅଛୁ,କାହା ପାଇଁ ଆମର ଲୋକ ଦେଖଣା ପୂଜା-ପର୍ବ, ଯାନି-ଯାତରା। ଜୀବନରେ ମଣିଷ ଚାହେଁ କଣ ?

ଏବେ ଆଉ ଗାଁ କିମ୍ୱା ସହରରେ କିଛି ଫରକ ନାହିଁ। ରାସ୍ତା, ବଜାର, ଆଲୋକ ସବୁଥିରେ ଗାଁ ବି ସହରଠୁ କିଛି କମ୍ ଲାଗୁନି ।ଦୀପାବଳି ପର୍ବ ପାଇଁ ଚାରିଆଡ ଉତ୍ସବ ମୁଖର। 'ତମସୋ ମା ଜ୍ୟୋତିର୍ଗମୟ' ଭାବରେ ଅନ୍ଧାରରୁ ଆଲୋକ, ଅଜ୍ଞାନରୁ ଜ୍ଞାନ, ଅଧର୍ମରୁ ଧର୍ମ ଆଡ଼କୁ ପ୍ରେରିତ କରେ ଏହି ପର୍ବ। ଖୁବ୍ ସାଜସଜ୍ଜାରେ ଚମକୃତ ହୋଇଥାଏ ଘର ଅଗଣା।

ଏ ପର୍ବ ଅବସରରେ ଆମେ ଫେସବୁକ୍ କିମ୍ୱା ହ୍ୱାଟ୍ସପ୍‌ରେ ଶୁଭେଚ୍ଛା ଜଣାଇବା ଛାଡ଼ି ନିଜ ନିଜର ସମ୍ପର୍କୀୟଙ୍କ ଜୀବନରେ ଟିକେ ଆନନ୍ଦର ଆଲୋକ ଦେଇ ଦୀପାବଳି ପାଳନ କରି ପାରିବା। ଚାଲନ୍ତୁ ଆମେ ମନର ଜମିଥିବା ଅନେକ ଦିନର ମଇଳାକୁ ସଫା କରିବା,ଆଶାର ଦୀପଟିଏ ଜାଳିବା, ଶ୍ରଦ୍ଧାପୂର୍ବକ ପୟା ଶ୍ରାଦ୍ଧ ସ୍ଥାନରେ ଶୁଦ୍ଧ ବିଚାରର ଆରୋହଣ କରିବା। ପର୍ବ, ସ୍ଥୁଳ ଜଗତରେ କେହି କେମିତି ପାଳନ କରୁ, ସୂକ୍ଷ୍ମ ଜୀବନରେ ଶାନ୍ତ ମନ, ନିଃସ୍ୱାର୍ଥ ଭାବନା ଓ ସନ୍ତୋଷ ଧନରେ ଧନ୍ୱନ୍ତରି ପୂଜା କରିପାରିବା। ଯଦି ମନ ଠିକ୍ ନଥାଏ, ଆପଣ ଗୋଟେ ଟ୍ରକ୍ ବୋଝେଇ କରି ବାଣ ଆଣିଲେ ବି ଫୁଟେଇ ପାରିବେ ନାହିଁ। ଯଦି ସ୍ୱାସ୍ଥ୍ୟ ଭଲ ନଥାଏ, ଆପଣ ଯେତେ ଦାମିକା ମିଠା, ପ୍ରସାଦ ଅବା ଅନ୍ୟ କିଛି ବି ଖାଇବା ପାଇଁ ଇଚ୍ଛା କରିବେ ନାହିଁ। ଯଦି ସମୟ ଭଲ ନଥାଏ, ଆପଣ ଯେତେ ଆଡମ୍ବର କଲେ ବି ପର୍ବ ପାଳନ କରି ପାରିବେ ନାହିଁ। ଯଦି ବିଚାର ଭଲ ନଥାଏ, ଯେତେ ଦାନ ଧର୍ମ କଲେ ବି ଶାନ୍ତି ପାଇ ପାରିବେ ନାହିଁ। ତେଣୁ ବାହାର ସଜାଇବା ସହିତ ଆମ ନିଜର ଅନ୍ତରାତ୍ମାକୁ ସଜାଇବା ଶିଖି ପାରିଲେ ସବୁ ଦିନ ଦୀପାବଳି ମନେହେବ।

କୋଇଲା ଭିତରେ ହିଁ ଲୁଚିଥାଏ ହୀରା, ଠିକ୍ ସେମିତି ଜୀବନର ଜଞ୍ଜାଳ ଭିତରେ କର୍ମ ଆଢୁଆଳରେ ହିଁ ଲୁଚିଯାଏ ପରମ ଆନନ୍ଦ ।ଯେମିତି ସୁନା ନିଆଁରେ ଯେତେ ଆଉଟି ହେଲେ, ସେତେ ଭଲ ଗହଣା ତିଆରି ହୁଏ, ସେମିତି ଜୀବନ ଯେତେ ଦୁଃଖ, କଷ୍ଟ, ହା-ହୁତାସ ଦେଇ ଗତି କରେ, ସ୍ୱଭାବ ଓ ସଂସ୍କାର ସେତେ ମାର୍ଜିତ ହୋଇଚାଲେ ।ମଣିଷ ତା ନିଜକୁ ଚିହ୍ନେ, ଜାଣେ, ବୁଝେ ଓ ପ୍ରତିବନ୍ଧକକୁ ସାମ୍ନା କରିବା ଶିଖିଯାଏ। ଅଧର୍ଯ୍ୟ ଏକ ଲିଭି ଆସୁଥିବା ବଳିତା ଭଳି, ତାକୁ ଧର୍ଯ୍ୟ ଓ ଆତ୍ମବିଶ୍ୱାସର ଘୃତ ଦେଇ ତେଜିବକୁ ହେବ। ଆମକୁ ଆଗକୁ ଯିବାକୁ ହେବ। ଏ ଦୀପାବଳି ସମସ୍ତଙ୍କ ପାଇଁ ଆନନ୍ଦ ଓ ଉତ୍ସାହର ପର୍ବ ହେଉ। କୁବିଚାରର ଦହନ କରି ସୁବିଚାରରେ ଜୀବନ ଆଲୋକିତ ହେଉ।

# ଆତ୍ମ ସାକ୍ଷାତକାରର ପ୍ରଜ୍ୱଳିତ ପ୍ରଦୀପର ମହାପାର୍ବଣ : ଦୀପାବଳୀ



ଯଶସ୍ୱିନୀ ପଟ୍ଟନାୟକ



ଦୀପାବଳିକୁ ମହାନିଶା ଏବଂ ଶୁଭରାତ୍ରି ବୋଲି ମାନ୍ୟତା ଦିଆଯାଇଛି । 'ଦୀପାବଳି' ହେଉଛି ଅନ୍ଧକାର ଉପରେ ପ୍ରକାଶ ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟ ଉତ୍ସବ। ଏହି ଦିନ ରାତିରେ ଘରେ ଘରେ କେବଳ ସୌନ୍ଦର୍ଯ୍ୟ ପାଇଁ ଆଲୋକମାଳା ସଜଯାଏ ନାହିଁ, ଏହା ଜୀବନର ଗଭୀର ସତ୍ୟକୁ ଅଭିବ୍ୟକ୍ତ ମଧ୍ୟ କରେ । ଯେମିତି ଆଲୋକ ଅନ୍ଧକାରକୁ ଲିଭାଇଦିଏ, ସେମିତି ଜ୍ଞାନର ଆଲୋକ ଅଜ୍ଞାନ ଅନ୍ଧକାରକୁ ମଧ୍ୟ ହଟାଇଦିଏ । ହୃଦୟରେ ଜ୍ଞାନର ପ୍ରକାଶକୁ ପ୍ରଜ୍ୱଳିତ କରିବା ପାଇଁ ଏହି ଦୀପ ପର୍ବ ପାଳନ କରାଯାଏ । ପ୍ରତ୍ୟେକ ଘରେ ଜୀବନ, ପ୍ରତ୍ୟେକ ମୁହଁରେ ହସ ପାଇଁ 'ଦୀପାବଳୀ' ପାଳିତ ହୋଇଥାଏ । 'ଦୀପାବଳି'ର ଶାବ୍ଦିକ ଅର୍ଥ ହେଉଛି 'ପ୍ରକାଶର ପଂକ୍ତି' । ତ୍ରେତୟା ଯୁଗରେ ରାମ, ରାବଣକୁ ବଧ କରି ଯେଉଁ ଦିନ ଅଯୋଧ୍ୟା ଫେରିଥିଲେ ସେହିଦିନ ଥିଲା ଦୀପାବଳି । ତେଣୁ ଅଯୋଧ୍ୟାବାସୀ ଦୀପ ଜାଳି ରାମଙ୍କୁ ସ୍ୱାଗତ କରିଥିଲେ । ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନାରକାସୁରକୁ ବଧ କଲାପରେ ତାହା ପରଦିନ ବ୍ରଜବାସୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ । ସେହିଦିନ ଥିଲା ଦୀପାବଳି । ଅସୁର ବଧ ପାଇଁ ମା'ଦୁର୍ଗା ମହାକାଳୀ ରୂପ ଧାରଣ କରିଥିଲେ । ଅସୁର ବଧ ପରେ ମଧ୍ୟ ତାଙ୍କ କ୍ରୋଧ ପ୍ରଶମିତ ହୋଇନଥିଲା । କ୍ରୋଧକୁ ପ୍ରଶମିତ କରିବା ପାଇଁ ଭଗବାନ ଶିବ ମହାକାଳୀଙ୍କ ଚରଣ ତଳେ ଶୋଇପଡ଼ିଥିଲେ । ଏହି ସ୍ତୁତିରୁ ଶାନ୍ତି ରୂପୀ ଲକ୍ଷ୍ମୀ ପୂଜନ ଆରମ୍ଭ ହେଲା । ଦୀପାବଳି ରାତିରେ ରୁଦ୍ରରୂପୀ କାଳୀଙ୍କ ପୂଜା ବିଧାନ ରହିଛି ।

ଦୀପାବଳି ପର୍ବର ରହିଛି ସୁନ୍ଦର ଅର୍ଥ। ଦୀପ ଅର୍ଥ ଆଲୋକ ଓ ଆବଳି ଅର୍ଥ ଅନବରତ ଆଲୋକ। ଜଗତରୁ ଅନ୍ଧକାର ରୂପକ ଅନ୍ୟାୟ, ଭ୍ରଷ୍ଟାଚାର, ଦୁର୍ନୀତି ଦୂର ହୋଇ ଆଲୋକ ରୂପକ ଶାନ୍ତି ଛାୟା ବିଛେଇ ହୋଇ ରହୁ। ଏହା ହିଁ ଦୀପାବଳି ପର୍ବର ମୁଖ୍ୟ ଲକ୍ଷ୍ୟ। ରାଷ୍ଟ୍ରଭକ୍ତ, ସମାଜସେବୀମାନେ ରାଷ୍ଟ୍ର ତଥା ଦେଶର ଉନ୍ନତି ପାଇଁ ଏବଂ ସମାଜରୁ ଶତ୍ରୁ, ଅସତ୍ୟ, ଅନ୍ୟାୟକୁ ପରାଜିତ କରି ସତ୍ୟର ଆଗମନ ନିମନ୍ତେ ଦୀପ ଜାଳି ଭଗବାନଙ୍କ ନିକଟରେ କାମନା କରିଥାନ୍ତି। ପରିବାରର ଲୋକମାନେ ମଧ୍ୟ ନିଜ ଆତ୍ମୀୟଙ୍କ ଶୁଭ ମନାସୀ ଜାଳିଥାନ୍ତି ଦୀପାଳି। ଏହି ଦିନକୁ ଆତ୍ମା ସାକ୍ଷାତକାର ଦିନ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ। ମଣିଷ ଭିତରେ ଥିବା ସୁପ୍ତ ଚେତନାକୁ ଜାଗ୍ରତ କରିବାର ଏହା ଏକ ଅନୁପମ ପର୍ବ। ଆମର ଆଭାମଣ୍ଡଳକୁ ବିଶୁଦ୍ଧ ଓ ପରିବେଶ ସ୍ୱଚ୍ଛତା ପ୍ରତି ସତର୍କ ହେବା ପାଇଁ ମଧ୍ୟ ସନ୍ଦେଶ ଦେଇଥାଏ ଏହି ପର୍ବ। ପୂର୍ବ ପୁରୁଷଙ୍କ ଆତ୍ମାକୁ ଶାନ୍ତି ଦେବା ପାଇଁ ଏହିଦିନ ପିଣ୍ଡଦାନ କରାଯାଇଥାଏ। ପିଣ୍ଡଦାନ ପରେ ସେମାନେ ପିତୃଲୋକ ଗମନ କରନ୍ତି ବୋଲି ବିଶ୍ୱାସ କରାଯାଏ। ଏଥିପାଇଁ ପିଣ୍ଡଦାନ ପରେ ପିମ୍ପେଇ ଡକାଯାଏ। କାଉଁଡିଆ କାଠି, ବେରୁଆ ଓ ଘିଅରେ ପ୍ରସ୍ତୁତି ହୋଇଥାଏ ପିମ୍ପେଇ କାଠି। ଏଥିରେ ଅଗ୍ନି ସଂଯୋଗ କରାଯାଇ ବଡ଼ ବଡୁଆଙ୍କୁ ଆହ୍ୱାନ କରାଯାଇଥାଏ। ସେମାନେ ଆଲୋକରେ ଦିବ୍ୟଲୋକ ଗମନ କରନ୍ତୁ ବୋଲି ଲୋକମାନେ ପିମ୍ପେଇ ଡାକି କାମନା କରିଥାନ୍ତି। ପିମ୍ପେଇଁ ଡାକରେ ମଧ୍ୟ ରହିଛି ଏକ ସୁନ୍ଦର ବନ୍ଦନା। ବନ୍ଦନାଟି ଏହିପରି - 'ବଡ଼ବଡୁଆ ହୋ ଅନ୍ଧାରରେ ଆସ, ଆଲୁଅରେ ଯାଅ। ଗଙ୍ଗା ଯାଅ, ଗୟା ଯାଅ, ବାଇଶି ପାହାଚରେ ଗଡ଼ଗଡ଼ଉଥାଅ'।

ପୌରାଣିକ କଥା କାହାଣୀ ଅନୁଯାୟୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷର ବନବାସ ପରେ ନିଜ ଅଯୋଧ୍ୟା ଜନ୍ମମାଟିକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ସମଗ୍ର ଅଯୋଧ୍ୟାବାସୀ ଶୁଭ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋକମାଳାରେ ଏହି ଦିନଟିକୁ ସ୍ମରଣୀୟ କରିଥିଲେ। ପରବର୍ତ୍ତୀ ସମୟରେ ସମଗ୍ର ଭାରତ ବର୍ଷରେ ଆନନ୍ଦ, ଉଲ୍ଲାସ, ଭାଇଚାରାର ମହାପାର୍ବଣ ରୂପରେ ଏହି ଦିବସଟିକୁ ପାଳନ କରାଯାଉଛି। ଆମ ପ୍ରାଚୀନତମ ସଂସ୍କୃତି ସବୁବେଳେ ଜ୍ଞାନ, ସେବା ଓ କର୍ମମୟ ଆଦର୍ଶଣୀୟ ଜୀବନର ପ୍ରଦୀପକୁ ଆମ ମାନଙ୍କ ହୃଦୟ ଭିତରେ ଚେତନାସିକ୍ତ କରି ଅହରହ ପ୍ରଦୀପକୁ ପ୍ରଜ୍ୱଳିତ କରୁଥାଏ। ତେବେ ପରବର୍ତ୍ତୀ ସମୟରେ ଏହି ଦୀପାବଳିର ଆକାର ପ୍ରକାର ଓ ବ୍ୟାପକତା ବୃଦ୍ଧି ପାଇଲା, ଶେଷରେ ଏହା ପ୍ରଦୂଷଣର ଏକ ପ୍ରମୁଖ କାରଣ ପାଲଟିଲା। ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ସମଗ୍ର ଭାରତରେ ସବୁଜ ବାଣ ପାଇଁ ଅନୁମତି ପ୍ରଦାନ କରି ପ୍ରଦୂଷଣଯୁକ୍ତ ବାଣର ବ୍ୟବହାରକୁ ବନ୍ଦ କରିଛନ୍ତି। ଆଲୋକର ପର୍ବ ଦୀପାବଳିରେ ବାଣ ଫୁଟିଲେ ଦିଲ୍ଲୀରେ ପ୍ରଦୂଷଣ ବୃଦ୍ଧି ପାଉଛି। ଗତବର୍ଷ ଦୀପାବଳି ପରେ ଦିଲ୍ଲୀ ସହରରେ ପ୍ରଦୂଷଣର ମାତ୍ରା ଏତେ ବଢ଼ିଗଲା ଯେ ଏକ ପ୍ରକାର ବିଷାକ୍ତ ବଳୟ ସୃଷ୍ଟି ହେଲା। ଏହି ଆଲୋକର ପାର୍ବଣରେ ବାଣ ଯେଉଁପରି ରୋଗ ଓ ପ୍ରଦୂଷଣକୁ ବଢ଼ାଇଥାଏ ତାହା ଆମ ମାନଙ୍କ ପାଇଁ ଯେ କେତେ ବିପଦଜନକ ତାହା ପରବର୍ତ୍ତୀ ସମୟରେ ଜାଣିଥାଉ। ତେଣୁ ପ୍ରଦୂଷଣଯୁକ୍ତ ବାଣ ଠାରୁ ଦୂରେଇ ବରଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଦୀପାବଳି ଦିନ କିଛି ଅସହାୟ ଓ ଅନାଥ ବ୍ୟକ୍ତି ତଥା ପିଲାମାନଙ୍କୁ ଯଥାସମ୍ଭବ ସାହାଯ୍ୟ ସହଯୋଗର ହାତବଢ଼ାଇବା ଆନ୍ତରିକ ଦୀପାବଳିର ତାତ୍ପର୍ଯ୍ୟର ଗୁରୁତ୍ୱ ବୃଦ୍ଧି କରିବ।

ଜୀବନର ଅନେକ ସ୍ତର ରହିଛି । ତେଣୁ ସବୁ ସ୍ତରକୁ ଆଲୋକିତ କରିବା ଉଚିତ । ଜୀବନର ସବୁ ସ୍ତରରେ ଜ୍ଞାନ ପ୍ରକାଶର ଆବଶ୍ୟକତା ରହିଛି । ପ୍ରଜ୍ୱଳିତ ଦୀପ ହେଉଛି ସଦ୍‌ଗୁଣର ପ୍ରତୀକ । ପ୍ରତ୍ୟେକ ମଣିଷର ସଦ୍‌ଗୁଣ ରହିଛି । କେତେକଙ୍କ ମଧ୍ୟରେ ଧୈର୍ଯ୍ୟ ଅଛି, କେତେକଙ୍କ ମଧ୍ୟରେ ପ୍ରେମ, ଆଉ କେତେକଙ୍କ ମଧ୍ୟରେ ଅଛି ସଂଗଠନ କ୍ଷମତା । ଏସବୁ ହେଉଛି 'ଦୀପ' ସଦୃଶ । ଯେତେବେଳେ ବି ସେହି 'ଦୀପ'ପ୍ରଜ୍ୱଳିତ ହୋଇଯାଏ, ଜାଗୃତ ହୋଇଯାଏ, ସେତେବେଳେ ହିଁ ହୋଇଥାଏ ଦୀପାବଳି । ଦୀପ ପ୍ରଜ୍ୱଳନକୁ ନେଇ ବିଭିନ୍ନ ସ୍ଥାନରେ ବହୁ ପର୍ବ ପାଳନ କରାଯାଇଥାଏ । ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମାଅନ୍ଧକାର ଦୂରେଇ ଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବା ଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା । ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା - 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...' ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୧ ଅକ୍ଟୋବର ୨୦୨୪, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୁର୍ନୀତିମୁକ୍ତ ରାଷ୍ଟ୍ରଗଠନର ଅନୁଚିନ୍ତା...

ଆମ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ଼ ପ୍ରତିବନ୍ଧକ। ଯେ ଦୁର୍ନୀତି ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୁଦାୟ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ। ମୁଁ ଅନୁଭବ କରେ ଯେ ପ୍ରତ୍ୟେକ ନାଗରିକ ସବୁସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିଶ୍ରୁତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମକୁ ସମର୍ଥନ କରିବା ଉଚିତ। ମୁଁ ସେଥିପାଇଁ ଶପଥ ନେଉଛି ଯେ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବି। ଉତ୍କୋଚ ନେବି ନାହିଁ। ସମସ୍ତ ଦାୟିତ୍ୱକୁ ସାଧୁତା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବି। ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବି। ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖି ଉଦାହରଣ ହେବି। ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବି।' ଏହି ଶବ୍ଦରେ ସାଧୁତାର ଶପଥ ନେଇଥା'ନ୍ତି ସାଧାରଣ ନାଗରିକଠାରୁ ଆରମ୍ଭ କରି ସମସ୍ତ ସରକାରୀ ବାବୁ ଓ ଜନପ୍ରତିନିଧି ପର୍ଯ୍ୟନ୍ତ। କିନ୍ତୁ ବାସ୍ତବତାରେ ଭିନ୍ନତା ପରିଲକ୍ଷିତ ହୁଏ। ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି। ଦୁର୍ନୀତି ହେଉଛି ଏକ ଅସାଧୁ ବ୍ୟବହାର ବା କାର୍ଯ୍ୟ। ମିଳିଥିବା କ୍ଷମତାକୁ ବ୍ୟକ୍ତିଗତ ଲାଭ ପାଇଁ ଦୁରୁପଯୋଗ କରିବା ହେଉଛି ଦୁର୍ନୀତି। ଦୁର୍ନୀତି ବିଶ୍ୱାସ ହାନି ଘଟାଏ, ଗଣତନ୍ତ୍ରକୁ ଦୁର୍ବଳ କରେ, ଅର୍ଥନୈତିକ ବିକାଶରେ ବାଧା ସୃଷ୍ଟିକରେ ଏବଂ ଅସାମଞ୍ଜସ୍ୟ, ଦାରିଦ୍ର୍ୟ, ସାମାଜିକ ବର୍ଗୀକରଣ ଏବଂ ପରିବେଶଜନିତ ସମସ୍ୟାକୁ ବଢ଼ାଇଦିଏ। ଦୁର୍ନୀତି ସାଧାରଣତଃ ଯୋଗାଣ ବନାମ ଚାହିଦା, ବଡ଼ ବନାମ ଛୋଟ, ପାରମ୍ପରିକ ବନାମ ଅଣପାରମ୍ପରିକ ଏବଂ ସର୍ବସାଧାରଣ ବନାମ ବ୍ୟକ୍ତିଗତ ରୂପ ପରିଗ୍ରହ କରିଥାଏ। ଏହା ମଧ୍ୟ ଲାଞ୍ଚ, ବ୍ୟକ୍ତିଗତ ଆତ୍ମସାତ୍, ପ୍ରଭାବ, ଅବୈଧ ବିକ୍ରି, ଟିକସ ଫାଙ୍କି, ସ୍ୱଜନ ପ୍ରୀତି, ବେଠି ଏବଂ ପୃଷ୍ଠପୋଷକତା ରୂପ ନେଇପାରେ। ଦୁର୍ନୀତି ଉତ୍ତମ ଶାସନ, ମୂଲ୍ୟବୋଧ ଓ ସାଧାରଣ ବିଶ୍ୱାସର ଯଥେଷ୍ଟ କ୍ଷତି କରିଥାଏ। ଦୁର୍ନୀତି ଆମେ ରହୁଥିବା ସମାଜର ଏକ ଗମ୍ଭୀର ସମସ୍ୟା। ବର୍ତ୍ତମାନ ଏହା ସମସ୍ତ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଛି। ଦୁର୍ନୀତି ନାମଧାରୀ ରାକ୍ଷସ କବଳରେ ଅଣାୟତ୍ତ ଗଣତାନ୍ତ୍ରିକ ରାଷ୍ଟ୍ରର ସାମ୍ବିଧାନିକ ବ୍ୟବସ୍ଥା। ସତମିଛର ପ୍ରମାଣ ଖୋଜୁ ଖୋଜୁ ଅନେକ ଧନଜୀବନ ଚାଲିଯାଏ ଅକାରଣରେ। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ମଧ୍ୟରେ ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅକ୍ଟୋବର ୩୧ ଜନ୍ମ ଦିବସ ପଡୁଥିବାରୁ ଭାରତର ଐକ୍ୟ ଓ ଅଖଣ୍ଡତାକୁ ସମୃଦ୍ଧ ରଖିବା ନିମନ୍ତେ ଏହି ସପ୍ତାହର ତାତ୍ପର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ସର୍ଦ୍ଦାର ପଟେଲଙ୍କ ସମଗ୍ର ଜୀବନ ସାଧୁତା, ସ୍ୱଚ୍ଛତା ଓ ଏହିସବୁ ଗୁଣକୁ ନେଇ ଜନସେବା ପଦ୍ଧତି ବିକାଶ କରିବା ନିମନ୍ତେ ଉଦ୍ଦିଷ୍ଟ। ସଚେତନତା ଓ ସତର୍କତା ପାଇଁ ଚାଲିଥିବା ଅଭିଯାନ ଏହିସବୁ ନୀତି ଉପରେ ପର୍ଯ୍ୟବସିତ। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅଭିଯାନ ଏକ ଦୁର୍ନୀତିମୁକ୍ତ ଭାରତ ଗଠନର ସ୍ୱପ୍ନ ଓ ଉତ୍ସାହକୁ ନେଇ କରାଯାଉଛି। ଏହାର ଗୁରୁତ୍ୱ ପ୍ରତ୍ୟେକ ନାଗରିକର ଜୀବନରେ ରହିଥାଏ। ଏକ ଉନ୍ନତ ଦେଶଗଠନ ନିମନ୍ତେ ଆସ୍ଥା ଓ ବିଶ୍ୱାସ ଖୁବ ତାତ୍ପର୍ଯ୍ୟପୂର୍ଣ୍ଣ। ଦୀର୍ଘ ବର୍ଷ ଧରି ଚଳିଆସିଥିବା ଦାସତ୍ୱ, ଦୁର୍ନୀତି, ଶୋଷଣ ଓ ସମ୍ପଦ ଉପରେ ଅଧିକାର ଇତ୍ୟାଦିକୁ ସ୍ୱାଧୀନତାର 'ଅମୃତକାଳ'ରେ ପରିବର୍ତ୍ତନ କରିବା ସରକାରଙ୍କ ପ୍ରଧାନ କର୍ତ୍ତବ୍ୟ। ଗରୀବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇପାରିଲେ ରାଷ୍ଟ୍ରର ବିକାଶ ସମ୍ଭବ। ଏଥିପାଇଁ ଯୋଗାଣ ଓ ଚାହିଦା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାକୁ ଚେଷ୍ଟାର ଆବଶ୍ୟକତା ଅଛି। ଏହାକୁ ହାସଲ କରିବା ପାଇଁ ଯେଉଁ ତିନିଟି ରାସ୍ତା ବଛାଯାଇଛି, ସେଗୁଡ଼ିକ ହେଲା – 'ପ୍ରଯୁକ୍ତିବିଦ୍ୟାର ପ୍ରସାର, ମୌଳିକ ଆବଶ୍ୟକତା ପ୍ରଦାନ କରିବା ଓ ଶେଷରେ ଆତ୍ମନିର୍ଦ୍ଧାରଣ ଅଭିମୁଖେ ଅଭିଯାନ।' କିନ୍ତୁ ଏଥିପାଇଁ ଦେଶରେ ଥିବା ବିଭିନ୍ନ ପ୍ରକାର ଦୁର୍ନୀତି ନିବାରଣ ବିଭାଗଗୁଡ଼ିକୁ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଅଧୀନରେ ନ ରଖି ସ୍ୱୟଂଶାସିତ କରିବା ଉଚିତ୍। ଏଥିସହିତ ସେମାନଙ୍କ କ୍ଷମତାକୁ ସମ୍ପ୍ରସାରିତ କରି ସ୍ୱତଃପ୍ରବୃତ୍ତ ଭାବେ ଦୁର୍ନୀତିକୁ ପ୍ରତିରୋଧ କରିପାରିବା କ୍ଷମତା ପ୍ରଦାନ କରାଯିବା ଆବଶ୍ୟକ। ସମ୍ପୃକ୍ତ ବିଭାଗ କେବଳ କାହାର ଅଭିଯୋଗକୁ ଅପେକ୍ଷା ନ କରି ସ୍ୱତଃପ୍ରବୃତ୍ତ ଭାବେ ଦୁର୍ନୀତିକୁ ପ୍ରତିରୋଧ କରିବା ସହିତ ସାଧାରଣ ଲୋକ ତଥା ସରକାରୀ କଳର ସମସ୍ତ କର୍ମକର୍ତ୍ତାଙ୍କୁ ମାନବିକ ଚେତନା ଜ୍ଞାନ ବିତରଣ ପୂର୍ବକ ବିଭିନ୍ନ ଅଭିଲେଖ, କର୍ମଶାଳା ତଥା ପ୍ରଶିକ୍ଷଣ ଶିବିର ଇତ୍ୟାଦି ଆୟୋଜନ କରି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବା ଲାଗି ବ୍ୟବସ୍ଥା କରାଯିବା ଆବଶ୍ୟକ। ପ୍ରାଥମିକ ସ୍ତରରେ କେତେକ ମାତ୍ରାରେ ଦୁର୍ନୀତିକୁ ନିୟନ୍ତ୍ରଣ କରାଯାଇପାରିଲେ ତାହା ସମଗ୍ର ସମାଜକୁ ବ୍ୟାପିବ ନାହିଁ। ପରବର୍ତ୍ତୀ ସମୟରେ ଏହା ରାଷ୍ଟ୍ର ବିକାଶ ପାଇଁ ଯଥେଷ୍ଟ ସହାୟକ ହୋଇ ପାରିବ।

## ଲୌହମାନବ ସର୍ଦ୍ଦାର ପଟେଲ ଜୀ



### ବିଶ୍ୱବିଜୟୀ ଦାଶ

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜଣେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ।ସ୍ୱାଧୀନ ଭାରତର ସେ ଥିଲେ ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ।ଭାରତରେ ଥିବା ଗଡ଼ଜାତ ଅଞ୍ଚଳ ଓ ସ୍ୱାଧୀନ ରାଜ୍ୟକୁ ଭାରତ ସହ ମିଶାଇବାରେ ସେ ନେଇଥିଲେ ଗୁରୁତ୍ୱପୂର୍ଣ୍ଣ ଭୂମିକା। ସାରା ଭାରତ ବର୍ଷରେ ଜଣେ ଲୌହମାନବ ଭାବେ ପରିଚିତ ସର୍ଦ୍ଦାର ପଟେଲ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ୧୮୭୫ ମସିହା ଅକ୍ଟୋବର ୩୧ ତାରିଖ ରେ ଗୁଜୁରାଟ ରାଜ୍ୟ ର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ।

ଗୁଜୁରାଟର ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ଜଣେ ମହାନ ଜନନେତା ହୋଇପାରିଥିଲେ। ତାଙ୍କର ଦୃଢ଼ ସଂକଳ୍ପ ବଳରେ ଭାରତରେ ୫୬୫ଟି ସ୍ୱାଧୀନ ଗଡ଼ଜାତ ରାଜ୍ୟ ମିଶିଥିଲେ। ସେଥିପାଇଁ ତାଙ୍କୁ ଏକତାର ପ୍ରତୀକ ବୋଲି ମଧ୍ୟ କୁହାଯାଇଥାଏ।

ସର୍ଦ୍ଦାର ପଟେଲ ଜଣେ ଅଭିଜ୍ଞ ପ୍ରଶାସକ ଥିଲେ।

ପ୍ରଶାସନିକ କ୍ଷେତ୍ରରେ ତାଙ୍କର ନିଜସ୍ୱ ଅଭିଜ୍ଞତା, ବିଶେଷ କରି ୧୯୨୦ରେ ସେ ଯେତେବେଳେ ଅହମ୍ମଦାବାଦ ପୌରପାଳିକାର ପ୍ରଶାସକ ଥିଲେ, ସ୍ୱାଧୀନ ଭାରତର ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବିଶେଷ ଭାବେ କାମରେ ଆସିଥିଲା। ଅହମ୍ମଦାବାଦରେ ଥିବା ସମୟରେ ସେ ସହରର ସ୍ୱଚ୍ଛତାକୁ ତ୍ୱରାନ୍ୱିତ କରିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ସେ ସାରା ସହରରେ ସ୍ୱଚ୍ଛତା ଏବଂ ଡ୍ରେନେଜ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିଥିଲେ। ସଡ଼କ, ବିଦ୍ୟୁତିକରଣ ଏବଂ ଶିକ୍ଷା ଭଳି ସହରାଞ୍ଚଳ ଭିତ୍ତିଭୂମିର ଅନ୍ୟ ଦିଗ ପ୍ରତି ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ସର୍ଦ୍ଦାର ପଟେଲଙ୍କର ଦୁଇଟି ବିଶେଷତ୍ୱ ଥିଲା – ବିଶ୍ୱାସ ଏବଂ ସଚ୍ଚୋଟତା। ଭାରତର କୃଷକମାନେ ତାଙ୍କ ଉପରେ ଅତୁଟ ବିଶ୍ୱାସ ରଖିଥିଲେ। ସର୍ବୋପରି, ସେ ଜଣେ କୃଷକର ପୁତ୍ର ଥିଲେ।ରାଜସ୍ୱ ପ୍ରସଙ୍ଗକୁ ନେଇ ୧୯୨୮ରେ ସେ ପ୍ରଧାନ କମାଣ୍ଡର ରୂପେ ବର୍ଦ୍ଦୋଲି ଚାଷୀ ଆନ୍ଦୋଳନର ନେତୃତ୍ୱ ନେଇ ଚାଷୀମାନଙ୍କୁ କହିଥିଲେ ଯେ ଦାବି ହାସଲ ନିମନ୍ତେ ଦୀର୍ଘ ସମୟ ପାଇଁ କଷ୍ଟ ସହିବାକୁ ପ୍ରସ୍ତୁତ ହୁଅ। ଶେଷରେ ସର୍ଦ୍ଦାରଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ସଫଳ ହେଲା ଏବଂ ସରକାର ଚାପର ବଶବର୍ତ୍ତୀ ହୋଇ ରାଜସ୍ୱ କରରେ ପରିବର୍ତ୍ତନ କଲେ। ଏକ ଗ୍ରାମସଭାରେ ଜଣେ ଚାଷୀ ଭାଷଣ ଦେଇ କହିଥିଲେ ଯେ "ଆପଣ ହେଉଛନ୍ତି ଆମର ସର୍ଦ୍ଦାର"। ପରବର୍ତ୍ତୀ ସମୟରେ ଏହି ବର୍ଦ୍ଦୋଲି ଆନ୍ଦୋଳନ ସର୍ଦ୍ଦାର ପଟେଲଙ୍କୁ ଜାତୀୟ ସ୍ତରରେ ପରିଚିତ କରିପାରିଥିଲା। ସର୍ଦ୍ଦାରେ ପଟେଲ ମିଷ୍ଟଭାଷୀ, ଅନୁଶାସନ ପ୍ରିୟ ଓ କର୍ମଠ ବ୍ୟକ୍ତି ଥିଲେ। ତାଙ୍କ ବ୍ୟକ୍ତିତ୍ୱରେ ବିସ୍ମାର୍କଙ୍କ ଭଳି ସାଙ୍ଗଠନିକ କୁଶଳତା, କୌଟିଲ୍ୟଙ୍କ ଭଳି ରାଜନୈତିକ ପଟୁତା ଓ ଆବ୍ରାହମ ଲିଙ୍କନଙ୍କ ଭଳି ରାଷ୍ଟ୍ରୀୟ ଏକତା ପ୍ରତି ଅତୁଟ ନିଷ୍ଠା ଥିଲା। ତାଙ୍କର ଅଦମ୍ୟ ଉତ୍ସାହ, ଅସୀମ ଶକ୍ତି ଏବଂ ମାନବୀୟ ସମସ୍ୟାଗୁଡିକ ପ୍ରତି ବ୍ୟବହାରିକ ଦୃଷ୍ଟିକୋଣ ଦ୍ୱାରା ସେ ନିର୍ଭୟ ହୋଇ ସ୍ୱାଧୀନ ଭାରତର ପ୍ରାରମ୍ଭିକ ସମସ୍ୟା ଗୁଡିକର ସମାଧାନ କରିପାରିବାରେ ସଫଳ ହୋଇପାରିଥିଲେ। ୧୯୫୦ ମସିହା ଡିସେମ୍ବର ୧୫ ତାରିଖ ଦିନ ଏଭଳି ଏକ ମହାନ୍ ନାୟକଙ୍କର ଦେହବସାନ ଘଟିଥିଲା।ଭାରତୀୟ ଦେଶଭକ୍ତମାନଙ୍କ ମଧ୍ୟରେ ଅମୂଲ୍ୟ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ୧୯୯୧ ମସିହାରେ ମରଣୋତ୍ତର ଭାରତ ରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା।ତାଙ୍କ ଜନ୍ମଜୟନ୍ତୀ କୁ 'ରାଷ୍ଟ୍ରୀୟ ଏକତା ଦିବସ' ରୂପେ ପାଳନ କରାଯାଉଛି। ଏହି ଦିନ ଭାରତୀୟ ଇତିହାସରେ ସର୍ଦ୍ଦାର ପଟେଲଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଦେଶବ୍ୟାପୀ ଏକତାର ଶପଥ ନେବା, ଜନ ଅଭିଯାନ ଚଳାଇବା, ଏକତା ପାଇଁ ଦୌଡ ପୋଷ୍ଟର ଏବଂ ପ୍ରଶ୍ନୋତର ପ୍ରତିଯୋଗିତା ଏବଂ ପ୍ରଦର୍ଶନୀ ଆଦିର ଆୟୋଜନ କରାଯାଉଛି।



ଏହି ଅବସରରେ ସାରା ଦେଶରେ ସମାରୋହ ଆୟୋଜନ କରାଯାଉଛି। ବାସ୍ତବିକ ଦେଶ ପାଇଁ ଏହା ଏକ ମହାନ ଅବସର। କାରଣ ଏହି ଦିନ ସ୍ୱାଧୀନତା ସଂଗ୍ରାମର ମହାନାୟକଙ୍କୁ କେବଳ ସମ୍ମାନ ପ୍ରଦର୍ଶନ କରାଯାଏ ତା ନୁହେଁ ବରଂ ଏକତାର ମହାମନ୍ତ୍ରରେ ଦେଶବାସୀଙ୍କୁ ଉଦ୍ ବୃଦ୍ଧ କରାଇବା ପାଇଁ ସଚେତନତା ସୃଷ୍ଟି କରାଯାଏ।ଭାରତ ସରକାର ପଟେଲଙ୍କ ସମ୍ମାନରେ ପୃଥିବୀର ସବୁଠାରୁ ଉଚ୍ଚ ପ୍ରତିମା 'ଷ୍ଟେଚ୍ୟୁ ଅଫ୍ ୟୁନିଟି' (୧୮୨ ମିଟର ଉଚ୍ଚ) ଗୁଜୁରାଟ ରାଜ୍ୟର ନର୍ମଦା ଜିଲ୍ଲାରେ ସର୍ଦ୍ଦାର ସରୋବର ଡ୍ୟାମ୍ ସନ୍ନିକଟ ସାଧୁବେଟ୍ ନାମକ ଏକ ଦ୍ୱୀପରେ ନିର୍ମାଣ କରିଛନ୍ତି। ଦେଶକୁ ଏକସୂତ୍ରରେ ବାନ୍ଧାଇ ପାରିଥିବା ଦେଶର ଏହି ମହାନ୍ ନେତାଙ୍କ ପାଇଁ ଏହା ଏକ ଉପଯୁକ୍ତ ସମ୍ମାନ। ଆଜି ତାଙ୍କ ଜନ୍ମ ଜୟନ୍ତୀରେ ଦେଶର ଏକତା ବଜାୟ ରଖିବା ପାଇଁ ଆମ୍ଭେମାନେ ବଜ୍ର ଶପଥ ନେଲେ ତାହା ହିଁ ହେବ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।


ଯୁବ ସ୍ତମ୍ଭକାର ତଥା ଶିକ୍ଷାବିତ୍
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮


## କନ୍ଥୁକଟକରେ "ଶ୍ୟାମାକାଳୀ" ଉପାସନା



### ପଣ୍ଡିତ ଦୈତ୍ୟାରି ମହାପାତ୍ର

ପୁଣ୍ୟ ପ୍ରାଣ ମାନବର ଉପାସନା ପରମ୍ପରାରେ "ଆଦ୍ୟାଶକ୍ତି କାଳୀ" ଉପାସନାର ମହତ୍ତ୍ୱ ଅନବଦ୍ୟ। ପୌରାଣିକ ମତ ଅନୁଯାୟୀ ଦେବତା ମାନଙ୍କ ପ୍ରଦତ୍ତ ବରରେ ଦାନବଗଣ ଅସିମ ପରାକ୍ରମ ହୋଇ ସଂସାରରେ ବିଭିଷିକା ସୃଷ୍ଟି କଲାବେଳେ ଅସୁର ନିଧନ ନିମିତ୍ତ ଯୁଗେ ଯୁଗେ ଦେବୀଶକ୍ତିର ଉପଯୋଗୀତା ଅପରିହାର୍ଯ୍ୟ ହୋଇ ଆସିଛି। କିନ୍ତୁ ଦେବତା ମାନଙ୍କର ଅପରିଣାମଦର୍ଶୀ ବରପ୍ରଦାନ ଯୋଗୁଁ ସୃଷ୍ଟିରକ୍ଷା ଉଦ୍ଦେଶ୍ୟରେ ଯେତେବେଳେ ଅସୁର ନିପାତ ନିମନ୍ତେ ଦେବତାଙ୍କୁ ଅନନ୍ୟୋପାୟ ହୋଇ ବିବସନା ହେବାକୁ ପଡିଲା ସେତେବେଳେ ଦେବତାମାନଙ୍କର ଅବିଦୃଶ୍ୟ କାରିତା ହୃଦୟଙ୍ଗ କରି ଖଡ଼୍ଗ ଖର୍ପର ଧାରିଣୀ ଦେବୀ, ସୃଷ୍ଟି ଧ୍ୱଂସପାଇଁ ସଂହାର ମୂର୍ତ୍ତି ଧାରଣ କଲେ। ଜ୍ୟୋତିର୍ମୟୀ ଦେବୀଙ୍କ ତନୁକାନ୍ତି, ପ୍ରଚଣ୍ଡ କ୍ରୋଧବଶତଃ ରାତ୍ରିର ଘନ ଅନ୍ଧକାରବତ୍ କୃଷ୍ଣ ବର୍ଣ୍ଣରେ ରୂପାନ୍ତରିତ ହୋଇଯିବାରୁ ସେ ସଂସାରରେ 'କାଳୀ' ନାମରେ ଅଖ୍ୟାତ ହେଲେ। ସମ୍ଭାବ୍ୟ ପ୍ରଳୟରୁ ଧ୍ୱଂସତା ଏହି ବିବସ୍ତ୍ରା କାଳୀଙ୍କୁ ନିବୃତ୍ତ କରିବା ଅଭିପ୍ରାୟରେ ଦେବତା ମାନଙ୍କ ଅନୁରୋଧ କ୍ରମେ ପରିଶେଷରେ ଦେବଦେବ ମହାଦେବ ରକ୍ଷା କାଳୀଙ୍କ ଗତିରୋଧ ନିମିତ୍ତ ତାଙ୍କ ଗନ୍ତବ୍ୟ ପଥରେ ଉର୍ଦ୍ଧ୍ୱମୁଖ ଭାବେ ଭୂତଳଶାୟୀ ହେଲେ। ଅଣାୟତ୍ତ ରୋଷ ଯୋଗୁଁ ଦିଗମ୍ବରୀ ଦେବୀ ଯେତେବେଳେ ଶବଜ୍ଞାନରେ ମହାକାଳ ଶିବଙ୍କ ଉପରେ ପଦପାତ କଲେ ଠିକ୍ ସେହି ସନ୍ଧିକ୍ଷଣରେ ଶିବଲିଙ୍ଗ ସଂଲଗ୍ନ ପୂର୍ବକ ଶକ୍ତିକୁ ଏପରି ଉତ୍ତୋଳନ କଲେ ଯେ କାଳୀଙ୍କର ପଦଯୁଗଳ ତାଙ୍କ ଶରୀରରୁ ଦ୍ୱାଦଶାଙ୍ଗୁଳ ଉର୍ଦ୍ଧ୍ୱକୁ ଉଠି ଯିବାରୁ ଶିବକାୟା ସ୍ୱତଃ ଗତି ସ୍ଥିରତା ହୋଇଗଲା। ହଠାତ୍ ଦେବୀ ସଂବିତ୍ ଲାଭ କରି ପ୍ରକୃତିସ୍ଥ ହୋଇ ଜିହ୍ୱାଦଂଶନ କଲେ। ଏତାଦୃଶ ଅଭାବନୀୟ ପରିସ୍ଥିତିରୁ ପରିତ୍ରାଣ ନିମିତ୍ତ ଧୂର୍ଜଟୀ ତାଙ୍କର ଜଟା ବିସ୍ତାର ପୂର୍ବକ ଶକ୍ତିଙ୍କର ସୃଜନମାର୍ଗ ଆଚ୍ଛାଦନ କଲେ। ପ୍ରୋକ୍ତ ଅବତାରଣାରେ ନିଷ୍କର୍ଷ ହେଉଛି ମହାପ୍ରଳୟ ଓ ମହାସୃଷ୍ଟି ପ୍ରକ୍ରିୟାର ସନ୍ଧିକ୍ଷଣରେ ମହାକାଳ ଯାହାକୁ ନିୟନ୍ତ୍ରଣ କରନ୍ତି, ସେ ହେଉଛନ୍ତି ମହାକାଳୀ। ପୌରାଣିକ ପ୍ରକରଣ ଆଧାରରେ ରହିଛି ଧ୍ୟାନମନ୍ତ୍ର ଅନୁସରଣରେ ମହାକାଳୀଙ୍କ ପରିକଳ୍ପିତ ମୂର୍ତ୍ତି, ସ୍ଥାପତ୍ୟ ଭାସ୍କର୍ଯ୍ୟରେ ରୂପାୟିତ ହେବାପରେ ସମାଜରେ ତନ୍ତ୍ରଦେବୀ ମହାକାଳୀଙ୍କ ତନ୍ତ୍ରବିଧିରେ ଉପାସନା ଦ୍ରୁତପ୍ରସାର ଲାଭ କଲା।

ଶକ୍ତି ଆରାଧନା ତଥା ତନ୍ତ୍ର ସାଧନାର ପ୍ରଧାନ ପୀଠ ଉଡ୍ଡୀୟାନ ହେଉଛି ତନ୍ତ୍ର ଜଗତର ସର୍ବ ପ୍ରାଚୀନ ପୀଠ, ଯାହାକି ସାମ୍ପ୍ରତିକା ଓଡ଼ିଶା ରୂପେ ପ୍ରମାଣିତ। ଖ୍ରୀଷ୍ଟିୟ ଦଶମ ଶତାବ୍ଦୀରେ ସଙ୍କଳିତ କାଳିକା ପୁରାଣୋକ୍ତ 'ଓଡ୍ରାଖ୍ୟ' ହିଁ ଉଗ୍ରପୀଠ ଓଡ଼ିଶା ନାମରେ ଆଖ୍ୟାୟିତ। 'ଉଡ୍ଡିଶ ତନ୍ତ୍ର' ସ୍ୱୀକୃତ ଏହି ଉଡ୍ରଭୂମିରେ ଉଡ୍ରେଶ୍ୱରୀ କାତ୍ୟାୟିନୀ ବିମଳା ଓ ଉଡ୍ରେଶ୍ୱର ଭୈରବ ଜଗନ୍ନାଥ ପ୍ରପୂଜିତ ସହିତ ଏଠାରେ ସ୍ୱୟଂ ଜଗନ୍ନାଥ ଦକ୍ଷିଣକାଳୀକା ରୂପେ ପରିଗଣିତ ହେଉଥିବାରୁ ଶ୍ରୀକ୍ଷେତ୍ର ହେଉଛି ଉଡ୍ର ପୀଠର କେନ୍ଦ୍ରଭୂମି। ଉଡ୍ଡୀୟାନ ତନ୍ତ୍ରର ମହାନ ପୀଠ ଏହି ଶ୍ରୀକ୍ଷେତ୍ର ହେଉଛି ନିଖିଳ ସେବାୟତନର ପୂଣ୍ୟଭୂମି। ଧର୍ମ ସମ୍ପ୍ରଦାୟ ନିର୍ବିଶେଷରେ ସର୍ବ ଦେବଦେବୀଙ୍କ ଏକତ୍ର ସହାବସ୍ଥାନ ହେଉଛି ଏହି ଉଦାର କ୍ଷେତ୍ରର ଆଧାତ୍ମିକ ବୈଶିଷ୍ଟ୍ୟ। ଶ୍ରୀକ୍ଷେତ୍ର ଉପାସନା ପରମ୍ପରାର ସ୍ୱଚ୍ଛନ୍ଦ ପ୍ରବାହ ମଧ୍ୟରେ କାଳୀ ଉପାସନା ମଧ୍ୟ ବେଶ ପ୍ରଭାବୀ ସାବ୍ୟସ୍ତ ହୋଇଅଛି। ଏହି ପରିପ୍ରେକ୍ଷୀରେ ମହାନ ବୈଷ୍ଣବକ୍ଷେତ୍ର ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ବହୁ ସଂଖ୍ୟକ କାଳୀ ବିଗ୍ରହ ଅଧିଷ୍ଠିତ ହୋଇଥିଲେ ହେଁ ପ୍ରାସଙ୍ଗିକତା ଦୃଷ୍ଟିରୁ 'ଶ୍ରୀକ୍ଷେତ୍ରରେ ଶ୍ୟାମାକାଳୀ ଉପାସନା' ସମ୍ବନ୍ଧରେ ଅନେକ ତଥ୍ୟ ଦେଖିବାକୁ ମିଳେ। ଯଥା- କାଳର ଶକ୍ତି ହେଉଛି 'କାଳୀ'। ସେ କୃଷ୍ଣବର୍ଣ୍ଣ ହେତୁ 'ଶ୍ୟାମା' ନାମରେ ପ୍ରକୀର୍ତ୍ତିତା। ତେଣୁ ଯିଏ "ଶ୍ୟାମା" ସେ ହିଁ "କାଳୀ"। ପୁନଶ୍ଚ, ଅମା ଅର୍ଥାତ୍ ଅଜ୍ଞାନ ଅନ୍ଧକାରକୁ ନାଶ କରୁଥିବା ଦେବୀ "ଶ୍ୟାମା" ଅଟନ୍ତି। ଏହି ତତ୍ତ୍ୱ ସମର୍ଥନରେ ଶ୍ରୀକ୍ଷେତ୍ରସ୍ଥ ଶ୍ରୀମନ୍ଦିର ପରିବୃତ୍ତ ମେଘନାଦ ପ୍ରାଚୀର ବହିଃପାର୍ଶ୍ୱ ଦକ୍ଷିଣ ଦିଗରେ ଅଧିଷ୍ଠିତା ମା' ଶ୍ୟାମାକାଳୀ, ସ୍ୱୟଂ ନୀଳସରସ୍ୱତୀ ରୂପେ ପ୍ରପୂଜା ହେଉଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ଓ ମହୋଦଧି ସଂଲଗ୍ନ ବେଳାଭୂମି ସମେତ ଯଦି ଶ୍ରୀକ୍ଷେତ୍ରର ଅନ୍ୟ କୌଣସି ସ୍ଥାନରେ ପ୍ରତ୍ୟହ ବହୁଳ ଜନସମାଗମ ଉପଲବ୍ଧ ହୁଏ, ତେବେ ତାହା ହେଉଛି ଶ୍ରୀକ୍ଷେତ୍ରର ଏହି ଶ୍ୟାମାକାଳୀ ପୀଠ। ସିଂହଦ୍ୱାରରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ପ୍ରଲମ୍ବିତ 'ଉଆଁସଦାଣ୍ଡ' ରୂପେ ପରିଚିତ ରାସ୍ତା ସଂଲଗ୍ନ ବାଲି ସାହିରେ ଅବସ୍ଥିତ ସିଦ୍ଧବକୁଳ ଠାରୁ ଡାହାଣ ପାର୍ଶ୍ୱ ଗଳିରୁ ଅନତି ଦୂରରେ ମା' ଶ୍ୟାମାକାଳୀ ବିଦ୍ୟମାନ।

ଦେବୀଙ୍କ ନାମାନୁସାରେ ସମୀପବର୍ତ୍ତି ଜନବସତିର ନାମ 'ଶ୍ୟାମାକାଳୀଗଳି (ରାସ୍ତା)'ରୂପେ ସୁବିଦିତ। ଉକ୍ତ ଶ୍ୟାମାକାଳୀ ପୀଠ ହେଉଛି ଶ୍ରୀକ୍ଷେତ୍ରରେ ତନ୍ତ୍ରସାଧାନାର ଏକ ମହାନ ପ୍ରାଚୀନ ପୀଠ। ଏଠାରେ ଶ୍ୟାମାକାଳୀ ଦେବୀ ପ୍ରତିଷ୍ଠାର ଇତିହାସ ସମ୍ବନ୍ଧରେ କୌଣସି ନିର୍ଭରଯୋଗ୍ୟ ତଥ୍ୟ ମିଳେନାହିଁ। ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ ଗଙ୍ଗବଂଶୀ କୌଣସି ଏକ ରାଜା ଯୁଦ୍ଧରେ ବାରମ୍ବାର ପରାଜିତ ହୋଇ ଶ୍ରୀଜଗନ୍ନାଥଙ୍କ ଅନୁସରଣରେ ଅଧିଆ ପଡିଲେ। ମହାପ୍ରଭୁ ସ୍ୱପ୍ନରେ ନିର୍ଦ୍ଦେଶ ଦେଲେ ଯେ 'ଶ୍ରୀମନ୍ଦିର ଠାରୁ ଦକ୍ଷିଣ ଦିଗକୁ ଯାତ୍ରା କଲେ ବିଜୟର ସୂଚନା ନିଶ୍ଚୟ ପ୍ରାପ୍ତ ହେବ'। ସ୍ୱପ୍ନାଦେଶ କ୍ରମେ ରାଜା ମହୋଦଧି ଅଭିମୁଖେ ଅଗ୍ରସର ହୋଇ ବାଲୁକା ଆଚ୍ଛାଦିତ ଏକ ସୁତିକ୍ଷ୍ଣ ଖଡ୍‌ଗ ଆବିଷ୍କାର କଲେ। ଉକ୍ତ ଖଡ୍‌ଗ ଧାରଣ ପୂର୍ବକ ଯୁଦ୍ଧ ଅଭିଯାନରେ ଯାଇ ଅନାୟାସରେ ବିଜୟ ମଣ୍ଡିତ ହେଲେ। ରାଜ୍ୟଜୟ ପରେ ପୁରୁଷୋତ୍ତମ କ୍ଷେତ୍ର ପ୍ରତ୍ୟାବର୍ତ୍ତନ ପୂର୍ବକ ଖଡ୍‌ଗ ଆବିଷ୍କାର ସ୍ଥାନକୁ ଶୁଭଙ୍କର ମନେକରି ସେଠାରେ ରାଜନଗର ପ୍ରତିଷ୍ଠା ନିମିତ୍ତ ବାରମ୍ବାର ଉଦ୍ୟମ ସତ୍ତ୍ୱେ ବିଫଳ ହେବା ପରେ ପୁନଶ୍ଚ ଜଗନ୍ନାଥଙ୍କ ଦ୍ୱାରା ସ୍ୱପ୍ନାଦିଷ୍ଟ ହେଲେ- 'ହେ ରାଜନ! ତୁମେ ଯେଉଁ ଖଡ୍‌ଗ ଦ୍ୱାରା ଯୁଦ୍ଧଜୟୀ ହେଲେ, ବାସ୍ତବରେ ତାହା ଶ୍ୟାମାକାଳୀଙ୍କ ଆୟୁଧ ଅଟେ। ସେଠାରେ ଭୂଗର୍ଭରେ ପ୍ରୋଥିତ ଅବସ୍ଥାରେ ଥିବା ଶ୍ୟାମାକାଳୀଙ୍କୁ ଉଦ୍ଧାର ପୂର୍ବକ ସମୁଚିତ ପୂଜାର୍ଚ୍ଚନା କଲେ ତୁମର ସକଳ ବାଧା ପ୍ରତିବନ୍ଧକ ଅପସାରିତ ହେବ। ଉପଦିଷ୍ଟ ରାଜା ବାଲୁକା ଉତ୍ଖନନରୁ ପ୍ରାପ୍ତ ଶ୍ୟାମାକାଳୀଙ୍କ ବିଗ୍ରହଙ୍କୁ ଏକ ନବନିର୍ମିତ ମନ୍ଦିରରେ ସ୍ଥାପନ କରିବା ସହିତ ମା'ଙ୍କୁ ଯଥାବିଧି ପୂଜାରାଧନା କରିବାରୁ ରାଜଉଆସ ନିର୍ମାଣ କାର୍ଯ୍ୟ ପରିପୂର୍ଣ୍ଣ ଲାଭକଲା। କ୍ରମେ ଉକ୍ତ ଶ୍ୟାମାକାଳୀ ମନ୍ଦିର ରାଜନିବାସର ଏକ ପ୍ରମୁଖ ଅଙ୍ଗ ରୂପେ ବିବେଚିତ ହେବା ସହିତ ମା' ସ୍ୱୟଂ ରାଜପ୍ରାସାଦର ଅଧିଷ୍ଠାତ୍ରୀ ତଥା ରାଜପରିବାରର ଇଷ୍ଟଦେବୀ ରୂପେ ମାନ୍ୟତା ଲାଭକଲେ। ମା' ଶ୍ୟାମାକାଳୀଙ୍କ କରୁଣାରୁ ପରବର୍ତ୍ତୀ ଗଙ୍ଗ ରାଜାଗଣ ଦିଗ୍‌ବିଜୟୀ ହୋଇ ସୁନାମ ମଧ୍ୟ ଅର୍ଜନ କରିଥିଲେ। ଏଠାରେ ନଅର ପ୍ରତିଷ୍ଠାର ଯଥେଷ୍ଟ ପୂର୍ବରୁ ମା' ଶ୍ୟାମାକାଳୀ ବିଦ୍ୟମାନ ଥିଲେ।

ପରବର୍ତ୍ତୀ ସମୟରେ ଉକ୍ତ ଶ୍ୟାମାକାଳୀ ମନ୍ଦିର ଧୀରେ ଧୀରେ ବିଲୁପ୍ତ ହେବାକୁ ଲାଗିଲା। ସୂର୍ଯ୍ୟବଂଶର ଗଜପତି କପିଳେନ୍ଦ୍ରଦେବଙ୍କ ରାଜତ୍ୱ ସମୟରେ ମା ଶ୍ୟାମାକାଳୀ ବକୁଳବନରେ ବିଦ୍ୟମାନ ଥିଲେ। ଏହି ସମୟରେ ଶିବତୀର୍ଥ ନାମକ ଜଣେ ସନ୍ୟାସୀ ନୀଳ ସରସ୍ୱତୀ ସାଧନା ସମ୍ପର୍କରେ କପିଳେନ୍ଦ୍ରଦେବଙ୍କୁ ଅବଗତ କରିବା ପରେ ମା ଶ୍ୟାମାକାଳୀ ଉଦ୍ଧାର ହୋଇଥିଲେ ଏବଂ ତା' ପରେ ଏକ ନଗର ନିର୍ମାଣ ହୋଇଥିଲା। ଏହି ନଗରର ଚାରି ପାର୍ଶ୍ୱରେ ବେଢ଼ା ପରିବେଷ୍ଟିତ ହେବା ସହିତ ଚାରି ଦ୍ୱାରରେ ଚାରି ଦେବୀ ଅବସ୍ଥାପିତ ନ ହୋଇଥିଲେ। ସେହି ଚାରିଦେବୀ ହେଉଛନ୍ତି ମା ବାରାହୀ, ମା ରମାୟଣୀ (ରାବେଣୀ), ମା ସାଥୀ ଭଉଣୀ, ଭୂମେଶ୍ୱରୀ ଏବଂ ମା ମଙ୍ଗଳା। ଏହି ନବର ବା ନଗର ସୈକତି ଗଡ଼ ନାମରେ ନାମିତ ଥିଲା। ସେହି ଗଡ଼ର ଗଡ଼ଚଣ୍ଡୀ ମା' ଶ୍ୟାମାକାଳୀ ଯୋଦ୍ଧା ମାନଙ୍କର ଆରାଧ୍ୟା ଠାକୁରାଣୀ ଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୫୯୯ ମସିହାରେ ମୋଗଲରାଜା ଆକବରଙ୍କ ହିନ୍ଦୁ ସେନାପତି ମାନସିଂହଙ୍କ ସାନଭାଇ ମଧୁସିଂହ ମା' ଶ୍ୟାମାକାଳୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ କରିଥିଲେ।



ଗଜପତି ମହାରାଜାଙ୍କ ଇଷ୍ଟଦେବୀ ଥିଲେ ମା' ଶ୍ୟାମାକାଳୀ। ଆହୁରି ମଧ କେମାମଣି, ପୁରୁଷୋତ୍ତମ ଦେବ ଏହି ପୀଠରୁ ଆଜ୍ଞାମାଳ ନେଇ ଖୋର୍ଦ୍ଧାଗଡ଼ରେ ଅଭିଷିକ୍ତ ହୋଇଥିଲେ। ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜଗୁରୁ ତ୍ରିଲୋଚନ ଦେବ ଏହି ପୀଠରେ ଥିଲେ ପରମ ଉପାସକ। ତାଙ୍କ ପତ୍ନୀ ରତ୍ନାଦେବୀ ଥିଲେ ମା'ଙ୍କର ପରମ ଉପାସିକା। ସେ ସମୟରେ ସମସ୍ତ ରାଜା ମା'ଙ୍କ ଅଜ୍ଞାତରେ ଶାସନ କରୁଥିବାର ଅନେକ ଦୃଷ୍ଟାନ୍ତ ରହିଛି। ଏପରିକି ଜୟୀ ରାଜଗୁରୁ ଥିଲେ ମା' ଶ୍ୟାମାକାଳୀଙ୍କ ପରମ ଉପାଶକ। ସେଥିପାଇଁ ମାଙ୍କୁ "ରାଷ୍ଟ୍ରଦେବୀ" ରୂପେ ପୂଜା କରାଯାଏ। ଏକଦା ମା' ଶ୍ୟାମାକାଳୀ ମନ୍ଦିର ରାଣୀନବର ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଶଙ୍ଖମର୍ମଲ ପଥରରେ ଖଚିତ ଏକ ସ୍ୱତନ୍ତ୍ର ସୁଡ଼ଙ୍ଗ ଥିଲା।

ମା'ଙ୍କ ବିଗ୍ରହ ବାସ୍ତବରେ ସ୍ୱତନ୍ତ୍ର। କାକଶକୁନ ଶୃଗାଳ ପ୍ରଭୃତି ଶ୍ମଶାନ ତଥା ଶବପ୍ରେମୀ ଅସୁଭ ପଶୁପକ୍ଷୀଙ୍କର ପ୍ରତିକୃତି ଖୋଦିତ କୃଷ୍ଣ ମୁଗୁନି ପଥରରେ ନିର୍ମାଣ ଏହା ଏକ ଅନନ୍ୟା ବିଗ୍ରହ। ଏହାର ଉଚ୍ଚତା ପ୍ରାୟ ୪ ଫୁଟ। ଏହି ଦେବୀଙ୍କର କମନୀୟ ମୁଖଶ୍ରୀରେ ଅଭୟ ପ୍ରଦାୟିନୀ ବରଦାନର ମମତ୍ୱ ପ୍ରସ୍ଫୁଟିତ ହୋଇଥାଏ। ଚତୁର୍ଭୁଜ ମା' ଶ୍ୟାମାକାଳୀ ଙ୍କର ବାମ ପାର୍ଶ୍ୱସ୍ଥ ନିଜ ହସ୍ତରେ ମଣିଷର ଛିନ୍ନ ମୁଣ୍ଡ ଓ ଉର୍ଦ୍ଧ୍ୱ ହସ୍ତରେ ଖଡ୍‌ଗ୍ ଶୋଭା ପାଉଥିବା ବେଳେ ଦକ୍ଷିଣ ପାର୍ଶ୍ୱସ୍ଥ ନିମ୍ନ ହସ୍ତରେ ବିରହ ମୁଦ୍ରା ଓ ଉପର ହସ୍ତରେ ଅଭୟ ମୁଦ୍ରାରେ ଅଙ୍ଗୁଳି ସମୂହ ଉନ୍ମୁକ୍ତ ଶୋଭା ପାଇଥାଏ। ଲୋଳମାନ ଜିହ୍ୱା ବିଶିଷ୍ଟ ମା' ଶ୍ୟାମାକାଳୀଙ୍କ ଶରୀର ଭୂଗୋଳରେ ଅତ୍ୟନ୍ତ ଶୋଭନୀୟ ପ୍ରକଟିତ ହୋଇଥାଏ। ମା' ଶ୍ୟାମାକାଳୀ, ମା' ଦକ୍ଷିଣକାଳୀ ଦେବଦେବ ମହାଦେବଙ୍କ ବକ୍ଷରେ ଦକ୍ଷପାଦ ଓ ଦକ୍ଷିଣ ଦ୍ୱାର ଉପରେ ବାମପାଦ ଦଣ୍ଡାୟମାନ ଥିବାର ଦୃଶ୍ୟମାନ ହେଉଥିଲେ ହେଁ ଶ୍ରୀକ୍ଷେତ୍ରରେ ମା' ବିରଜା ରୂପରେ ଦୃଶ୍ୟମାନ ହେଉଛନ୍ତି। ମା'ଙ୍କୁ ତନ୍ତ୍ର, ମନ୍ତ୍ର, ଯନ୍ତ୍ର ଏବଂ ସୂତ୍ର ପଦ୍ଧତିରେ ଉପାସନା କରାଯାଉଥିଲେ ମଧ୍ୟ ତାନ୍ତ୍ରିକ ବାମାଚାରୀ ଜ୍ୱଳନ୍ତ ନିଦର୍ଶନ ଦେଖିବାକୁ ମିଳିଥାଏ।

ଶ୍ୟାମାକାଳୀ ବା ଦକ୍ଷିଣକାଳୀଙ୍କ ମାହାତ୍ମ୍ୟ ବାସ୍ତବରେ ସ୍ୱତନ୍ତ୍ର। ଶ୍ରୋତ୍ରୀୟ ବ୍ରାହ୍ମଣ ମାନେ ମନ୍ତ୍ର ମାଧ୍ୟମରେ ମା'ଙ୍କର ପୂଜାର୍ଚ୍ଚନା କରିଥାନ୍ତି। ଆଶ୍ୱିନରେ ଦୁର୍ଗାପୂଜା, କାର୍ତ୍ତିକ ଅମାବାସ୍ୟାରେ ଶ୍ୟାମପୂଜା ମା'ଙ୍କର ସ୍ୱତନ୍ତ୍ର ଉପାସନା। ଏପରିକି ଶ୍ୟାମାକାଳୀଙ୍କ ମାଛ ବେସର ଭୋଗ ପ୍ରସାଦ ସେବନ ପାଇଁ ଭକ୍ତମାନେ ଚାହିଁ ବସିଥାନ୍ତି। ଅପୁତ୍ରୀ ପୁତ୍ର ଲାଭକରିବା, ରିଷ୍ଟ ଖଣ୍ଡନ ହେବା, ମହାମାରୀ ଆଦି ରୋଗରୁ ମୁକ୍ତି ପାଇବା ପାଇଁ ମା' ଶ୍ୟାମାକାଳୀ/ମା' ଦକ୍ଷିଣକାଳୀ ପୂଜା ଉପାସନା କରାଯାଇଥାଏ। ବିଶେଷକରି ସର୍ବବିଧ ମଙ୍ଗଳ ନିମିତ୍ତ ଏହି ପୂଜାର ଅନେକ ପ୍ରୟୋଜନ ରହିଛି। ପ୍ରତ୍ୟେକ ମଙ୍ଗଳବାର ଏବଂ ଶନିବାର ଦିନ ମା'ଙ୍କ ଠାରେ ବିଧି ବିଧାନର ସହିତ ପୂଜାର୍ଚ୍ଚନା କରାଯାଇଥାଏ। ଗଜପତୀ ମହାରାଜଙ୍କର ମା' ଶ୍ୟାମାକାଳୀ ଇଷ୍ଟଦେବୀ ଥିଲେ। ରାମକୃଷ୍ଣ ପରମହଂସଙ୍କର ମା ଉପାସ୍ୟ ଦେବୀ ଥିଲେ ମା ଦକ୍ଷିଣକାଳୀ। ମା' ଦକ୍ଷିଣକାଳୀଙ୍କ ନିମିତ୍ତ ଖଣ୍ଡୁଆ ପତନୀ ସହିତ ଆନୁସଙ୍ଗିକ ପୂଜା ସାମଗ୍ରୀ ଲାଗି କରାଯାଏ।

ମା' ଶ୍ୟାମାକାଳୀଙ୍କର ଅନ୍ୟନାମ ହେଉଛି ମା' ଦକ୍ଷିଣକାଳୀ ଏବଂ ପରମେଶ୍ୱର ଶିବଙ୍କୁ ଏକତ୍ର ପୂଜା କରାଯାଉ ଥିବାରୁ ମାଙ୍କର ଅନ୍ୟନାମ ହେଉଛି "ମା' ଦକ୍ଷିଣେଶ୍ୱରକାଳୀ"। ମା'ଙ୍କର ନାମ ଉଚ୍ଚାରଣ ମାତ୍ରେ ସର୍ବବିଧ ମଙ୍ଗଳ ହୋଇଥାଏ ଏବଂ ମା'ଙ୍କୁ ଦର୍ଶନ କରି ଯାତ୍ରା କଲେ କାର୍ଯ୍ୟ ଶୁଭ ହୋଇଥାଏ। ମା' ଦକ୍ଷିଣେଶ୍ୱରକାଳୀଙ୍କୁ ପୂଜାର୍ଚ୍ଚନା କଲେ ସର୍ବ ଦେବଦେବୀଙ୍କ ଆଶୀର୍ବାଦ ମିଳିଥାଏ ବୋଲି ବିଶ୍ୱାସ କରାଯାଏ।


ରାଜ୍ୟ ଶିକ୍ଷା ଅଧିକାର ଅଧିକାରୀ
ସଂସ୍କୃତି ସଂଯୋଜକ- ତଥା ମୁଖ୍ୟ
ସଂପାଦକ- କଳିଙ୍ଗ ସମାଜ,
ଭୁବନେଶ୍ୱର, ଓଡ଼ିଶା
ମୋ: ୮୭୬୩୫୪୩୨୦୨





## ଈଶ୍ୱର ଆଲ୍ଲାଙ୍କ ରୂପ

### ଗୀତାଞ୍ଜଳି ପୃଷ୍ଟି

ମୁଁ ଦେଖୁନି କି ତୁମେ ବି ଦେଖୁନ
ଈଶ୍ୱର ଆଲ୍ଲାଙ୍କ ରୂପ
ଧର୍ମ ନାମରେ କି ପାଇଁ ଛେଦୁଛ
କାହା ଅଙ୍ଗ ବା ମସ୍ତକ ।

କେଉଁ ବର୍ଣ୍ଣବୋଧ ତିଆରି କରିଛି
ଅଧର୍ମ ଅନୀତି ପାଠ
ଜୀବନଟା ଏକ ଅଛିଣ୍ଡା ଗଣିତ
କାହିଁକି ସାଜିଛ ଚାଟ ।

ଉଠ ବନ୍ଧୁ ଉଠ ତ୍ରିନୟନ ଖୋଲି
ଶାନ୍ତିର ସାମ୍ରାଜ୍ୟ ଦେଖ
ଧର୍ମ ନୁହେଁ ପରା ଖେଳଣା କଣ୍ଢେଇ
ହୃଦୟେ ସାଇତି ରଖ ।

ଶ୍ରେଷ୍ଠ ଧର୍ମ ସେହି ମଣିଷ ପଣିଆ
ଈଶ୍ୱରଙ୍କ ସୃଷ୍ଟ ଗାଥା
ସେଇଠାରୁ ଜାତ କୋରାନ,
ବାଇବେଲ
ଗୀତା, ଭାଗବତ କଥା ।

ସମୟ ସାଗର ସୈକତ ପରେ
ଶୁଣି ନିଜ ପଦ ଶବ୍ଦ
ପରମାତ୍ମା ପାଶେ ସମର୍ପିତ ହୁଅ
ତେଜି ବାଦ ପ୍ରତିବାଦ ।

ସମସ୍ତ ପ୍ରାଣରେ ଅଛନ୍ତି ଈଶ୍ୱର
ଭିନ୍ନ ଭିନ୍ନ ଆବରଣେ
ବୁଝିଛି ଯେ ଜନ ଲଭିଛି ଆସ୍ଥାନ
ଶ୍ରୀଗୁରୁଙ୍କ ଶ୍ରୀଚରଣେ।


ଗତିରାଉତ ପାଟଣା, କଟକ
ପିନ - ୭୫୪୧୦୦
ମୋ : ୮୯୧୭୪୧୬୨୫୧


## ଏକାକୀ ଜୀବନର ପରିଚର୍ଯ୍ୟା

### କ୍ଷୀରୋଦ୍ର କୁମାର ସାହୁ



ଖାଲି ଯାହା
ବାହାସ୍ଫୋଟ ମାରି
ବାରମ୍ବାର ତାଗିତ
କରୁଥିବାର ସମୟ
ଏବେ କିନ୍ତୁ ନଛୋଡବନ୍ଧା
ବୟସ ବି ଅତିକ୍ରାନ୍ତ
ମୁଁ ଏବେ ପ୍ରତୀକ୍ଷାରତ
କାହା ବାଟ ଚାହିଁଛି
କେଜାଣି ଆଜି ବି
ଅନଭିଜ୍ଞ ଏଯାବତ ।

ମୁହଁରେ ତୁଣ୍ଡି ଦେଇ
ସେଦିନ ଚୁପ କରିଗଲା ପରେ
ଏବେକା ଆଉ କ୍ରନ୍ଦନ ରୋଳ
ଶୁଭୁନି ଗାଁ ମଶାଣିରେ
ଯାହା ଖାଲି ରାତିରେ
ତାଳ ଗଛର ପତ୍ର
ଫଡ ଫଡ କରେ ।

ଅବିକା ପେଚାର
କିଟି କିଟି ଅନ୍ଧାରରେ
ରାଉ ରାଉ ହେବାର
ସ୍ୱରରେ
ମୁଁ ଖୋଜେ କୋଇଲିର
ପଞ୍ଚମ ରାଗିଣୀ
ସଭିଏଁ ତ ସ୍ୱାର୍ଥପର
କିଏ କେବେ କାହାକୁ
ପଚାରବ
ଘର ପରିବାରର
ସୁଖ ଦୁଃଖ
ଏବେ ଖାଲି
ଯାହା ଏକା ଏକା
ଜୀଇଁ ବାକୁ ହେବାର
ଅଭ୍ୟାସର ପରୀକ୍ଷଣ ରେ ମୁଁ ।


ବରପିଟା, ପାଟଣାଗଡ଼
ବଲାଙ୍ଗୀର-୪୧
ମୋ-୯୮୬୧୮୫୨୫୮୭



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୪୦



ଡ.ସିନ୍ଧୁ ସେନ୍

ଲକ୍ଷ୍ୟ କଲି ବିଭୀଷଣ ମୋତେ ବୁଝାଇ ବୁଝାଇ ଶେଷରେ ଦୁଃଖରେ ଭାଂଗି ପଡ଼ିଛନ୍ତି । ଆଉ ଲୁହ ଛଳଛଳ ଆଖିରେ ସେ କେବଳ ମୂକ ଭଳି ମୋତେ ଅନାଇ ରହିଛନ୍ତି । ମୋ ମନରେ କିନ୍ତୁ ତାଙ୍କ ପାଇଁ ଟିକିଏ ବି ଅନୁକମ୍ପା ଜାକୁ ନଥିଲା । ବରଂ ବିଶ୍ୱବିଜେତା ହେବାର ଅଭିଯାନ ଆରମ୍ଭ ହେବ ଧନପତି କୁବେରଙ୍କ ବିରୋଧରେ ଯୁଦ୍ଧରୁ ଏହା ଭାବି ମୋ ମନ, ପ୍ରାଣ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲା ଭାବୁଥିଲି, ଧନପତି କୁବେର ନିଜେ ହିଁ ମୋ ପାଇଁ ଦ୍ୱାର ଉନ୍ମୁକ୍ତ କରି ଯୁଦ୍ଧର ଜୟଯାତ୍ରା ପାଇଁ ସୁଯୋଗ ସୃଷ୍ଟି କରିଦେଲେ । ନିଜକୁ ଭାଗ୍ୟବାନ ମନେକରୁଥିଲି । ନିଜ ହାତ ପାପୁଲିକୁ ବାରମ୍ବାର ଆଘ୍ରାଣ କରି ପରଖି ନେଉଥିଲି ପଦ୍ମଗନ୍ଧର ବାସ୍ନା ।

ଏବେ ମୋ ଅନ୍ତିମ ଲଗ୍ନରେ ସେସବୁ କଥାକୁ ସ୍ମରଣ କଲେ ଚିତ୍ରପଟ ଭଳି ଅତୀତର ଦୃଶ୍ୟ ସବୁ ଆଖି ସାମ୍ନାରେ ଜଳଜଳ ହୋଇ ଦେଖା ଯାଉଛି । ସେଦିନ ଯଦି ବିଭୀଷଣର ଉପଦେଶକୁ ମାନି ନେଇଥାନ୍ତି ଅନ୍ୟାୟ ଅଧର୍ମ ପଥକୁ ପରିତ୍ୟାଗ କରିଥାନ୍ତି । ତେବେ ଆଜି ହୁଏତ ମୋତେ ଏପରି ଦୁର୍ଦ୍ଦଶା ଭୋଗ କରିବାକୁ ପଡ଼ନ୍ତା ନାହିଁ । ମାତ୍ର ବିଧିର ବିଧାନକୁ ରୋକିବ ବା କିଏ ? ଭାଗ୍ୟରେ ଲେଖାଥିବା ଘଟଣାରାଜି ଘଟିବ ତ ନିଶ୍ଚିତ । ମୁଁ ତେଣୁ ଏଥିପାଇଁ ଦାୟୀ କରିବି କାହାକୁ । ନିଜ ଗୋଡ଼ରେ ତ ନିଜେ କୁରାଢ଼ିର ଚେଟ ମାରିଛି । କହିବି କାହାକୁ

ଖାଲି କ'ଣ ସେତିକିରେ କଥା ସରିଲା । ତା ପରଠାରୁ ତ ମୋର କେବଳ ଅନ୍ୟାୟ ଆଉ ଅନ୍ୟାୟ କର୍ମ ହିଁ ବଢ଼ି ଚାଲିଲା । ନିଜକୁ ବିଶ୍ୱବିଜେତା ଭାବେ ପ୍ରତିଷ୍ଠା କରିବା ପାଇଁ କେତେ ଯେ ଅପକର୍ମ କରି ଚାଲିଲି ତାର କଳନା ନାହିଁ । ଏମିତି କି, ମୋ ଅତି ଆଦରର ଭଉଣୀ ସୂର୍ପଣଖା ମୁଣ୍ଡରୁ ସିନ୍ଦୂର ମଧ ପୋଛି ଦେଇଥିଲି । ସେ କାହାଣୀ ମୋ ପାଇଁ ଥିଲା ଏକ ଅଶୁଳ କାହାଣୀ ।

ବିଦ୍ୟୁଜିହ୍ୱ ଥିଲେ ମୋର ଭିଣୋଇ । ଆଦରର ସାନଭଉଣୀ ସୂର୍ପଣଖାକୁ ତା ହାତରେ ଟେକି ଦେବାପରେ ସେ ମୋର ଅତି ପ୍ରିୟଜନ ପାଲଟି ଯାଇଥିଲା । ଏକାନ୍ତରେ ମୁଁ ତାକୁ ଅଧିକ ଶ୍ରଦ୍ଧା କରୁଥିଲି । ସେ ମଧ ଥିଲେ ଜଣେ ଅସାଧାରଣ ବୀରପୁରୁଷ । ବିଜ୍ଞ, ପ୍ରତିଭାସମ୍ପନ୍ନ । ତାଙ୍କ ବୀରତ୍ୱକୁ ସମ୍ମାନ ଜଣାଇ ମୁଁ ତାଙ୍କୁ ମୋ ରାକ୍ଷସ ବାହିନୀରେ ସାମିଲ୍ କରିଥିଲି । ବିଦ୍ୟୁଜିହ୍ୱ ଥିଲେ କାଳିକେୟ ମାନଙ୍କର ନେତା । ଯେଉଁମାନେ ରାକ୍ଷସ ସଂସ୍କୃତିର ବିରୋଧୀ ଥିଲେ । ମାତ୍ର ସେମାନେ ନିଜ ସ୍ୱାଧୀନତା ହରାଇ ଥିବାରୁ ବାଧ୍ୟବାଧକତାରେ ରାକ୍ଷସ ସଂସ୍କୃତି ପ୍ରତି ଅନୁକମ୍ପା ଦେଖାଇଥିଲେ ସତ, ମାତ୍ର ମାନସିକ ସ୍ତରରେ ଲଙ୍କାର ଆଧିପତ୍ୟକୁ ସ୍ୱୀକାର କରି ପାରିନଥିଲେ। ମାତ୍ର ଉପଯୁକ୍ତ ନେତା ଅଭାବରୁ ସେମାନେ ଲଙ୍କା ବିରୁଦ୍ଧରେ ଯିବାକୁ ମଧ ସାହସ କରୁନଥିଲେ ।

ବିଦ୍ୟୁଜିହ୍ୱ ମୋ ଭିଣୋଇ ହେବାପରେ ମୋଠାରୁ ଜଣେ ସାଧାରଣ ସୈନ୍ୟ ହୋଇ ନରହି ଅଧିକ କିଛି ପଦପଦବି ଆଶାକରିବା ସ୍ୱାଭାବିକ । ଭଉଣୀର ମୁହଁକୁ ଚାହିଁ ମୁଁ ମଧ ତାକୁ ତା ଚାହିଁବା ଠାରୁ ଉଚ୍ଚପଦବିରେ ଅଧିଷ୍ଠିତ କରାଇବାର ମନସ୍ଥ କରିଥିଲି । ସେହି ଅନୁଯାୟୀ ମୋର ପ୍ରତିନିଧି ସ୍ୱରୂପ ବିଦ୍ୟୁଜିହ୍ୱକୁ ଅଶ୍ମଦ୍ୱୀପର ଶାସନଭାର ଅର୍ପଣ କଲି । ସୂର୍ପଣଖାକୁ ନେଇ ଅଛି ଆନନ୍ଦରେ ସେ ଲଙ୍କାରୁ ଅଶ୍ମଦ୍ୱୀପକୁ ଚାଲି ଯାଇଥିଲା । ନିଜ ଭଉଣୀ ଭିଣୋଇକୁ ସୁଖରେ ରଖିପାରିଛି ବୋଲି ଆଶ୍ୱସ୍ତ ମଧ ଥିଲି । ମାତ୍ର ମୋର ଏ ଖୁସିର ସମୟ ବେଶିଦିନ ରହିଲା ନାହିଁ ।

କହନ୍ତି, ଅଭାବ ଚାଲିଯାଏ । ମାତ୍ର ସ୍ୱଭାବ ଯାଏନା । ତାହାହିଁ ମୁଁ ମର୍ମେମର୍ମେ ଅନୁଭବ କଲି । ଯେଉଁଦିନ ଜାଣିଲି, କାଳିକେୟ ମାନେ ବିଦ୍ୟୁଜିହ୍ୱକୁ ପାଇ ବେଶ୍ ସକ୍ରିୟ ହୋଇ ଉଠିଛନ୍ତି । ଆଉ ପୁନର୍ବାର ସ୍ୱାଧୀନତା ଫେରି ପାଇବା ପାଇଁ ଆଶାୟୀ ହୋଇ ଉଠିଛନ୍ତି । ମୋତେ ସେଦିନ ପୁନଶ୍ଚ ଆଉ ଏକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଲା । ଯେଉଁଦିନ ଜାଣିବାକୁ ପାଇଲି ବିଦ୍ୟୁଜିହ୍ୱ ଅଶ୍ମଦ୍ୱୀପର ସ୍ୱାଧୀନତା ଘୋଷଣା କରିଛନ୍ତି ତାଙ୍କ ପଛରେ ରହିଛି ସମଗ୍ର କାଳିକେୟ ସଂପ୍ରଦାୟର ସମର୍ଥନ ।

ବିଦ୍ୟୁଜିହ୍ୱ ମୋର ଶତ୍ରୁ ନଥିଲେ । ମୁଁ ବି ଚାହୁଁ ନଥିଲି ତାଙ୍କ ସହ ଶତ୍ରୁତା ଆଚରଣ କରିବାକୁ । ତାଙ୍କ ସହ ପୂର୍ବର ସମ୍ପର୍କ ଯାହା ବି ଥାଉନା କାହିଁକି, ଏବେ ସେ ମୋର ଏକାନ୍ତ ଆତ୍ମୀୟ, ପ୍ରିୟ ପରିଜନ । ତା ବିରୁଦ୍ଧରେ ଯୁଦ୍ଧ ତ ଦୂରର କଥା ତାର ସାମାନ୍ୟତମ କ୍ଷତି ମଧ ମୁଁ ଚାହୁଁନଥିଲି । ମାତ୍ର ପରିସ୍ଥିତି ବେଳେବେଳେ ମଣିଷକୁ ନିଜ ଇଚ୍ଛା ବିରୁଦ୍ଧରେ ଯିବାକୁ ବାଧ କରିଥାଏ । ସେଦିନ ମୋ ଅବସ୍ଥା ମଧ ଠିକ୍ ସେଇଆ ହୋଇଥିଲା ।

ଲଙ୍କା ଦ୍ୱୀପ ଠାରୁ ଅଶ୍ମଦ୍ୱୀପର ଦୂରତା ଖୁବ୍ ଗୋଟେ ବେଶି ନହେଲେ ମଧ ଅଶ୍ମଦ୍ୱୀପ ଆମ ଲଙ୍କା ପାଇଁ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ । ମୁଁ ତେଣୁ ତାକୁ ହାତଛଡ଼ା କରିବାକୁ ଚାହୁଁ ନଥିଲି । ମାତ୍ର ବିଦ୍ୟୁଜିହ୍ୱଙ୍କ ଔଦ୍ଧତ୍ୟ ମୋତେ ତା ବିରୁଦ୍ଧରେ ଯୁଦ୍ଧ ପାଇଁ ବାଧ କରିଥିଲା । ଯଦିଓ ଜାଣିଥିଲି, ଯୁଦ୍ଧ କେବେ ମଣିଷକୁ ଶାନ୍ତି ଦେଇପାରେନା । କାରଣ ଯୁଦ୍ଧର କାରଣ ଯେଉଁଥିପାଇଁ ହୋଇଥାଉ ନା କାହିଁକି, ଯୁଦ୍ଧର ଶେଷ ଫଳାଫଳ ତ ମୃତ୍ୟୁ, ହାହାକାର, ରକ୍ତପାତ ଆଉ ଧ୍ୱଂସ, ଯୁଦ୍ଧରେ ଗୋଟିଏ ପକ୍ଷ ଜୟଲାଭ କରେ ସତ୍ୟ, ମାତ୍ର ଉଭୟପକ୍ଷ କିନ୍ତୁ କ୍ଷତିଗ୍ରସ୍ତ ହୋଇଥାନ୍ତି । ଉଭୟ ପକ୍ଷର କେତେକେତେ ବୀରପୁରୁଷ ପ୍ରାଣବଳୀ ଦେଇଥାନ୍ତି । ଦୁର୍ଲଭ ଜୀବନ ଅକାଳରେ ମଉଳିଯାଏ । ଉଭୟଙ୍କୁ ମିଳିଥାଏ କେବଳ ଅର୍ଥହାନୀ, ପ୍ରାଣନାଶ ଭୟ, ଶଙ୍କା, ଦୁଃଶ୍ଚିନ୍ତା ଆଉ ଦୁଃଖ ।

କାଳିକେୟ ଆଉ ରାକ୍ଷସ ମାନଙ୍କ ମଧରେ ଦୀର୍ଘଦିନ ଧରି ଯୁଦ୍ଧ ଚାଲିଲା । ଉଭୟ ପକ୍ଷର ବହୁ ସୈନ୍ୟ ମୃତାହତ ହେଲେ । ଏପରିକି ବିଦ୍ୟୁଜିହ୍ୱଙ୍କ ପିତାଙ୍କର ମଧ ମୃତ୍ୟୁ ହେଲା । ନିଜକୁ ତର୍ଜମା କରୁଥିଲି କାହିଁକି ଏ ଯୁଦ୍ଧର ? କ'ଣ ଥିଲା ଆବଶ୍ୟକତା ? କାହିଁକି ଏ ରକ୍ତପାତ ? ଜୀବନର ପ୍ରତିଷ୍ଠା କ'ଣ କେବଳ ରକ୍ତର ? ମୁଁ ବି ସେହି ପ୍ରତିଷ୍ଠା ପାଇଁ ବ୍ୟଗ୍ର । ରକ୍ତନଦୀରେ ସନ୍ତରଣ କରି ବି ପ୍ରତିଷ୍ଠା ଚାହୁଁଥିଲି । ସେଦିନ ବାସ୍ତବରେ ବିଦ୍ୟୁଜିହ୍ୱର ବଳବିକ୍ରମ ଓ ରଣକୌଶଳ ଦେଖି ମୁଁ ଅଭିଭୂତ ହୋଇପଡ଼ିଥିଲି । ତାଙ୍କୁ ମୁକ୍ତି ଦେବାପାଇଁ ଅନେକ ଚେଷ୍ଟା ମଧ କରିଥିଲି । ହେଲେ ବୀର କେବେ କାହାରି ଠାରେ ମୁଣ୍ଡ ନୁଆଁଏ ନାହିଁ । ଏହି ଚରମ ସତ୍ୟକୁ ମୋ ମୁହଁରେ ରୋକ୍‌ଠୋକ୍ ଜବବ ଦେଇଥିଲା । ବାଧ ହୋଇ ମୋତେ ହିଁ ବିଦ୍ୟୁଜିହ୍ୱଙ୍କ ବିରୋଧରେ ଅସ୍ତ୍ର ଉଠାଇବାକୁ ପଡ଼ିଥିଲା । ଯୁଦ୍ଧ କ୍ରମଶଃ ଭୟଙ୍କର ହୋଇ ଉଠିଥିଲା । ବିଦ୍ୟୁଜିହ୍ୱର ସମଗ୍ର ଶରୀର ରକ୍ତରଞ୍ଜିତ । ତଥାପି ସେ ବୀର ପରି ରଣଭୂମିରେ ଛିଡ଼ା ହୋଇଥିଲା । ମୋ ଅନ୍ତର୍ମନରେ ଦ୍ୱନ୍ଦ୍ୱ ଜାଗୁଥିଲା । ଏକପଟେ ସୂର୍ପଣଖାର ମୁଣ୍ଡରେ ଲାଲ ଟହଟହ ସିନ୍ଦୂର, ଅନ୍ୟପକ୍ଷରେ ବିଦ୍ୟୁଜିହ୍ୱ ହାତରେ ଶାଣିତ ଅସ୍ତ୍ର । କାହାକୁ ଅଟକାଇବି ? କ'ଣ କରିବି ? ମୋ ହାତର ଅସ୍ତ୍ର କ୍ରମଶଃ ରକ୍ତମୁଖା ହୋଇ ଉଠିଥିଲା । ମୁଁ ରାବଣ । ବୀରର ବୀରତ୍ୱକୁ ଠିକ୍ ଚିହ୍ନେ । ସମ୍ମୁଖ ଶତ୍ରୁ ଆଗରେ ହାରି ଯାଇ ପଳାୟ କରିବା ମୋର ଧର୍ମ ନୁହେଁ । ବିଦ୍ୟୁଜିହ୍ୱ ମୋର ଭଗିନୀପତି । ତାର ରକ୍ତାକ୍ତ ଶରୀରକୁ ଭଲଭାବେ ନିରୀକ୍ଷଣ କଲି । ସତରେ କେତେ ଦୁଷ୍ଟବୁଦ୍ଧି ତାର । ଖୁବ୍ ଅହଂକାରୀ ମଧ । ଜୀବନର ଅନ୍ତିମ ମୁହୂର୍ତ୍ତରେ ମଧ ସେ ମୋଠାରୁ ଜୀବନଭିକ୍ଷା ନ କରି ବୀର ପରି ଲଢ଼ିବାକୁ ଚାହେଁ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୬୫ ॥

ସେ ଚିନ୍ତା କଲେ ଯେ ଗରିଲା ଏକ ପ୍ରାଣୀ ଓ ସିମ୍ପାଞ୍ଜି ଅନ୍ୟ ଏକ ପ୍ରାଣୀ। ଗୋଟିଏ ବିଶାଳ କାୟ ପ୍ରାଣୀ ଓ ଗୋଟିଏ କ୍ଷୁଦ୍ର ପ୍ରାଣୀ। ଏମାନଙ୍କ ମଧ ରେ ମିଳନ ହେବା ମଧ ସ୍ୱାଭାବିକ ନୁହେଁ। ତେଣୁ ମାନବ ସୃଷ୍ଟି କରିବାକୁ ହେଲେ କେବଳ ବ୍ରହ୍ମା ଯେପରି ସ୍ୱୟମ୍ଭୁବ, ଶତ ରୂପା ଓ ଦଶ ପୁତ୍ରଙ୍କୁ ସୃଷ୍ଟି କରି ଥିଲେ, କେବଳ ସେହି ସୂତ୍ର ପ୍ରୟୋଗ କରିବାକୁ ହେବ। ସେ ଏହିଭଳି ଭାବେ କେତେଜଣ ଆଦିମ ମାନବ ଶିଶୁ ଙ୍କୁ ସୃଷ୍ଟି କରି ପୃଥିବୀର ବିଭିନ୍ନ ସ୍ଥାନକୁ ପ୍ରେରଣ କରିଥିଲେ। ଗରିଲା ଓ ସିମ୍ପାଜିଙ୍କ ବଂଶଜ ହୋଇଥିବାରୁ ସେମାନେ ତରୁରୁ ତରୁକୁ, ପାହାଡରୁ ପଥରକୁ ଲମ୍ଫ ମାରି, ସମୁଦ୍ରର ଭାସମାନ କାଠ ଓ ମତ୍ସ୍ୟ ମାନଙ୍କ ଉପରେ ବସି ଚାରିଆଡକୁ ବ୍ୟାପିଗଲେ। ଏହି ମାନଙ୍କ ଲାଞ୍ଜଟି ମଧ ଅଦୃଶ୍ୟ ହୋଇ ଯାଇଥିଲା। ଯଦିଓ ବ୍ରହ୍ମାଙ୍କ ସୃଷ୍ଟ ସନ୍ତାନ ମାନଙ୍କ ପରି କିମ୍ବା ସ୍ୱୟଂଭୁବ ଓ ଶତ ରୂପାଙ୍କଠାରୁ ସୃଷ୍ଟି ହୋଇଥିବା ମାନବ ପରି ଏମାନେ ଏତେ ଅସାଧାରଣ ଓ ଅତିନ୍ଦ୍ରିୟ ଚେତନା ଶକ୍ତି ଧାରଣ କରି ନଥିଲେ, ତଥାପି ଏମାନେ ମାନବର ସମ ଜାତୀୟ ପ୍ରାଣୀରେ ପରିଣତ ହେଲେ। ଏହି ନୂତନ ପ୍ରାଣୀ ମାନଙ୍କୁ ଦେଖି କଶ୍ୟପଙ୍କର ମନ ଆନନ୍ଦରେ ଅଧୀର ହୋଇ ଉଠିଲା। ଆନନ୍ଦିତ ହେଲେ ପିତା ମରିଚୀ ଓ ମାତା କଳା ! କିନ୍ତୁ ପିତାମହ ବ୍ରହ୍ମା ଶୀଘ୍ର ସେଠାରେ ଉପସ୍ଥିତ ହୋଇ ଏହାର ପ୍ରତିବାଦ କରିଥିଲେ।

'ଅରିଷ୍ଟ ନେମୀ ! (ଏହି ନେମୀ ଶବ୍ଦଟି ଏନ୍‌ମୀ ବା ଶତ୍ରୁ ତଥା ମରିଚୀ ଶବ୍ଦଟି ମହର୍ଷି ଶବ୍ଦ ହୋଇପାରେ)। ସାଧାରଣ ପ୍ରଜା ସୃଷ୍ଟି କରିବା ପାଇଁ ଏହିପରି ବୈଜ୍ଞାନିକ ପଦ୍ଧତିର କୌଣସି ଦରକାର ନାହିଁ। ସେମାନେ ସାଧାରଣ ପ୍ରାକୃତିକ ଭାବେ ଜନ୍ମ ନେବା ଉଚିତ୍। ନଚେତ୍ ପ୍ରାକୃତିକ ନିୟମରେ ବିଘଟନ ଓ ବିଶୃଙ୍ଖଳା ସୃଷ୍ଟି ହେବ। ଏହା ବ୍ୟତୀତ ତୁମେ ଏକା ପ୍ରକାର ଗୁଣ ସୂତ୍ର ସଂଖ୍ୟା ଥିବା ପ୍ରାଣୀମାନଙ୍କୁ ଏକାଠି କରି ନୂତନ ପ୍ରାଣୀ ସୃଷ୍ଟି କରିବାର ସାଧନା ଚଳାଇଛ। ଏହି ପରି ଭାବେ ତୁମେ ବିଭିନ୍ନ ମତ୍ସ୍ୟ, ଅଶ୍ୱ ଓ ଗଧ, ମାଇ ବାଘ ଓ ସିଂହ ଏମାନଙ୍କୁ ନେଇ ନୂଆ ପ୍ରାଣୀ ତିଆରି କରିଛ। ତୁମେ ଘୁଷୁରୀ ଓ ମାନବ ଏବଂ କ୍ରୌଞ୍ଚ ଦ୍ୱୀପର ମାନବ ସହିତ ସମାନ ଗୁଣ ସୂତ୍ର ଥିବା ଏକ ହରିଣଙ୍କୁ ନେଇ ଏମାନଙ୍କ ମିଶ୍ରିତ ମାନବର ବିକଳ୍ପ ସୃଷ୍ଟି କରିବାର ଚେଷ୍ଟା ମଧ କରୁଛ। କିନ୍ତୁ ଏହି ଅପ୍ରାକୃତିକ ସୃଷ୍ଟି କରିବାର ପରିଣତି ମଧ ଦୁଃସହ ହୋଇପାରେ। କାରଣ ଏଭଳି ପ୍ରାଣୀ ମାନଙ୍କ ଗୁଣ ସୂତ୍ର ବିଶୃଙ୍ଖଳ ହୋଇ ଏମାନେ ପ୍ରାୟ କ୍ଲୀବ ହୋଇ ଯାଇ ପାରନ୍ତି ଓ ବଂଶ ରକ୍ଷା କରି ପାରନ୍ତି ନାହିଁ। କେବଳ ଉଦ୍ଭିଦ ବିଜ୍ଞାନରେ ତୁମେ ସାବଧାନ ତାର ସହିତ ଏପରି ଯୌଗିକ ସୃଷ୍ଟି କରିପାର। ତେଣୁ ଏମାନେ ସମସ୍ତେ ମୈଥୁନ ଦ୍ୱାରା ଏଣିକି ସୃଷ୍ଟି ହେବେ। କେବଳ ଅସାଧାରଣ ମାନବ ମାନଙ୍କର ସୃଷ୍ଟି ପାଇଁ ତୁମେ ସ୍ଥଳ ବିଶେଷରେ ଅପରା ବିଜ୍ଞାନର ଅନୁସରଣ କରି ପାରିବ।'

'ସୁ ପ୍ରୌତ୍ର କଶ୍ୟପ, ମୁଁ କେବଳ ଏହି ପର୍ଯ୍ୟନ୍ତ ତୁମ ଜ୍ଞାନର ତର୍ଜମା କରୁଥିଲି। କିନ୍ତୁ ଏବେ ମଧ ତୁମ ଜ୍ଞାନ ସମ୍ପୂର୍ଣ୍ଣ ପରିପକ୍ୱ ହୋଇନାହିଁ। ପରବର୍ତ୍ତୀ ଜୀବନରେ ସୃଷ୍ଟି ସର୍ଜନା ପାଇଁ ତୁମକୁ ଏକ ନୂତନ ଭୋଗମୟ ଜୀବନରେ କର୍ମ କରିବାକୁ ହେବ। ଅନେକ ପତ୍ନୀ ଓ ପ୍ରାଣୀ ମାନଙ୍କ ସହ ସମ୍ଭୋଗ କରିବାକୁ ହେବ। ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ମଧରେ ପାନ, ଭୋଜନ ସହ ମିଥୁନ ବଳରେ ତୁମେ ସର୍ଜନା କରିବ। କିନ୍ତୁ ଏହି ସାଧନା ଏତେ ସହଜ ନୁହେଁ। ହୁଏତ ଏହି ସମୟରେ ତୁମର ତାରୁଣ୍ୟ ଛଳ, ଛଳ ନବ ଯୌବନର ରଙ୍ଗୀନ ମନ ବୈଜ୍ଞାନିକର କଠୋର ଅନୁଶାସନ କୁ ଖାତିର ନକରି ଏହି ଭୋଗ ମୟ ଜୀବନରେ ତୁମକୁ ବାନ୍ଧି ଦେଇପାରେ। ଯୌବନର ପିଚ୍ଛିଳ ପଥରେ ପାଦ ଖସି ପ୍ରଜାପତି ଧର୍ମର ସମସ୍ତ ନୀତି, ନିୟମ ଶୃଙ୍ଖଳା ଭୁଲି ତୁମର ଲକ୍ଷ ଭ୍ରଷ୍ଟ ହୋଇପାରେ। ତୁମର ପତନ ହୋଇ ପାରେ। ତେଣୁ ପ୍ରଜାପତି ଆସନର ଯୋଗ୍ୟ ହେବାପାଇଁ କେବଳ ଯୁଦ୍ଧ, ସନ୍ତରଣ, ତୀର ଚାଳନା, ବେଦ, ବେଦାନ୍ତର ଜ୍ଞାନ ଯଥେଷ୍ଟ ହୋଇ ନଥାଏ। ଏଥିପାଇଁ ବୈଜ୍ଞାନିକର କାୟିକ, ମାନସିକ ଓ ଆତ୍ମିକ ଶକ୍ତିର ପୂର୍ଣ୍ଣ ସର୍ବାଙ୍ଗୀନ ବିକାଶ ହେବା ପ୍ରୟୋଜନ। କାରଣ ଦେବ ସାଧନା ଗୁଡ଼ିକ ସାଧନ ନକଲେ ଭବିଷ୍ୟତରେ ତୁମଠାରୁ ଦେବତା ମାନେ କିପରି ଜନ୍ମ ହେବେ ?'

'ଏହା କିପରି ସଂଭବ ହେବ ପିତାମହ ? ସାଧନା ଯେତେ କଠୋର ହେଉନା କାହିଁକି ନିଜର ଲକ୍ଷ ସ୍ଥଳ ରେ ଉପନୀତ ହେବା ପାଇଁ ମୋତେ ତାହା କରି ବାକୁ ପଡ଼ିବ। ନଚେତ୍ ମୋ ଠାରୁ ସୃଷ୍ଟି ହୋଇଥିବା କଶ୍ୟପ ଗୋତ୍ରୀ ମାନେ ମୋତେ କାହିଁକି ଚିରଦିନ ସମ୍ମାନ ଦେବେ ? ପିତାମହ, ଜଣେ ନିଜ ପୂର୍ବଜଙ୍କ ରୂପ ଗୁଣ ବିଶେଷତଃ ସାତ ପୁରୁଷ ପର୍ଯ୍ୟନ୍ତ ମାତୃ ଓ ପିତୃ କୁଳର ଅନୁରୂପ ହୋଇଥାଏ। ତେଣୁ ନିଜ ଗୋତ୍ର କୁ ସମ୍ମାନ ଦେଇଥାଏ। ନଚେତ୍ ସେମାନେ ମୋ ଠାରୁ କି ଆଦର୍ଶ ଶିକ୍ଷା କରିବେ ?'

'କଶ୍ୟପ, ଏଥିପାଇଁ ତୁମକୁ ସୁବର୍ଣ୍ଣ ଗିରିରୁ ଗୁରୁ ଗ୍ରହଣ କରି କାଶ୍ମୀର ଉପତ୍ୟକାରେ ଅସାଧାରଣ ପ୍ରାଚୀନ ଯୋଗ ମାନ ଶିକ୍ଷା କରିବାକୁ ହେବ। ଯମ, ନିୟମ,ଆସନ, ପ୍ରାଣାୟମ, ପ୍ରତ୍ୟାହାର ଆଦିର ଉର୍ଦ୍ଧ୍ୱକୁ ଯାଇ, ଚରିତ୍ର ଗଠନ, ସଂଯମ, ବ୍ରହ୍ମ ଚର୍ଯ୍ୟ ଆଦି ଅଭ୍ୟାସ କରିବ। ଦେବତା ମାନାଙ୍କ ପରି ଧାନ, ପ୍ରେମ, ଭକ୍ତି, ଯୋଗ ଆଦିର ପରମ ଜ୍ଞାନୀହେବ।

ଏହାପରେ ସନାତନ ଧର୍ମ ଓ ବିଷ୍ଣୁଙ୍କ ଉପରେ ବିଶ୍ୱାସ ରଖି ଯୋଗାସନ, ଯଥା ଭକ୍ତିଯୋଗ- ଶ୍ରୀ ବିଷ୍ଣୁଙ୍କ ନାମରେ ହସି, କାନ୍ଦି, ଉନ୍ମତ୍ତ ହୋଇ ନିଜକୁ ବିସ୍ମୃତ ହେବା ଓ ଜଗତ ବିଷ୍ଣୁ ବି ମୟ ଦେଖିବା। ଜ୍ଞାନଯୋଗ- ସମାସନରେ ବସି ଦୁଇ ଜାନୁରେ ହସ୍ତ ରଖି ଓଁଙ୍କାର ଜପିବା (ପୂରକ ଓ କୁମ୍ଭକ ପରି) । ହୃଦୟର ଅଷ୍ଟଦଳ ପାଖୁଡାର ପଦ୍ମ ଓ ମଧରେ ତାର ଉର୍ଦ୍ଧ୍ୱରେ ସୂର୍ଯ୍ୟ ମଣ୍ଡଳ ଓ ସୋମ ମଣ୍ଡଳ ମଧରେ, ଜ୍ୱଳନ୍ତ ହୁତାଶନ ମଧରେ ସୁବର୍ଣ୍ଣ କୁଣ୍ଡଳ, ଶ୍ରୀବତ୍ସ ଚିହ୍ନ ଶୋଭିତ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ, ସୁବର୍ଣ୍ଣ ଆସନରେ ଆସୀନ ପଦ୍ମଲୋଚନ ଶ୍ରୀ ବିଷ୍ଣୁବିଙ୍କର ସୁନ୍ଦର ରୂପକୁ ଭଜନ କରିବ। ଇନ୍ଦ୍ରିୟ ମାନଙ୍କୁ ନିବାରଣ କରିବ। ମନକୁ ସଂଯତ ରଖିବ ଏବଂ ସ୍ୱର୍ଭୂତରେ ବ୍ରହ୍ମଙ୍କୁ ଦେଖିବ। ଏହାକୁ ବହୁତ ଦିନ ସିଦ୍ଧ କଲା ପରେ ନାନା ପ୍ରକାର ଯୋଗ ସାଧନ ହୁଏ। ଏହା ହେଉଛି ଅଷ୍ଟାଙ୍ଗ ଯୋଗ। ଏହି ପ୍ରକାରେ ଅଷ୍ଟାଦଶ ସିଦ୍ଧି ମିଳିଥାଏ। ସେଥିରୁ ପ୍ରଧାନ ଅଷ୍ଟ ସିଦ୍ଧି ହେଉଛି ଅଣିମା, ଲଘିମା, ମହିମା, ଈଷତା (ଶ୍ରୁତିଶକ୍ତି ଓ ଦୃଷ୍ଟିଶକ୍ତିର ବିକାଶ), ବଶିତା (ସମସ୍ତ ବିଷୟରୁ ମୁକ୍ତ ହେବା), ଅବଶତା, ଚାରି ପ୍ରକାମ୍ୟ ଈଷତା,ବଶିତା। ସ୍ୱର୍ଜ୍ଞ ସିଦ୍ଧିପ -(କ୍ଷୁଧା, ପିପାସା, ଜରା,ମୃତ୍ୟୁ , ଲୋଭ, ମୋହ ଆଦି ଷଡ଼ ଉର୍ମି ନିବାରଣ)। ଦୂରଶ୍ରବଣ ସିଦ୍ଧି- ( ପ୍ରାଣୀମାନେ ଦୂରରେ ଥାଇ ଯାହା ସ୍ତବ କରନ୍ତି ସେ ତାହା ଜାଣି ପାରନ୍ତି)। ଦୂରଦର୍ଶନ ସିଦ୍ଧି ପ ( ବିଶ୍ୱ ସଂସାର ଓ ଚରାଚର ବିଷୟରେ ଜାଣି ପାରନ୍ତି। ମନୋଜ ସିଦ୍ଧି ଟ୍ରାନ୍ସଫରୋର୍ଡ- (ମନରୁ ଚଞ୍ଚଳ ଗତିରେ ଯାଇ ପହଞ୍ଚି ଯଥାନ୍ତି) କଳ୍ପିତ ସିଦ୍ଧି ଅନୁସାରେ ଦେହ ଧାରଣ କରିପାରନ୍ତି। ପରକାୟ ପ୍ରବେଶ ସିଦ୍ଧି-(ଅନ୍ୟ ଦେହ ଶୂନ୍ୟ ଥିଲେ ତା ମଧରେ ପ୍ରବେଶ କରନ୍ତି)କ୍ଷ। ସ୍ୱଚ୍ଛନ୍ଦା ମୃତ୍ୟୁ -(ନିଜ ଇଚ୍ଛାରେ ମରନ୍ତି), ସିଦ୍ଧି ପ (ଦେବତା ମାନଙ୍କ ସାଙ୍ଗରେ ବିହାର କରନ୍ତି)। ସଂକଳ୍ପ ସିଦ୍ଧି-(ମନ କଳ୍ପିତ ଫଳ ପାଇ ପାରନ୍ତି) । ବଚନ ସିଦ୍ଧି-( ଧାନ, ଧାରଣା ଓ ଯୋଗରୁ ବଚନ ସିଦ୍ଧି କରନ୍ତି) ।ସାମାନ୍ୟ ସିଦ୍ଧି ତ୍ରି କାଳ ସିଦ୍ଧି -( ଯୋ ଗୀମାନେ ଯୋ ଗ ବଳରେ ଭୂତ, ଭବିଷ୍ୟ ବି ଓ ବର୍ତ୍ତମାନ କୁ ଜାଣି ପାରନ୍ତି)। ଆଦ୍ୟନ୍ତ ସିଦ୍ଧି -( ଶୀତ, ବର୍ଷା, ତାପ, ଝାଳ, ବାତ ଗ୍ରସ୍ତ କରିପାରେନାହିଁ) ।ନିକୁମ୍ଭ ସିଦ୍ଧି-(ଅଗ୍ନି, ସୂର୍ଯ୍ୟ, ସମୁଦ୍ର, ଦଶଶସ୍ତ୍ର ବାଧିବ ନାହିଁ)। ଅଣିମା ସିଦ୍ଧି-(ଭୂତ ରେ ମତି ଦେଇ ଧାରଣା କରିବ। ତେବେ ସେ ସୂକ୍ଷ୍ମରୂପରେ ରହି ପାରିବ)। ମହିମା ସିଦ୍ଧି-( ଯେ ମହତ ରୂପରେ ଭଗବାନଙ୍କୁ ଦେଖିବ)। ଲଘିମା ସିଦ୍ଧି ପ (ସମସ୍ତଭୂତ ମଧରେ ଅଣୁପ୍ରମାଣ ରେ ରହିବ)। ବ୍ୟାସ ସିଦ୍ଧି-(ଯେ ଅହଙ୍କାର ଯୁକ୍ତ ହୋଇ ଇନ୍ଦ୍ରିୟ ଦ୍ୱାରା ଚିତ୍ତକୁ ଯୋଗ ବଳରେ ଧାରଣା କରିବ)। ଈଶିତା ସିଦ୍ଧି ପ (ସକଳ ଐଶ୍ୱର୍ଯ୍ୟର ଧାମ ନାରାୟଣଙ୍କୁ ଧାରଣା ଯୋଗେ ତୃତୀୟ ରୂପରେ ଚିତ୍ତ ରେ ଧରି ସିଦ୍ଧି ଲାଭ କରିବ)। କାମ ବଶିତା-( ନିର୍ଗୁଣ ବ୍ରହ୍ମ ରୂପେ ଶୁଦ୍ଧ ଚିତ୍ତ ରେମନ ନିବେଶ କରି ଆନନ୍ଦ ରେ ଧାନ କରିବ)। ଦୂର ଶ୍ରବଣ-(ଶ୍ୱେତ ଦ୍ୱୀପର କ୍ଷୀର ସିନ୍ଧୁ ମଧରେ ନୀଳ ଜଳଦ ତନୁ ଶ୍ୟାମକୁ ଧାନ କରି ଷଡ଼ଉର୍ମି ଜିତିବ। ଏହାପରେ ଆକାଶ ପରି ଶୂନ୍ୟ ରୂପୀ ଭଗବାନ ସ୍ୱର୍ଭୂତରେ ବ୍ୟାପି ରହିଥିବେ ଓ ଯେ ଶବ୍ଦ ରୂପରେ ଭଗବାନଙ୍କୁ ଭାବିବ ସେ ଦୂର ଶ୍ରବଣ ଶକ୍ତି ପାଇବ)। ସାକ୍ଷ ଦୃଷ୍ଟି ସିଦ୍ଧି-(ଚକ୍ଷୁଦୁଇଟି ସୂର୍ଯ୍ୟରେ ଥୋଇ ନୟନରେ ସବିତାଙ୍କୁ ରଖିବେ । ନିଙ୍ଗନି ଯୋଗର ମଧ ଗତରେ ବିଷ୍ଣୁଙ୍କୁ ଧାନ କଲେ ସକଳ ବିଶ୍ୱକୁ ଦେଖିପାରିବ)। ମନୋଜ ସିଦ୍ଧିପ(ମନ, ବଚନ, ଦେହ, ପ୍ରାଣ ଦେଇ ଯେ ଭଗବାନଙ୍କୁ ଭଜନ କରିବ ସେ ମନ ସହିତ ଗମନ କରିବ)। ଅଚିନ୍ତା ଶକ୍ତି-(ଧାରଣା ଯୋଗେ ଧାନ କରି ଯେଉଁ କଳ୍ପନା କରିବ ତାହା ଦେଖାଯିବ)। କାୟା ପ୍ରବେଶ ସିଦ୍ଧି-( ପର ଦେହ ଶୂନ୍ୟ ଦେଖି ନିଜ ଦେହରେ ଆତ୍ମାକୁ ଉପଲକ୍ଷି ଯେଉଁକାମ ରୂପ ଯୋଗେଶ୍ୱର ବିଷ୍ଣୁ ପାଦରେ ଧାନ କରି ଶରୀର ଦେଖି ତା ଦେହରେ ପ୍ରବେଶ କରିବ)। ସ୍ୱଚ୍ଛନ୍ଦ ମୃତ୍ୟୁ -( ଭଗବାନଙ୍କ ରୂପକୁ ବ୍ରହ୍ମ ମୟ ଭାବେ ଧାନ କରି ବ୍ରହ୍ମ ରନ୍ଧ୍ର ରେ ସ୍ଥାପିବ ଏବଂ ପରଂବ୍ରହ୍ମ ଆଶା ମିଳିଲେ)। ସଂକଳ୍ପ ସିଦ୍ଧି-( ଯିଏ ସତ୍ୟ ରୂପରେ ଈଶ୍ୱରଙ୍କୁ ଧାନ କରିବ ସେ ପାଇପାରିବ)। ଅମର ସିଦ୍ଧିପ (ଏହି ସିଦ୍ଧି ଲାଭ କଲେ ସ୍ୱର୍ଗ ବୈଭୋଗ ଭୁଞ୍ଜିବ)। ସଂକଳ୍ପ ସିଦ୍ଧିପ(ଯେ ପାପଧାରଣା,ଯୋଗ,ଧାନ ବଳରେ କଳ୍ପ ବୃକ୍ଷ ରୂପରେ, ସତ୍ୟ ସ୍ୱରୂପରେ ଭଗବାନଙ୍କ ଚିନ୍ତା କରେ ଏବଂ ଭଗବାନଙ୍କୁ ହିଁ ହର୍ତ୍ତା, କର୍ତ୍ତା, ଦୈବ,ବିଧାତା ବୋଲି ଭାବେ ଏବଂ ତାଙ୍କଠାରୁ କେହି ଭିନ୍ନ ନାହାନ୍ତି, ସେ ସର୍ବଆତ୍ମାର ଅଧୀଶ୍ୱର ବୋଲି ଧାନ କରନ୍ତି କ୍ଷସଂସାରର କୌଣସି ବସ୍ତୁ ତାଙ୍କୁ ଦୁର୍ଲ୍ଲଭ ହୁଏ ନାହିଁ )। ତାଙ୍କର ନାମ ଶ୍ରବଣ ଓ କୀର୍ତ୍ତନ ରେ ଅଳ୍ପ ଦିନରେ ସର୍ବସିଦ୍ଧି ହୁଏ। ଏହି ଅଷ୍ଟାଦଶ ସିଦ୍ଧି ଜ୍ଞାନ ଅପେକ୍ଷା ଭକ୍ତି ମାର୍ଗରେ ଯାଇ କଲେ ଶୀଘ୍ର ସିଦ୍ଧି ମିଳେ।'

'ହେ, କଶ୍ୟପ ଏହି ସମସ୍ତ ସାଧନା କରି ସାରିବା ପରେ ତୁମେ ଉଭୟ ଅନ୍ତର୍ବିଜ୍ଞାନ ଓ ବହିର୍ବିଜ୍ଞାନରେ ଜଣେ ଅଦ୍ୱିତୀୟ ବୈଜ୍ଞାନିକ ହୋଇ ପାରିବ ଓ ସୃଷ୍ଟି ସର୍ଜନା କରି ପାରିବ। ଭବିଷ୍ୟତ ବଂଶଧରଙ୍କ ପାଇଁ ଜଣେ ଆଦର୍ଶ ମାନବ ହୋଇ ଚିର ସ୍ମରଣୀୟ ରହିବା।'

ପିତାମହଙ୍କ ଆଜ୍ଞା ପାଇ ଏହା ପରେ କଶ୍ୟପ କଣ କରିଥିଲେ ?

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଆଲୋକର ପର୍ବ ନ ହେଉ ପ୍ରଦୂଷଣର କାରଣ



ରାଜସ୍ମିତା ବାରିକ



ଦୀପଂ ଜ୍ୟୋତି ପରଂବ୍ରହ୍ମ
ଦୀପଂ ଜ୍ୟୋତି ଜନାର୍ଦ୍ଦନ
ଦୀପଂ ଜ୍ୟୋତି ହରତେ ପାପ
ସନ୍ଧ୍ୟା ଦୀପଂ ନମସ୍ତୁତେ

ଯୁଗେ ଯୁଗେ ଧରି ଏହି ପର୍ବ ପାଳନ ହୋଇଆସୁଛି। ଦୀପାବଳି ହେଉଛି ଆଲୋକର ପର୍ବ। ଆନନ୍ଦ ଉଲ୍ଲାସର ପର୍ବ। ଏହି ପର୍ବକୁ ସମସ୍ତେ ମିଳିମିଶି ପାଳନ କରନ୍ତି । ଅନ୍ଧକାରକୁ ବିନାଶ କରେ ବୋଲି ଏହି ପର୍ବକୁ ଆଲୋକର ପର୍ବ କୁହାଯାଏ। ଏହି ଦିନ ମା କାଳୀଙ୍କର ମଧ ପୂଜାର୍ଚ୍ଚନା କରାଯାଏ । ଏହି ପର୍ବ ଶୋକ ଓ ନୈରାଶ୍ୟ ଦୂର କରି ଅନ୍ଧକାରରୁ ଆଲୋକର ମାର୍ଗ ଦର୍ଶନ କରାଇଥାଏ, ଯାହାକି ବ୍ୟକ୍ତିର ଆତ୍ମବଳକୁ ବୃଦ୍ଧି କରାଇଥାଏ । ଗୋଟେ ଦୀପ ନିଜେ ଜଳି ଜଳି ଅନ୍ଧକାରକୁ ବିନାଶ କରେ ଏବଂ ଅନ୍ୟକୁ ଆଲୋକ ପ୍ରଦାନ କରେ । ଦୀପ ପାଖରୁ ଆମକୁ ଅନେକ କିଛି ଶିଖିବାର କଥା । ଆମକୁ ମଧ ଦୀପ ଭଳି ହେବାର ଆବଶ୍ୟକତା ରହିଛି । ଦୀପ ଭଳି ଜଳି ଜଳି ନିଜର ଜ୍ଞାନର ଆଲୋକରେ ଜଗତକୁ ଆଲୋକିତ କରିବାର ଆବଶ୍ୟକତା ରହିଛି। ଯେତେବେଳେ ଅସତ୍ୟ ଉପରେ ସତ୍ୟ, ଅନ୍ୟାୟ ଉପରେ ନ୍ୟାୟ , ଅଧର୍ମ ଉପରେ ଧର୍ମ ପ୍ରତିଷ୍ଠା ହୋଇଛି। ସେତେବେଳେ ଏହି ଦୀପାବଳୀର ଆବଶ୍ୟକତା ପଡ଼ିଛି । ସତ୍ୟ ଯୁଗରେ ରାବଣ ଠାରୁ ସୀତାଙ୍କୁ ଉଦ୍ଧାର କରି ରାମଚନ୍ଦ୍ର ରାବଣକୁ ବିନାଶ କରି ଅଧର୍ମ ଉପରେ ଧର୍ମ ପ୍ରତିଷ୍ଠା କରି ଯେତେବେଳେ ଅଯୋଧ୍ୟାକୁ ଫେରିଛନ୍ତି ସେହି ସମୟରେ ସମଗ୍ର ଅଯୋଧ୍ୟା ବାସି ଦୀପ ଜାଳି ଦୀପାବଳୀ ପାଳନ କରିଛନ୍ତି। ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ନିଜ ପିତୃ ପୁରୁଷଙ୍କୁ କାର୍ତ୍ତିକ ମାସ ଅମାବାସ୍ୟାରେ ପିଣ୍ଡ ଦାନ କରିଛନ୍ତି ସେହି ଦିନକୁ ମନେ ରଖିବା ପାଇଁ ଆଜି ଆମେ ପୂର୍ବ ପୁରୁଷଙ୍କୁ ପିଣ୍ଡ ଦାନ କରୁଛୁ ।

ଏହି ଦୀପାବଳୀ ପର୍ବକୁ ଦୀପଜାଳି ବାଣ ଫୁଟାଇ ଲୋକ ମାନେ ପାଳନ କରନ୍ତି। ଦୀପାବଳୀ ଭଳି ଏକ ଆଧ୍ୟାତ୍ମିକତାର ପର୍ବରେ ଆମେ ମାନେ ରାସାୟନିକ ବିଷାକ୍ତ ବାଣ ଫୁଟାଇବା ଦ୍ୱାରା ବାୟୁ ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ, ପରିବେଶ ପ୍ରଦୂଷଣ ହେଉଛି । ଯେଉଁ ପରିବେଶରେ ଆମେ ରହିଛୁ ସେହି ପରିବେଶକୁ ଆମେ ପ୍ରଦୂଷଣ କରୁଛୁ। ସାମାନ୍ୟ ଖୁସି ପାଇଁ ବହୁତ୍ ମାତ୍ରାରେ ବାଣ ଫୁଟାଇ ନିଜର କ୍ଷତିକୁ ନିଜେ କରୁଛୁ। ଏହି ବାଣ ଫୁଟାଇ ଅନେକ ଲୋକ ମଧ ବିଭିନ୍ନ ଦୁର୍ଘଟଣାରେ ଶିକାର ହେଉଛନ୍ତି। ଯେଉଁ ବାୟୁରୁ ସମଗ୍ର ଜୀବ ଜଗତ ଅମ୍ଳଜାନ ଗ୍ରହଣ କରେ । ସେହି ବାୟୁ ପ୍ରଦୂଷଣ ହୋଇଯାଉଛି। ଏହି ବିଷାକ୍ତ ଗ୍ୟାସ ଯୋଗୁଁ ଫୁସଫୁସ ଜନିତ ରୋଗ, ଶ୍ୱାସ ରୋଗ, ମୁଣ୍ଡ ବ୍ୟଥା ଓ କାଶ ଇତ୍ୟାଦି ବିଭିନ୍ନ ରୋଗରେ ସମ୍ମୁଖୀନ ହେଉଛନ୍ତି ଅନେକ ଲୋକ । ସୂର୍ଯ୍ୟଙ୍କର ତାପ ବଢିବାରେ ଲାଗୁଛି ଯାହା ଦ୍ୱାରା ଅନେକ ଲୋକ ଅଂଶୁଘାତରେ ଶିକାର ହେଉଛନ୍ତି।

ଦୀପାବଳୀରେ ଅତ୍ୟାଧିକ ବାଣ ଫୁଟାଇବା ଯୋଗୁଁ ଶବ୍ଦ ପ୍ରଦୂଷଣ ହେଉଛି ।ଏହା ଦ୍ୱାରା ଜୀବଜଗତକୁ କେତେଯେ କ୍ଷତି ସହିବାକୁ ପଡୁଛି ସେଥିରେ କଳନା କରିହେବ ନାହିଁ । ଦୀପାବଳୀରେ ଗ୍ରାମଠୁ ସହର ସବୁଠି ବାଣକୁ ବହୁତ୍ ମାତ୍ରାରେ ଲୋକ ମାନେ ଫୁଟାଉଛନ୍ତି । ଏହାର କୁ ପରିଣାମ ସମଗ୍ର ମାନବ ସମାଜକୁ ଭୋଗିବାକୁ ପଡୁଛି। ଦୀପାବଳୀ ହେଉ କି କିଛି ବି ପୂଜା ପର୍ବ ଏବଂ ବାହାଘରରେ ବାଣ ଫୁଟାଇବା, ଡିଜେ ବଜାଇବା ଦ୍ୱାରା ଏହାର ପ୍ରଭାବ ରେ ଜଣେ ହୃଦ୍ ରୋଗିଟି ବହୁତ କଷ୍ଟ ପାଏ । ସାଧାରଣ ମନୁଷ୍ୟ ମଧ କଷ୍ଟ ପାଇଥାଏ। ଏତେ ଉଚ୍ଚ ଶବ୍ଦ ରେ ଡିଜେ ବଜାଇବା ଏବଂ ବାଣ ଫୁଟାଇବାଠୁ ଦୂରେଇ ରହିବା ଆବଶ୍ୟକ । ଆମ ନିଜର ସୁରକ୍ଷା ନିଜ ହାତରେ ରହିଛି । ସୁସ୍ଥ ନିରାମୟ ଜୀବନ ଯାପନ ପାଇ ସର୍ବଦା ଶାନ୍ତ ପରିବେଶ ରେ ବାସ କରିବା । ସେଥି ପାଇଁ ଆଗ କାଳରେ ମୁନିରଷି ମାନେ ଅରଣ୍ୟ ରେ ବାସ କରୁଥିଲେ। ଅରଣ୍ୟ ହିଁ ଥିଲା ସେମାନେଙ୍କର ସାଧନା ପୀଠ। ଜଙ୍ଗଲର ଫଳ ମୂଳ ଖାଇ ଜୀବନ ଧାରଣ କରୁଥିଲେ। ସେମାନେ ବୃକ୍ଷର ଛାୟା ତଳେ ଏକ ଆଧ୍ୟାତ୍ମିକ ପରିବେଶରେ ରହି ଈଶ୍ୱରଙ୍କୁ ଆରାଧନା କରୁଥିଲେ ।

ତେଣୁ ଆମ ପରିବେଶ କୁ ସର୍ବଦା ସୁରକ୍ଷିତ ରଖିବା ପରିବେଶକୁ କ୍ଷତି କରୁଥିବା ଜିନିଷଠୁ ଦୂରେଇ ରହିବା। ଦୀପାବଳୀରେ ବିଷାକ୍ତ ବାଣ ଠାରୁ ଦୂରେଇ ରହିବା । ପରସ୍ପର ମଧରେ ସ୍ନେହ ଶ୍ରଦ୍ଧା ଭଲ ପାଇବାରେ ଏହି ପର୍ବକୁ ପାଳନ କରିବା। ନିଜ ଭିତରେ ଥିବା ଅଜ୍ଞାନର ଅନ୍ଧକାରକୁ ଦୂର କରିବା । ଦୀପାବଳି ପର୍ବରେ ଦୀପ ଜାଳନ୍ତୁ। ଦୀପଜାଳି ସମସ୍ତଙ୍କ ମଧ୍ୟରେ ଖୁସି ବାଣ୍ଟନ୍ତୁ।

ନୀଳଗିରି, ବାଲେଶ୍ୱର

# ତମସୋ ମା ଜ୍ୟୋତିର୍ଗମୟ...

## ଶ୍ୟାମାକାଳୀ ପୂଜା ଓ ନରକ ଚତୁର୍ଦ୍ଦଶୀ

ଅଜୟ କୁମାର ବେହେରା



କାର୍ତ୍ତିକ ଅମାବାସ୍ୟାରେ କାଳୀ ପୂଜା ବା ଶ୍ୟାମାକାଳୀ ପୂଜା ବା ମହାନିଶା ପୂଜା ଅନୁଷ୍ଠିତ ହୁଏ। ଯିଏ ମହାକାଳୀ, ସେ ହିଁ ନିତ୍ୟକାଳୀ, ଶ୍ମଶାନକାଳୀ, ରକ୍ଷାକାଳୀ ଓ ଶ୍ୟାମାକାଳୀ। ଶ୍ୟାମାକାଳୀ, ମହାକାଳୀଙ୍କର ଅପେକ୍ଷାକୃତ କମ୍ ଉଗ୍ର ରୂପ ହୋଇଥିବାରୁ, ଘରେ ଘରେ ପୂଜିତା। ଉତ୍ତର ଭାରତରେ ଏହି ଦିନରେ ମହାଲକ୍ଷ୍ମୀ ପୂଜା ହେଉଥିବା ବେଳେ ପଶ୍ଚିମ ବଙ୍ଗ, ଓଡ଼ିଶା ଓ ଆସାମରେ କାଳୀ ପୂଜା ଅନୁଷ୍ଠିତ ହୁଏ। ସାର୍ବଜନୀନ କାଳୀ ପୂଜାର ଆରମ୍ଭ ବଙ୍ଗ ପ୍ରଦେଶରୁ। ଅଷ୍ଟାଦଶ ଶତାବ୍ଦୀରେ ନବଦ୍ୱୀପର ରାଜା କୃଷ୍ଣଚନ୍ଦ୍ର ଏହା ଆରମ୍ଭ କରିଥିଲେ। ଉନ୍ନବିଂଶ ଶତାବ୍ଦୀରେ ତାଙ୍କ ନାତି ଈଶ୍ୱରଚନ୍ଦ୍ର ଏହାକୁ ଏକ ଲୋକପ୍ରିୟ ଉତ୍ସବରେ ପରିଣତ କରାଇଥିଲେ। ସପ୍ତଦଶ ଶତାବ୍ଦୀରେ ବଳରାମ ରଚିତ କାଳିକା ମଙ୍ଗଳକାବ୍ୟରେ କାଳୀ ପୂଜାର ଉଲ୍ଲେଖ ମିଳେ। ଏହି ଦିନରେ କାଳୀ ମାତାଙ୍କ ଗଳାରେ ରକ୍ତଜବା ମାଳ ପିନ୍ଧାଇବା ସହ ମାଛ-ମାଂସ ଭୋଗ ହୁଏ। ପୁଣି ଏହି ଦିନରେ କଲକାତାର କାଳୀଘାଟ ମନ୍ଦିର ଓ ଗୁଆହାଟୀର କାମାକ୍ଷା ମନ୍ଦିରରେ କାଳୀ ମାତାଙ୍କୁ ଲକ୍ଷ୍ମୀ ଭାବେ ପୂଜା କରାଯାଏ।

ନରକ ଚତୁର୍ଦ୍ଦଶୀରେ ଯମରାଜଙ୍କୁ ପୂଜା କରାଯାଇଥାଏ । ବଳିଙ୍କ ଭକ୍ତିରେ ପ୍ରସନ୍ନ ହୋଇ ବାମନ ଭଗବାନ ତାଙ୍କୁ ତିନୋଟି ବର ମାଗିବାକୁ କହିଥିଲେ । କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ଦିନ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ନରକ ଚତୁର୍ଦ୍ଦଶୀରେ ଦୀପଦାନ କରୁଥିବା ବ୍ୟକ୍ତିକୁ ଯମଯାତନା ମିଳିବ ନାହିଁ, ଲକ୍ଷ୍ମୀ ଛାଡ଼ି ଯିବେ ନାହିଁ ଏବଂ ସର୍ବଦା ତାଙ୍କ ଉପରେ ଭଗବାନ ବିଷ୍ଣୁଙ୍କ କୃପା ରହିବ । ବାମନ ଭଗବାନଙ୍କ ଆଶୀର୍ବାଦ କ୍ରମେ ଏହି ଦିନ ନରକ ଚତୁର୍ଦ୍ଦଶୀ ନାମରେ ଖ୍ୟାତ ହେଲା । ଏହି ପବିତ୍ର ତିଥିରେ ଯମରାଜ ଏବଂ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଦୀପ ଜଳାଯାଇଥାଏ । ଏହି ଦିନ ଯମରାଜଙ୍କ ପୂଜା କରୁଥିବା ବ୍ୟକ୍ତି ନରକ ଯାତନା ଭୋଗେ ନାହିଁ ବୋଲି ପୁରାଣରେ ବର୍ଣ୍ଣିତ ରହିଛି । ଆଉ ଏକ ଆଖ୍ୟାନ ଅନୁଯାୟୀ ନରକ ଚତୁର୍ଦ୍ଦଶୀ ଦିନ ଭଗବାନ କୃଷ୍ଣ ନରକାସୁରର ବଧ କରିଥିଲେ ଏବଂ ତା'କବଳରୁ ୧୬ ହଜାର ୧୦୦ କନ୍ୟାଙ୍କୁ ମୁକୁଳାଇଥିଲେ । ନରକ ଚତୁର୍ଦ୍ଦଶୀ ଦିନକୁ ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଗୁଜୁରାଟରେ କାଳୀ ଚୌଦସ୍ ନାମରେ ପାଳନ କରାଯାଏ । ଗୋଆରେ ଏହି ଦିନ ନର୍କାସୁରର ପ୍ରତିମା ନିର୍ମାଣ କରାଯାଇ ଜଳାଯାଇଥାଏ । ବଙ୍ଗରେ ଏହି ପର୍ବ କାଳୀ ଚୌଦସ ବା ଦେବୀ କାଳୀଙ୍କ ଜନ୍ମ ଦିବସ ରୂପରେ ପାଳନ କରାଯାଇଥାଏ । ନରକ ଚତୁର୍ଦ୍ଦଶୀରେ ମୃତ୍ୟୁର ଦେବତା ଯମରାଜା, ମା'କାଳୀ, ଭଗବାନ ହନୁମାନ, ଦେବୀ ଲକ୍ଷ୍ମୀ, ଭଗବାନ ବିଷ୍ଣୁଙ୍କ ପୂଜା କରାଯାଏ । ଏହି ପର୍ବ ଦିନ ସନ୍ଧ୍ୟାରେ ଦକ୍ଷିଣ ଦିଗକୁ ତିଳ ବା ରାଶି ତେଲରେ ଦୀପ ଜାଳିଲେ ଅକାଳ ମୃତ୍ୟୁ ଯୋଗ କଟିଥାଏ । ଏହି ଦିନ ଭଗବାନ କୃଷ୍ଣଙ୍କ ପୂଜା କରିବାର ମଧ୍ୟ ବିଧି ରହିଛି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ
ମୋ : ୯୪୩୭୦୩୧୨୫୩

## ସବୁ ସଙ୍କଟଙ୍କୁ ନଷ୍ଟ କରନ୍ତି ମା' କାଳୀ

ପୁଷ୍ପମିତ୍ର ମହାପାତ୍ର

ମା'କାଳୀ ଯେତିକି ଭୟାବହ, ତାଠାରୁ ଅଧିକ ମନୋରମ ଓ ଭକ୍ତଙ୍କ ପାଇଁ ଆନନ୍ଦଦାୟିନୀ। ଶକ୍ତିଙ୍କର ଗୋଟେ ରୂପ ହେଉଛନ୍ତି ମହାକାଳୀ। ସଂସ୍କୃତରେ କାଳ ଅର୍ଥ ସମୟ। ସମୟ ହାତରୁ କିଛି ବି ଖସିପାରେ ନାହିଁ। ସେହିଭଳି ମା'କାଳୀ ଅହଂର ଅନ୍ତ କରିଥାନ୍ତି। ଦେବୀ ମାହତ୍ମ୍ୟ ଓ ମାର୍କଣ୍ଡେୟ ପୁରାଣରେ ମା'କାଳୀଙ୍କୁ ଦୁର୍ଗାଙ୍କ ଅବତାର କୁହାଯାଇଛି। ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ମିଳିତ ଶକ୍ତିରୁ ମହିଷାସୁରକୁ ହରାଇବା ପାଇଁ ମା'ଦୁର୍ଗାଙ୍କର ସୃଷ୍ଟି ହୋଇଥିଲା। ଦୁର୍ଗା ବା ଅମ୍ବିକା ଯୁଦ୍ଧ ସମୟରେ ଚଣ୍ଡ ଓ ମୁଣ୍ଡ ନାମକ ରାକ୍ଷସଙ୍କୁ ହରାଇବା ପାଇଁ ନିଜ କପାଳରୁ କାଳୀଙ୍କୁ ସୃଷ୍ଟି କରିଥିବା ପୁରାଣରେ ବର୍ଣ୍ଣିତ ଅଛି।

ଏହି ଅଧ୍ୟାୟରେ କୁହାଯାଇଛି ଅମ୍ବିକା ଏତେମାତ୍ରାରେ କ୍ରୋଧିତ ଥିଲେ ତାଙ୍କ ଚେହେରା କାଳି ପରି ବର୍ଣ୍ଣରେ ପରିଣତ ହୋଇ ଯାଇଥିଲା। କପାଳରୁ ହଠାତ୍ ଖଡ଼୍ଗ ଓ ଫନ୍ଦା ଧରିଥିବା ମା'କାଳୀଙ୍କର ଆବିର୍ଭାବ ହୋଇଥିଲା। ଖପୁରୀ ମାଳ ପରିହିତା ମା'ଙ୍କର ଜିଭ ବାହାରକୁ ବାହାରିଥିଲା। ଲାଲରଙ୍ଗର ଚକ୍ଷୁ ଓ ତାଙ୍କ ଗର୍ଜନରେ ସମଗ୍ର ଆକାଶ କମ୍ପୁଥିଲା। କାଳୀ ଚଣ୍ଡ ଓ ମୁଣ୍ଡଙ୍କୁ ହତ୍ୟା କରି ତାଙ୍କ ମୁଣ୍ଡ ଅମ୍ବିକାଙ୍କୁ ଅର୍ପଣ କରିଥିଲେ। ସେଥିପାଇଁ ତାଙ୍କୁ ଚାମୁଣ୍ଡା ବାମୁଣ୍ଡେଶ୍ୱରୀ ମଧ କୁହାଯାଏ। ଅନ୍ୟପକ୍ଷରେ ମା'କାଳୀ ମଧ ମା'ର ଏକ ରୂପ। ତାଙ୍କର କଳା ରଙ୍ଗରେ ସବୁରଙ୍ଗ ଲୀନ ହୋଇଯାଏ। ତାଙ୍କର ନଗ୍ନତା ପାରଦର୍ଶୀତାକୁ ପ୍ରତୀକାତ୍ମକ ଭାବେ ଦର୍ଶାଇଥାଏ। ଅର୍ଥାତ୍ ଛଦ୍ମ ଆବରଣର ଊର୍ଦ୍ଧ୍ୱରେ ମା'କାଳୀ। ପୃଥିବୀ, ଆକାଶ ଓ ପ୍ରକୃତି ପରି ମା'କାଳୀ ମଧ୍ୟ ପାରଦର୍ଶୀ। ଭଗବାନ ଶିବଙ୍କୁ କୁହାଯାଏ ମହାକାଳ ଓ ସେ ଶ୍ମଶାନରେ ବାସ କରୁଥିବା କୁହାଯାଏ। ଯେଉଁଠି ଶରୀର ଜଳି ପାଉଁଶରେ ପରିଣତ ହୋଇଥାଏ। ଶରୀର ସହିତ ମୋହ ହିଁ ଅହଙ୍କାରର କାରଣ। ଆଉ ଶ୍ମଶାନରେ ସେହି ଅହଙ୍କାର ଧୂଆଁରେ ମିଳାଇଯାଏ। ତେଣୁ ମହାକାଳୀଙ୍କୁ ମୁକ୍ତିର ଦେବୀ ବୋଲି କୁହାଯାଇଥାଏ।



ଜଗତରୁ ଅନ୍ଧକାର ରୂପକ ଅନ୍ୟାୟ, ଭ୍ରଷ୍ଟାଚାର, ଦୁର୍ନୀତି ଦୂର ହୋଇ ଆଲୋକ ରୂପକ ଶାନ୍ତି ଛାୟା ବିଛେଇ ହୋଇ ରହୁ। ଏହା ହିଁ ଦୀପାବଳି ପର୍ବର ମୁଖ୍ୟ ଲକ୍ଷ୍ୟ। ରାଷ୍ଟ୍ରଭକ୍ତ, ସମାଜସେବୀମାନେ ରାଷ୍ଟ୍ର ତଥା ଦେଶର ଉନ୍ନତି ପାଇଁ ଏବଂ ସମାଜରୁ ଶତ୍ରୁ, ଅସତ୍ୟ, ଅନ୍ୟାୟକୁ ପରାଜିତ କରି ସତ୍ୟର ଆଗମନ ନିମନ୍ତେ ଦୀପ ଜାଳି ଭଗବାନଙ୍କ ନିକଟରେ କାମନା କରିଥାନ୍ତି। ପରିବାରର ଲୋକମାନେ ମଧ ନିଜ ଆତ୍ମୀୟଙ୍କ ଶୁଭ ମନାସୀ ଜାଳିଥାନ୍ତି ଦୀପାଳି। ଏହି ଦିନକୁ ଆତ୍ମା ସାକ୍ଷାତକାର ଦିନ ଭାବେ ମଧ ଗ୍ରହଣ କରାଯାଇଥାଏ। ମଣିଷ ଭିତରେ ଥିବା ସୁପ୍ତ ଚେତନାକୁ ଜାଗ୍ରତ କରିବାର ଏହା ଏକ ଅନୁପମ ପର୍ବ। ଆମର ଆଭାମଣ୍ଡଳକୁ ବିଶୁଦ୍ଧ ଓ ପରିବେଶ ସ୍ୱଚ୍ଛତା ପ୍ରତି ସତର୍କ ହେବା ପାଇଁ ମଧ ସନ୍ଦେଶ ଦେଇଥାଏ ଏହି ପର୍ବ। ପୂର୍ବ ପୁରୁଷଙ୍କ ଆତ୍ମାକୁ ଶାନ୍ତି ଦେବା ପାଇଁ ଏହିଦିନ ପିଣ୍ଡଦାନ କରାଯାଇଥାଏ। ପିଣ୍ଡଦାନ ପରେ ସେମାନେ ପିତୃଲୋକ ଗମନ କରନ୍ତି ବୋଲି ବିଶ୍ୱାସ କରାଯାଏ।

+ଆଇନ୍‌ଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ : ୯୪୩୭୨୨୫୬୮୯

## ଆଲୋକର ପର୍ବ ଦୀପାବଳି

ବିଷ୍ଣୁ ପ୍ରସାଦ ଦାସ

ସନାତନ ଧର୍ମରେ ବର୍ଷସାରା ଅନେକ ପର୍ବ ପର୍ବାଣୀ ପାଳନ କରାଯାଏ, ତନ୍ମଧ୍ୟରୁ ସର୍ବ ପ୍ରଥମେ ଶ୍ରୀ ଶ୍ରୀ ଗଣପତିଙ୍କ ପୂଜା ପରେ ରଥ ଯାତ୍ରା, ବିଶ୍ୱକର୍ମା ପୂଜା , ଦଶହରା, ଲକ୍ଷ୍ମୀ ପୂଜା , କାଳୀପୂଜା, କାର୍ତ୍ତିକେଶ୍ୱର ପୂଜା ଇତ୍ୟାଦି ନିଷ୍ଠାର ସହିତ ପାଳନ କରାଯାଏ । ଐତିହାସିକ ମାନଙ୍କ ମତରେ ଦୀପାବଳୀ ଭାରତ ବର୍ଷରେ ପ୍ରାୟ ୨୫୦୦ ବର୍ଷ ଧରି ପାଳନ କରା ଯାଉଛି, ଏହା ଆଲୋକର ପର୍ବ ସାଧାରଣତଃ ଶସ୍ୟ ଅମଳ ପର୍ବ ଭାବେ ପାଳନ କରାଯାଏ ବୋଲି ଅନେକଙ୍କ ମତ । ଦୀପ ଜାଳିବା ଦ୍ୱାରା ଅନେକ କ୍ଷତିକାରକ ପୋକ ଅଗ୍ନିରେ ପୋଡି ହୋଇ ମରି ଯାଇ ଥା'ନ୍ତି ଏବଂ ଫସଲ ରକ୍ଷା ହୋଇ ଥାଏ। ଏହି ପର୍ବ ଭାରତ ବର୍ଷ ଛଡା ନେପାଳ, ମାଲେସିଆ, ସିଙ୍ଗାପୁର, ମିଆଁମାର, ଗୁଏନା, ସୁରିନାମ , ଫିଜି, ମରିସସ , ତ୍ରିନିଦାଦ, ଟବାଗୋ ଇତ୍ୟାଦି ଦେଶରେ ପାଳନ କରାଯାଏ କାରଣ ସେଠାର ଅନେକ ହିନ୍ଦୁ ଅଛନ୍ତି । ସେହି ଦେଶର ସରକାର୍ ମଧ ଦୀପାବଳି ପାଇଁ ସରକାରୀ ଛୁଟି ଘୋଷଣା କରି ଥାଆନ୍ତି । କେବଳ ହିନ୍ଦୁ ନୁହନ୍ତି ବୌଦ୍ଧ, ଜୈନ ତଥା ଶିଖ ମାନେ ଦୀପାବଳି ପାଳନ କରୁଛନ୍ତି । ବର୍ତ୍ତମାନ ଆମେ ଦୀପାବଳି ବିଷୟରେ କିଛି ଆଲୋଚନା କରିବା ।

କାର୍ତ୍ତିକ ମାସ ଅମାବାସ୍ୟା ଦିନ ଦୀପାବଳି ଉତ୍ସବ ହିନ୍ଦୁ ଧର୍ମାବଲମ୍ବୀ ମାନେ ପାଳନ କରିଥା'ନ୍ତି । ଏହି ଦୀପାବଳି ଅମାବାସ୍ୟାକୁ ପୟା ଅମାବାସ୍ୟା ମଧ କହନ୍ତି । ସେଦିନ ଦୀପର ଆଲୋକରେ ଗୃହ ଗୁଡିକୁ ସଜାଇ ଦିଆ ଯାଇ ଥାଏ , ପ୍ରାୟ ଅଧିକାଂଶ ଆତସ୍ ବାଜି ଫୁଟାଇ ବର୍ଷର ସେହି ଦିନଟିକୁ ଚିର ସ୍ମରଣୀୟ କରି ଥା'ନ୍ତି । କର୍ମ ବହୁଳ ସଂଗ୍ରାମ ଭରା ଜୀବନ ଭିତରେ ପର୍ବ ପର୍ବାଣୀ କିଛି ଆନନ୍ଦ ଦେଉଥିବା ସମୟରେ



ଐଶ୍ୱରିକ ମାର୍ଗ ଦିଗକୁ ମଧ ଆମ ମାନଙ୍କୁ ଆକର୍ଷିତ କରିଥାଏ । ରୀତି ନୀତି ସମୟର ସହିତ ବଦଳୁ ଥିଲା, ବର୍ତ୍ତମାନ ମଧ ବଦଳିଛି ଆଗକୁ ମଧ ବଦଳିବ ଏଥିରେ କୌଣସି ସନ୍ଦେହ ନାହିଁ । ସଂସ୍କାରୀ ବ୍ୟକ୍ତି ମାନେ ସଂସ୍କାରକୁ ବିଭିନ୍ନ ଉପାୟରେ ବାନ୍ଧି ରଖି ପାରିଛନ୍ତି ଆଉ କିଛି ଧର୍ମ ନାମରେ ନିଜ ସ୍ୱାର୍ଥ ସିଦ୍ଧି ତଥା ମନୋରଞ୍ଜନ ନିମନ୍ତେ ପର୍ବ ପର୍ବାଣୀକୁ ବ୍ୟବହାର କରୁଛନ୍ତି।

ରାମାୟଣକୁ ଯଦି ଆଧାର କରିବା ତେବେ ସତ୍ୟଯୁଗରେ ଶ୍ରୀ ରାମଚନ୍ଦ୍ର ଲଙ୍କାଧିଶ ରାବଣକୁ ମାରି ସୀତା ମାତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ଫେରି ଥିଲେ । ଅଯୋଧ୍ୟାର ସମସ୍ତ ପ୍ରଜା ଶ୍ରୀରାମଙ୍କ ଆଗମନକୁ ସ୍ୱାଗତ କରି ତଥା 'ଅସତ୍ୟ ଉପରେ ସତ୍ୟର ବିଜୟ ' ନିମନ୍ତେ ଆନନ୍ଦରେ ବିଭିନ୍ନ ପ୍ରକାର ପ୍ରଦୀପ ପ୍ରଜ୍ୱଳନ କରି ଥିଲେ । ଲୋକ କଥା ଅନୁସାରେ ସେହି ଦିନରୁ ଏହି ଉତ୍ସବ ପାଳନ କରା ଯାଉଛି । ଦୈତ୍ୟ ରାଜା ବଳିଙ୍କ ବିଷୟରେ ଯଦି ଅନୁଧ୍ୟାନ କରିବା ତେବେ ଜାଣିବାକୁ ମିଳେ , ଦୈତ୍ୟରାଜ ବଳି ମହାଦାନୀ ଥିଲେ ତିନି ଭୂବନରେ ତାଙ୍କର ଦାନର ତୁଳନା ନ' ଥିଲା । ତାଙ୍କର ଦାନ ଏପରି ଥିଲା ଯେ , ସ୍ୱର୍ଗର ଦେବତା ମାନଙ୍କ ମଧରେ ମଧ ଭାଳେଣି ପଡ଼ିଗଲା , କାରଣ ତାଙ୍କର ପୂଣ୍ୟ ଫଳରେ ସେ ହୁଏତ ସ୍ୱର୍ଗ ପୂରର ଅଧିକାରୀ ହେଇ ପାରନ୍ତି । ଦେବତା ମାନଙ୍କ ଅନୁରୋଧ ରକ୍ଷାକରି ବିଷ୍ଣୁ ବାମନ ଅବତାର ଗ୍ରହଣ କରି ବଳି ରାଜଙ୍କ ପାଖରେ ପହଞ୍ଚି ଥିଲେ । ବାମନ ରୂପୀ ବିଷ୍ଣୁ ତାଙ୍କୁ କିଛି ଭିକ୍ଷା ମାଗି ଥିଲେ , ବଳି ଦାନ ଦେବାକୁ ନିଜର ସ୍ୱୀକୃତି ପ୍ରଦାନ କରିବା ପରେ ବାମନ ରୂପୀ ବିଷ୍ଣୁ ତାଙ୍କୁ ତିନିପାଦ ଭୂମି ମାଗିଥିଲେ । ସେ ତତ୍କ୍ଷଣାତ ରାଜି ହୋଇ ତିନିପାଦ ଭୂମି ଦେବାକୁ ଘୋଷଣା କଲେ । ମାୟାବୀ ବିଷ୍ଣୁ ଗୋଟିଏ ପାଦରେ ପୃଥିବୀ, ଗୋଟିଏ ପାଦରେ ସ୍ୱର୍ଗ ଏବଂ ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପି ଦେଲେ । ତେଣୁ ସେ ପାତାଳ ପୁରକୁ ଚାଲିଗଲେ । ତା' ପରେ ବଳିଙ୍କ ପ୍ରାର୍ଥନା ଶୁଣି ସ୍ୱୟଂ ବିଷ୍ଣୁ ପାତାଳରେ ବଳିଙ୍କୁ ରାଜା କରି ଦେଲେ । ବର୍ଷକରେ ଥରେ ମର୍ତ୍ତ୍ୟ ପୁରକୁ ଆସି ପ୍ରଜାମାନଙ୍କୁ ଦେଖିବାକୁ ବଳି ବିଷ୍ଣୁଙ୍କୁ ଅନୁରୋଧ କରିଥିଲେ, ଏଥିରେ ସମ୍ମତି ଜଣାଇ କାର୍ତ୍ତିକ ଶୁକ୍ଳ ପ୍ରତିପଦା ଦିନ ଦିନ ବଳି ମର୍ତ୍ତ୍ୟକୁ ଆସିବାକୁ ବିଷ୍ଣୁ ତଥାସ୍ତୁ କହିଲେ । ତେଣୁ ଦାନବୀର ବଳିଙ୍କୁ ତାଙ୍କ ଜନହିତକର କାର୍ଯ୍ୟ ପାଇଁ ମନେ ରଖିବାକୁ ମର୍ତ୍ତ୍ୟ ବାସୀ ଆନନ୍ଦରେ ଦୀପ ପ୍ରଜ୍ୱଳିତ କରି ଆଲୋକିତ କରନ୍ତି ବୋଲି ଲୋକମତ ରହି ଅଛି । ଦ୍ୱାପର ଯୁଗର କଥା ହେଲା ଶ୍ରୀକୃଷ୍ଣ ରାକ୍ଷସ ନରକାସୁରକୁ ମାରି ଚଉଷଠି ସହସ୍ର ରାଜ କନ୍ୟାଙ୍କୁ ଉଦ୍ଧାର କଲା ପରେ ଇନ୍ଦ୍ର ମାତାଙ୍କୁ ନରକାସୁର ଦ୍ୱାରା ଅପହୃତ ମଣି କୁଣ୍ଡଳକୁ ଫେରାଇ ଦେବାକୁ ସତ୍ୟଭାମାଙ୍କୁ ନେଇ ସ୍ୱର୍ଗକୁ ଯାଇଥିଲେ ସେଠାର ସତ୍ୟଭାମାଙ୍କ ଅନୁରୋଧରେ ପାରିଜାତ ବୃକ୍ଷର ଚାରାଟିଏ ଆଣିବାକୁ ଗଲାବେଳେ ଇନ୍ଦ୍ରଙ୍କ ସହିତ ସମସ୍ତ ଦେବତା ବାଧା ଦେବାରୁ ଶ୍ରୀ କୃଷ୍ଣ ସବୁ ଦେବତାଙ୍କୁ ପରାସ୍ତ କରି ପାରିଜାତ ବୃକ୍ଷ ସହ ଅନେକ ଧନରତ୍ନ ନେଇ ଏହି ଦିବସରେ ଦ୍ୱାରକା ପ୍ରତ୍ୟାବର୍ତ୍ତନ କରିଥିଲେ । ତେଣୁ ଦ୍ୱାରକା ବାସୀ ପ୍ରଭୁଙ୍କୁ ସ୍ୱାଗତ ଜଣାଇ ସମଗ୍ର ନଗରୀକୁ ଦୀପ ମାଳାରେ ସଜାଇ, ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ । ଋକ୍ ବେଦରୁ ସୂଚନା ମିଳେ ଯେ, ପୃଥିବୀ ଏକଦା ଘୋର ଅନ୍ଧକାର ଭିତରେ ବୁଡି ରହିଥିଲା, କାଳ କ୍ରମେ ସୂର୍ଯ୍ୟଙ୍କର କିରଣ ପାଇ ପୃଥିବୀ ଦିନେ ଆଲୋକିତ ହେଲା । ଏହାକୁ ମନେ ରଖିବା ପାଇଁ ଦୀପାବଳି ଉତ୍ସବ ପାଳନ କରାଯାଏ । ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ମନ୍ଦିରରେ ମାର୍ଗଶୀର ମାସ ଚତୁର୍ଦ୍ଦଶୀ ତିଥିଠାରୁ ଶ୍ରୀମନ୍ଦିରରେ ତିନିଦିନ ବ୍ୟାପି ଦେବ ଦୀପାବଳି ଉତ୍ସବ ଅନୁଷ୍ଠିତ ହୋଇଥାଏ , ଏହି ତିନି ଦିନ ଶ୍ରୀଜଗନ୍ନାଥ ଶ୍ରାଦ୍ଧ ବେଶରେ ଭୂଷିତ ହୋଇ ବାମନ ରୂପରେ ସତ୍ୟ ଯୁଗର ଅଦିତି ଓ କଶ୍ୟପ, ଶ୍ରୀରାମ ରୂପରେ ତ୍ରେତୟା ଯୁଗର କୌଶଲ୍ୟା, ଦଶରଥ ଏବଂ ଶ୍ରୀକୃଷ୍ଣ ରୂପରେ ଦେବକୀ ଏବଂ ବସୁଦେବ ତଥା ଗୁଣ୍ଡିଚା ଓ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିଥାନ୍ତି । ଶ୍ରଦ୍ଧାଳୁ ହିନ୍ଦୁମାନେ ଯେପରି କାର୍ତ୍ତିକ ଅମାବାସ୍ୟା ତିଥି, ଦୀପାବଳି ଦିନ ନିଜ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ତର୍ପଣାଦି କରି ଦୀପଦାନ କରିଥାନ୍ତି, ଠିକ୍ ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥ ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଏବଂ ଶୁକ୍ଳ ପ୍ରତିପଦ ତିଥିରେ ତିନିଦିନ ଧରି ପିତୃଗଣଙ୍କୁ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିଥାନ୍ତି ।

ଦୀପାବଳି ଉତ୍ସବ ପାଳନ ନିମନ୍ତେ ଆମେ ସଜବାଜ ହୋଇ ଗଲୁଣି , ପୂର୍ବ ସ୍ମୃତିକୁ ରୋମନ୍ଥନ କରି ଭବିଷ୍ୟତର ଯୁବ ପିଢ଼ି ନିମନ୍ତେ କିଛି ସୁ ସନ୍ଦେଶ ଦେଇ ଦୀପାବଳୀ ଉତ୍ସବ ପାଳନ କରିବା ଉଚିତ୍ ହେବ । କାଉଁରିଆ କାଠି ଜାଳି ନିଜ ପିତୃ ପୁରୁଷଙ୍କୁ ସସମ୍ମାନେ ପୃଥିବୀ ପୃଷ୍ଠରୁ ଦେବ ଲୋକକୁ ପଥ ଦେଖାଇବା ସହିତ ଆସନ୍ତା ବର୍ଷ ପୁନଃ ପ୍ରତ୍ୟାବର୍ତ୍ତନ କରିବାକୁ ନମ୍ରତାର ସହିତ ଅନୁରୋଧ କରାଯାଏ । ଯଥେଷ୍ଟ ସଂଯମତାର ସହିତ ସବୁଜ ଫୋଟକା ଯାହାକି ଅତ୍ୟଧିକ ଶବ୍ଦ ପ୍ରଦୂଷଣ କରୁ ନ'ଥିବ ସେଗୁଡିକୁ କେବଳ ଧର୍ମ ରକ୍ଷା ନିମନ୍ତେ ବ୍ୟବହାର କରାଯିବା ଉଚିତ ଅନ୍ୟଥା ବାୟୁ ପ୍ରଦୂଷଣ ଜନିତ କଷ୍ଟ ଶିଶୁଙ୍କ ଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଲାଗି ଘାତକ ସାବ୍ୟସ୍ତ ହେବ । ଅତି ସବୁଠାରେ କ୍ଷତିକାରକ ତେଣୁ ଧର୍ମ କୁ ନୀତି ପୂର୍ଣ୍ଣ ଭାବେ ସଂଯମତା ତଥା ପରିବେଶର ସୁରକ୍ଷା ସହିତ ପାଳନ କରିବା ଜଣେ ଜଣେ ସନାତନ ଧର୍ମୀଙ୍କ ପ୍ରକୃତ ଧର୍ମର ନିଦର୍ଶନ ହେବ । ଜାଣେନା ଏହା କେତେଦୂର ସତ୍ୟ , ତେବେ ବିଭିନ୍ନ ସ୍ଥାନରୁ ସଂଗୃହିତ ଯୁକ୍ତିକୁ ଆଧାର କରି ଲେଖିବାକୁ ଚେଷ୍ଟା କରିଛି । ହୁଏତ ତଥ୍ୟ ରେ କିଛି ତ୍ରୁଟି ପରିଲକ୍ଷିତ ହୋଇ ଥିବ ସେଥିପାଇଁ ଦୁଃଖିତ ।

ସ୍ତମ୍ଭକାର, ସ୍ନେହ କୁଟୀର,
ଝାଞ୍ଜିରୀ ମଙ୍ଗଳା
କଟକ-୭୫୩୦୦୯
ମୋ: ୯୯୩୭୧୭୪୦୯୭

## ଦୀପାବଳି

କାଳି ଦାସ

ଅମାବାସ୍ୟାର ଅନ୍ଧକାରକୁ ଦୂର କରିବାପାଇଁ ସହ ସହ ଦୀପ ପ୍ରତ୍ୟେକ ଘରେ ଲାଗିଥାଏ। ଭାରତର ପ୍ରତ୍ୟେକ ପର୍ବ ଆଧ୍ୟାତ୍ମିକ ଚେତନା, ମାନବିକ ମୂଲ୍ୟବୋଧକୁ କେନ୍ଦ୍ର କରି ହୋଇଥାଏ। ଅନ୍ଧକାର ଅଜ୍ଞାନକୁ ପ୍ରତିନିଧିତ୍ୱ କରେ। ଆଲୋକ ଜ୍ଞାନକୁ ପ୍ରତିନିଧିତ୍ୱ କରିଥାଏ। କୁହାଯାଏ ପ୍ରଥମେ ଦୀପାବଳି ଅଯୋଧ୍ୟା ରେ ପାଳନ କରାଯାଇଥିଲା। ପ୍ରଭୁ ଶ୍ରୀ ରାମଚନ୍ଦ୍ର ୧୪ ବର୍ଷ ବନବାସ ଶେଷ କରି ଛୋଟ ଭାଇ ଲକ୍ଷ୍ମଣ ଓ ସ୍ତ୍ରୀ ସୀତାକୁ ନେଇ ଅଯୋଧ୍ୟା ଫେରିଥିଲେ। ଅଯୋଧ୍ୟା ବାସୀ ରାମଚନ୍ଦ୍ରଙ୍କ ସ୍ୱାଗତ ପାଇଁ ଦୀପରେ ଘର ସଜାଇ ଥିଲେ। ସେଠାରୁ ଏହି ପରମ୍ପରା ଚାଲିଛି। କାଶ୍ମୀର ଠାରୁ କନ୍ୟାକୁମାରୀ ଯାଏଁ ସବୁଠି ଦୀପାବଳିର ଭବ୍ୟ ସମାରୋହ ଦେଖିବାକୁ ମିଳିଥାଏ। ଦୀପାବଳି ହେଲା ଆଲୋକର ପର୍ବ, ବନ୍ଧୁ ମିଳନର ପର୍ବ। ଜ୍ଞାନ ଓ ବୈରାଗ୍ୟର ପର୍ବ ।

ଲୋକ ମାନେ ଦୀପାବଳିର ସ୍ୱାଗତ ହୃଦୟର ସହିତ କରିଥାନ୍ତି। ଘର ଲିପା ପୋଛା ସଫା ସୁତୁରା କରାଯାଇଥାଏ। ଫୁଲ ମାଳ ଘରେ ଘରେ ଲାଗିଥାଏ। ଉତ୍ତର ଭାରତରେ ଦୀପାବଳିର ମହତ୍ୱ ଅଲଗା ରହିଛି। ଦୀପାବଳି କେବଳ ଗୋଟିଏ ଦିନର ପର୍ବ ନୁହେ ବରଂ ଏହା ପାଞ୍ଚ ଦିନ ଯାଏଁ ଚାଲିଥାଏ। ଧନତରସ ତ୍ରେୟଦଶୀ ତିଥିକୁ କୁହାଯାଏ। ଏହି ଦିନ ଧନ୍ୱନ୍ତରଙ୍କ ଜନ୍ମ ହୋଇଥିଲା।

ସମୁଦ୍ର ମନ୍ଥନ ବେଳେ ଧନ୍ୱନ୍ତରୀ ଅମୃତର କଳସ ଧରି ସମୁଦ୍ର ମନ୍ଥନରୁ ବାହାରି ଆସିଥିଲେ ତେଣୁ ଧନ୍ୱାନ୍ତ୍ରୀଙ୍କ ଜନ୍ମକୁ ଧନତରସ କୁହାଯାଇଥାଏ ।ଏହି ଦିନ ଲୋକ ମାନେ ସୁନା, ରୂପା ଓ ବାସନ ପତ୍ର କିଣିଥାନ୍ତି ଏହା ଦ୍ୱାରା ଘରର ଆର୍ଥିକ ପରିସ୍ଥିତି ସୁଧୁରିଥାଏ ବୋଲି ବିଶ୍ୱାସ ରହିଛି । ତା ପରଦିନକୁ ଛୋଟ ଦୀପାବଳି ବୋଲି କୁହାଯାଏ। ଘରେ ଘରେ ଦୀପ ଲାଗିବା ଆରମ୍ଭ ହୋଇଯାଇଥାଏ । ତାପର ଦିନକୁ କୁହାଯାଏ ଦୀପାବଳି। ଏହି ଦିନ ଉତ୍ତରଭାରତରେ ଲୋକମାନେ ଲକ୍ଷ୍ମୀ ଏବଂ ଗଣେଶଙ୍କ ଆରାଧନା ବା ପୂଜା କରିଥାନ୍ତି । ଓଡିଶାରେ ଏବଂ ପଶ୍ଚିମବଙ୍ଗରେ କାଳୀପୂଜା ମେଢ ହୋଇଥାଏ । ଦୀପାବଳି ପରଦିନକୁ ଗୋବର୍ଦ୍ଧନ ଉତ୍ସବ କୁହାଯାଏ । ଏହି ଦିନ ଭଗବାନ ଶ୍ରୀ କୃଷ୍ଣ ଗୋବର୍ଦ୍ଧନ ପର୍ବତକୁ ନିଜ କାଣୀ ଆଙ୍ଗୁଠିରେ ଉଠାଇଥିଲେ ଏବଂ ବୃନ୍ଦାବନରେ ବସାବାସ କରିଥିବା ଲୋକଙ୍କୁ ଇନ୍ଦ୍ରଙ୍କ କୋପରୁ ବଞ୍ଚାଇଥିଲେ । ତାପର ଦିନ ହେଲା "ଭାଇଦୁଜ" ବା ଭାତୃଦ୍ୱିତୀୟା। ଏହି ଦିନ ଭଉଣୀ ମାନେ ଭାଇଙ୍କ ପାଇଁ ଉପବାସ କରିଥାନ୍ତି ଭାଇର ଦୀର୍ଘ ଜୀବନ କାମନା କରିଥାନ୍ତି ଓ ଭାଇଠାରୁ ଉପହାର ପାଇଥାନ୍ତି । ଭାଇ ଭଉଣୀଙ୍କ ସ୍ନେହର ପ୍ରତୀକ ଭାଇଦୁଜ।

ଓଡିଶାରେ ଦୀପ ଦାନ ଓ ପୟା ଶ୍ରାଦ୍ଧ କରାଯାଇଥାଏ। ବିଶ୍ୱାସ ଏହି ଯେ ପିତୃ ପକ୍ଷ ବା ଉପର ପକ୍ଷରେ ପିତୃ ମାନେ ନିଜର ପରିବାର ପାଖକୁ ଆସିଥାନ୍ତି ଏବଂ ଦୀପାବଳି ଦିନ ପୁଣି ପିତୃଲୋକ ଫେରିଯାଇଥାନ୍ତି ତେଣୁ ପିତୃଙ୍କୁ ଅମାବାସ୍ୟାର ଅନ୍ଧକାର ସେମାନଙ୍କ ଗତିରେ ବାଧା ନ ସୃଷ୍ଟି କରୁ ସେଥିପାଇଁ ପିତୃଲୋକଙ୍କ ଉଦେଶ୍ୟରେ ଆଲୋକ ଦେଖା ଯାଇଥାଏ। ଏହା ପରଠାରୁ କାର୍ତ୍ତିକ ମାସର ଅନ୍ୟ ପର୍ବ ଆସିଯାଏ ।

ଦୀପାବଳିର ଆଲୋକ ସଜ୍ଜା ଆମକୁ ଅନେକ କିଛି ଶିଖାଏ । ଆସୁରିକ ଶକ୍ତି ଉପରେ ଦୈବିକ ଶକ୍ତିର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟକୁ ଦର୍ଶାଇଥାଏ । ଦୀପାବଳି ଦିନ ଲୋକମାନେ ଆତିସବାଜି କରିଥାନ୍ତି କିନ୍ତୁ ଏଥିପାଇଁ ଧ୍ୱନିପ୍ରଦ୍ୟୁଷଣ ଏବଂ ବାୟୁ ପ୍ରଦ୍ୟୁଷଣ ହୋଇଥାଏ। ଧ୍ୱନି ପ୍ରଦ୍ୟୁଷଣ କେବଳ ମଣିଷର ସମସ୍ୟା ନୁହେ ବରଂ



ଏହା ଜୀବ ଜନ୍ତୁ ପଶୁପକ୍ଷୀ ସମସ୍ତଙ୍କପାଇଁ ସମସ୍ୟା ସୃଷ୍ଟି କରେ। ବାୟୁ ପ୍ରଦ୍ୟୁଷଣ ସମସ୍ତ ଜୀବଜଗତ ପାଇଁ ଏକ ସମସ୍ୟା। ଅନେକ ରାଜ୍ୟ ସରକାର ଆତିସବାଜି ବା ବାଣ ଫୁଟାଇବାରେ ଆଙ୍କୁଶ ଲଗାଇଛନ୍ତି। କିଛି ନିର୍ଦ୍ଦିଷ୍ଟ ସମୟ ଭିତରେ ବାଣ ଫୁଟାଇବେ ଏବଂ ତାପରେ ଫୁଟାଇଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘୋଷଣା କରିଛନ୍ତି। ଦିଲ୍ଲୀ ବର୍ତ୍ତମାନ ପ୍ରଦ୍ୟୁଷଣର ସମସ୍ୟା ଘେରରେ ରହିଛି ତେଣୁ ଦିଲ୍ଲୀ ସରକାର ସବୁଜ ଦିଲ୍ଲୀ କରିବା ପାଇଁ ବାଣକୁ ବ୍ୟାନ କରିଛନ୍ତି। ବାଣ ଫୁଟେଇବା ଦ୍ୱାରା ବାୟୁମଣ୍ଡଳରେ ରାସାୟାନିକ ପ୍ରତିକ୍ରିୟା ଦେଖିବାକୁ ମିଳେ ଯାହା ଦ୍ୱାରା ଧୂଆଁ ଭାରିଥାଏ ଏବଂ କାର୍ବନ ଡାଇଅକ୍ସାଇଡ, କାର୍ବନ ମୋନୋକ୍ସାଇଡ ଏବଂ ନାଇଟ୍ରୋଯନ ଗ୍ୟାସ ସୃଷ୍ଟି ହୋଇଥାଏ । ଏହା ସବୁଜ ଘରର ଗ୍ୟାସ। ଏହା ଦ୍ୱାରା ବାୟୁମଣ୍ଡଳରେ ଉତ୍ତାପ ବଢିଥାଏ। ବେଳେ ବେଳେ ବାଣ ଫୁଟାଇବା ଦ୍ୱାରା କିଛି ପ୍ରଦ୍ୟୁଷଣ ବାୟୁମଣ୍ଡଳରେ ମିଶିଯାଏ ଯାହା ସିଧାସଳଖ ଆମର ଫୁସଫୁସ ଓ ରକ୍ତରେ ମିଶିଯାଏ ଏବଂ ଆମକୁ ଅସୁସ୍ଥ କରିଥାଏ। ଧ୍ୱନିପ୍ରଦ୍ୟୁଷଣ ବଧିର କରିଦେଇଥାଏ। ଏଥିପାଇଁ ରକ୍ତ ଚାପ ବଢିଥାଏ । ନିଦ ହୁଏନାହି । ଦୀପାବଳିର ଆନନ୍ଦ ଆମେ ସେତେବେଳେ ନେଇପାରିବା ଯେତେବେଳ ଯାଏଁ କୌଣସି ଦୁର୍ଘଟଣା ଘଟିନାହି। ଘରେ ଦୀପ ଲାଗିଥାଏ ବାଣ ଫୁଟାଯାଇଥାଏ ଏହି ସବୁଥି ପାଇଁ ଦୁର୍ଘଟଣା ଘଟିବାର ବହୁତ ସମ୍ଭାବନା ରହିଥାଏ ତେଣୁ ସମସ୍ତେ ସତର୍କତା ଅବଲମ୍ବନ କରି ପର୍ବ ପାଳନ କରିବା କଥା।

ଦୀପ ଲଗାଇବାର ପରମ୍ପରାରେ କିଛି କାରଣ ମଧ ରହିଛି। ବର୍ଷା ଦିନ ପରେ ଦୀପାବଳି ଆସିଥାଏ । ବର୍ଷା ଦିନରେ ଅନେକ ପ୍ରକାର କୀଟପତଙ୍ଗ ଜନ୍ମ ନେଇଥାନ୍ତି । ଅବାଞ୍ଛିତ କୀଟପତଙ୍ଗ ଏହି ଦୀପର ନିଆଁରେ ଝାସ ଦେଇଥାନ୍ତି । ଆଜିକାଲି ଦୀପ ପରିବର୍ତ୍ତେ ଘରେ ଘରେ ଲିଚୁ ଲାଇଟ ଲଗାଉଛନ୍ତି ଏଥିରେ କୀଟପତଙ୍ଗର କୌଣସି ହାନି ହେଉନାହି ବରଂ ପରିବେଷ ଆଧିକ ଦୂଷିତ ହେଉଛି । ଆମର ସମସ୍ତ ପର୍ବ ପର୍ବାଣି ବା ଉତ୍ସବ ଆମ ଜୀବନ ରେ ଆନନ୍ଦ ଆଣିଥାନ୍ତି । ଭାରତୀୟ ସଂସ୍କୃତିରେ ସମସ୍ତ ପର୍ବ ପର୍ବାଣି ଆଧ୍ୟାତ୍ମିକ ଭିତ୍ତିଭୂମି ଉପରେ ଆଧାରିତ। ସମସ୍ତ ନକାରାତ୍ମକ ବିଚାର ଧାରାଠୁ ଅଲଗା ହୋଇ ସକାରାତ୍ମକ ବିଚାର ସହିତ ଏକାକାର ହୋଇଯିବାର ଗୋଟିଏ ପ୍ରୟାସ। ।

+ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯

# ଅମ୍ବିକାଇ ଗଣପରିଷଦ ପକ୍ଷରୁ ମହାବାତ୍ୟାର ୨୫ବର୍ଷ ପୂର୍ତ୍ତି ସତର୍କ ଦିବସ ପାଳିତ




ପାରାଦ୍ୱୀପ , ୩୦/୧୦ (ନି.ପ୍ର): ପାରାଦ୍ୱୀପ ଅମ୍ବିକାଇ ଗଣପରିଷଦ ପକ୍ଷରୁ ମହାବାତ୍ୟାର ୨୫ବର୍ଷ ପୂର୍ତ୍ତି ସତର୍କ ଦିବସ ବସ୍ ଷ୍ଟାଣ୍ଡ ନିକଟସ୍ଥ ଓ୍ୱାର୍କରସ ୟୁନିଅନ ଠାରେ ପାଳନ କରାଯାଇଅଛି । ଏହି ପରିପେକ୍ଷିରେ ଏକ କବିତା ପାଠୋତ୍ସବ ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥୀଲା । କବିୟତ୍ରୀ ପ୍ରେମଲତା ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ପାରାଦୀପର ପୌର ନିର୍ବାହୀ ଅଧିକାରୀ ଅଭିଶେକ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦାନ କରି ପାରାଦୀପକୁ ରକ୍ଷା କରିବାକୁ ହେଲେ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲି । ପୂର୍ବ ଉପକୂଳରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଇଭାକୁଏଟ କରିବା ସେମାନଙ୍କୁ ଖାଇବାକୁ ଦେବା ବଡ କଥାନୁହେଁ, ଆମେରିକାରେ ୩ଶହ. ରୁ ୪ଶହ କି.ମି.ହରିକେନକୁ ସେମାନେ ସାମନା କରୁଛନ୍ତି, ଅଥଚ ଆମେ ୧୨୦ କି.ମି ପବନରେ ବେସ୍ତ ହଉଛେ, ଆଗାମି ସମୟରେ ବିକଳ୍ପ ପ୍ରସ୍ତୁତ କରିବା ଉପରେ ଧ୍ୟାନ ଦେଲେ ବିପଦକୁ ଟାଳି ହବ ବୋଲି କହିଥିଲେ । ଅମ୍ବିକାଇ ଗଣପରିସଦର ସଭାପତି ବରିଷ୍ଠ ସାମ୍ବାଦିକ ଧ୍ରୁବ ଚରଣ ମହାପାତ୍ର ୨୪ବର୍ଷର ଅତୀତ ଉପରେ ଆଲୋକପାତ କରି ଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ କବି ଗୋଲାପରାଣୀ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସଂଘମିତ୍ରା ସ୍ୱାଇଁ । ଅନ୍ୟ ମାନଙ୍କ ମଧ୍ୟରେ ଅନନ୍ତ କୁମାର ଦାସ,କବି ବାବୁରାମ ଚୌଧୁରୀ,କବୟତ୍ରି ହାରାମଣୀ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ ।

# ଖଇରାରେ ବିଧାୟକଙ୍କ ବାତ୍ୟା ସମୀକ୍ଷା ବୈଠକ

ଖଇରା, ୩୦/୧୦ (ନି.ପ୍ର): ଖଇରାରେ ବାତ୍ୟା କ୍ଷୟକ୍ଷତି ନେଇ ଏକ ସମୀକ୍ଷା ବୈଠକ ବ୍ଲକ ସଭାଗୃହରେ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ବାତ୍ୟାକୁ ଖାତିର ନକରି ପ୍ରଶାସନିକ ଅଧିକାରୀ ମାନେ ଯେଭଳି ଭାବେ ଦକ୍ଷତା ଦେଖାଇଲେ ଏବଂ ୧୩୫ ଆଶ୍ରୟସ୍ଥଳୀରେ ଲୋକଙ୍କୁ ରଖି ଖାଦ୍ୟ ପାଣି ଯୋଗାଇଲେ ସେଥପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥସହ ଅଧିକାରୀ ମାନେ କ୍ଷୟକ୍ଷତି ଆକଳନ ସମୟରେ ପାତରଅନ୍ତର ନକରିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଚାଷ ନଷ୍ଟ ହେବା ଏବଂ ଅଦ୍ୟାବଧି ଶହ ଶହ ଗ୍ରାମ ଅନ୍ଧାରରେ ରହିବା,ରାସ୍ତାଘାଟ ନଷ୍ଟ ହେବାକୁ ନେଇ ଲୋକପ୍ରତିନିଧି ମାନେ ଅଭିଯୋଗ କରିଥିଲେ ।ବହୁ ଘର ଉପରେ ଗଛ ଝୁଲି ରହିବା ନେଇ ୧୦ପଞ୍ଚାୟତର ସରପଞ୍ଚ ମାନେ ଅଭିଯୋଗ କରିଥିବା ବେଳେ ଓଡ୍ରାଫ ଟିମ ଏଥିପ୍ରତି ଦୃଷ୍ଟି ଦେଉନଥିବା କହିଥିଲେ । ବୈଠକରେ ବିଡିଓ ଅନନ୍ତ କୁମାର ହାଁସଦା,ତହସିଲଦାର ଜିତେନ୍ଦ୍ର ମୁର୍ମୁ,ଏଇ ଉତ୍ତମ କୁମାର ସାହୁ,ବିପଣି ନିରିକ୍ଷିକା ସୁଭାସିନୀ ସାହୁ,ଆରଡି ସହକାରୀ ଯନ୍ତ୍ରୀ ବୁଦ୍ଧନାଥ ସିଂ,ଜିଲା ପରିଷଦ ସଭ୍ୟ ମାନଶ କୁମାର ଦାଶ ଓ ସଭ୍ୟା ରଶ୍ମିତା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ୧୨ଟି ସର୍କଲ ଆରଆଇ,୩୭ପଞ୍ଚାୟତର ନିର୍ବାହୀ ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଆଉ ଯାତ୍ରାରେ ହେବନି ନଗ୍ନ ନୃତ୍ୟ...

ଗତ କିଛି ହେଲା ଯାତ୍ରା ଦର୍ଶକଙ୍କ ସଂଖ୍ୟା ବଢୁଛି। ରକ୍ଷଣଶୀଳ ବ୍ୟକ୍ତି ନିଜ ପରିବାର ଲୋକଙ୍କ ସହ ଯାତ୍ରା ଦେଖିବାକୁ ଆସୁଛନ୍ତି। ହେଲେ ନାଟକ ଆରମ୍ଭ ପୂର୍ବରୁ ହେଉଥିବା ଅଶ୍ଳୀଳ ନୃତ୍ୟକୁ ନେଇ ଅନେକ ସମୟରେ ବିବାଦ ଦେଖା ଦେଉଛି। ରାଜ୍ୟ ସରକାରଙ୍କ କଡ଼ା ତାଗିଦ ସତ୍ତ୍ୱେ କିଛି ଅନୁଷ୍ଠାନ ମଞ୍ଚରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରାଉଛି। ୟୁଟ୍ୟୁବ୍ ପ୍ରଶଂସା ସାଉଣ୍ଟିଥିବା ସାହୁ ଭାଉଜ ମଞ୍ଚରେ ଆଇଟମ୍ ଡ୍ୟାନ୍ସ କରୁଥିବା ବେଳେ ନିଜର ଉପର ଡ୍ରେସ୍ ଖୋଲି ଦେଇଥିଲେ। ଯାହାର ଭିଡିଓ ଭାଇରାଲ୍ ହୋଇଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାହୁ ଭାଉଜ ଭୁଲ୍ ମାଗିଥିଲେ। ଆଗକୁ ସେମିତି ଡ୍ୟାନ୍ସ କରିବେ ନାହିଁ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ବାରମ୍ବାର ମଞ୍ଚରେ ଖୋଲମ୍ ଖୋଲା ନାଚୁଥିବା ଦେଖିବାକୁ ମିଳିଛି। କେବଳ ସାହୁ ଭାଉଜ ନୁହେଁ, ନିଶା ମହାରଣା, ରାନୀ ପ୍ରିୟଦର୍ଶିନୀ ପରି ଅନେକ ଆଇଟମ୍ ଡ୍ୟାନ୍ସର ଷ୍ଟେଜ୍ ଉନରେ ନଗ୍ନ ନୃତ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଛି। ଏଥିପାଇଁ ସେମାନଙ୍କୁ ଦର୍ଶକଙ୍କ ବିରୋଧର ସାମ୍ନା କରିବାକୁ ପଡ଼ିଛି। ତଥାପି ସେମାନେ ସୁଧୁରୁ ନାହାନ୍ତି।

## ୨୫ ଲକ୍ଷ ଦୀପରେ...

ଦୀପୋତ୍ସବ ବେଳେ ମିଆଁମାର, ନେପାଳ, ଥାଇଲ୍ୟାଣ୍ଡ, ମାଲେସିୟା, କାମ୍ବୋଡିଆ ଓ ଇଣ୍ଡୋନେସିଆର କଳାକାରମାନେ ଆଧାତ୍ମିକ କଳା ପ୍ରଦର୍ଶନ କରିଥିଲେ। ଏମାନଙ୍କ ବ୍ୟତୀତ ଉତ୍ତରାଖଣ୍ଡରୁ ଆସିଥିବା କଳାକାରମାନେ ରାମଲୀଳା ପ୍ରଦର୍ଶନ କରି ପରିବେଶରେ ଚାରଚାନ୍ଦ ଲଗାଇଥିଲେ। ଅତିରିକ୍ତ ଭାବେ ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାର ମଧ୍ୟ ଭକ୍ତିରସାତ୍ମକ କାର୍ଯ୍ୟକ୍ରମ ପରିବେଶଣ କରିଛନ୍ତି। ଏହାପୂର୍ବରୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆରତି କରି ଦୀପୋତ୍ସବର ଶୁଭାରମ୍ଭ କରିଥିଲେ। ରାମାୟଣର କଳାକାରମାନେ ବସିଥିବା ରଥକୁ ମଧ୍ୟ ସେ ଟାଣିଥିଲେ। ଚଳିତ ବର୍ଷର ଦୀପୋତ୍ସବ ପାଇଁ ସାକେତ ମହାବିଦ୍ୟାଳୟ ପକ୍ଷରୁ ୧୮ଟି ଚିତାକର୍ଷକ ପ୍ରଜ୍ଞାପନ ମେଢ଼ ତିଆରି କରାଯାଇଥିଲା। ଏହାବାଦ ସୂଚନା ବିଭାଗ ପକ୍ଷରୁ ୧୧ଟି ଓ ପର୍ଯ୍ୟଟନ ବିଭାଗ ଆଉ ୭ଟି ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତ କରିଥିଲେ। ପର୍ଯ୍ୟଟନ ବିଭାଗର ପ୍ରଜ୍ଞାପନ ମେଢ଼ରେ ଆଦି କାଣ୍ଡ, ଅଯୋଧ୍ୟା କାଣ୍ଡ, ଅରଣ୍ୟ କାଣ୍ଡ, କିଷ୍କିନ୍ଧ୍ୟା କାଣ୍ଡ, ସୁନ୍ଦରା କାଣ୍ଡ, ଲଙ୍କା କାଣ୍ଡ ଓ ଉତ୍ତରା କାଣ୍ଡର ଝଲକ ଦେଖିବାକୁ ମିଳିଥିଲା। ତୁଳସୀଦାସଙ୍କ ରାମଚରିତମାନସକୁ ଆଧାର କରି ଏଗୁଡ଼ିକୁ ପ୍ରସ୍ତୁତ କରାଯାଇଥିଲା। ଉତ୍ତର ପ୍ରଦେଶର ମନ୍ତ୍ରୀ ଜୟବୀର ସିଂହ କହିଛନ୍ତି, ଅଯୋଧାରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପରେ ପ୍ରଥମଥର ପାଇଁ ଦୀପୋତ୍ସବ ଆୟୋଜନ ହୋଇଛି। ଏହାକୁ ଅତ୍ୟନ୍ତ ଭବ୍ୟ କରିବା ପାଇଁ ସବୁ ସ୍ତରରେ ଯୋଜନା ହୋଇଥିଲା। ଏହା ମଧ୍ୟ ରେକର୍ଡ କରିଛି।

## ମାଇଁ ଭାରତ ଏବଂ...

ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସୃଷ୍ଟିଧର ପରିଡ଼ା, ସିଏଟିଟିର ସଭାପତି ବାଲେଶ୍ୱର ଭଗବାନ ଗୁପ୍ତା (ପପୁ ବାବୁ) ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି ତାଙ୍କ ବକ୍ତବ୍ୟରେ କହିଲେ ପ୍ରଧାନମନ୍ତ୍ରୀ ମୋଦିଙ୍କର ଯୁବ ସମାଜ ଶିକ୍ଷା ସହିତ ଦିୱାଲି ଉତ୍ସବରେ ସେବା ମନୋଭାବ ସୃଷ୍ଟି କରିବା ସହିତ ଇଚ୍ଛା ଶକ୍ତି ସୃଷ୍ଟି ପାରିବେ, ହେଲଦୀ ଲାଇଫ ମୁଖ୍ୟ ଡାକ୍ତର ଚିତ୍ତରଂଜନ ସାହୁ ସଭା ପରିଚାଳନା କରିବା ସହିତ ସବୁ କଲେଜରୁ ୩୦୦ ଜଣ ସେଚ୍ଛା ସେବୀ ସଫେଇ, ଟ୍ରାଫିକ୍ କଣ୍ଟ୍ରୋଲ, ହସପିଟାଲରେ ସହଯୋଗ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ସହିତ ଏନଏସଏସ ପିଓମାନେ ହେଲେ ବିସିଇଟି , ଅମ୍ବଜା ସାର, ଲେଖା ମାଡାମ ନିଳକଣ୍ଠେଶ୍ୱର ବିଟସ୍‌ର ଅଧ୍ୟକ୍ଷ ରାଜେନ୍ଦ୍ର ସାର, ଏଫ୍ ୟୁନିଭରସିଟି ଏନଏସଏସ ଡିପାର୍ଟମେଂଟର ପାତ୍ରବାବୁ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ସରିଲା ଅପେକ୍ଷା: ...

ପ୍ରକ୍ରିୟା ସରିବା ପରେ କେତେ ଭୂତ ହିତାଧିକାରୀଙ୍କ ନାଁ କଟିବ ଏବଂ ପ୍ରକୃତ ହିତାଧିକାରୀଙ୍କ ସଂଖ୍ୟା କେତେ ତାହା ଜଣା ପଡ଼ିବ ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସରିଲା ଅପେକ୍ଷା। ନଭେମ୍ବରରେ ମିଳିବ ନୂଆ ରାସନ କାର୍ଡ। ସୂଚନା ଅନୁସାରେ ରାଜ୍ୟ ସରକାରଙ୍କ ପାଖରେ ନୂଆ ରାସନ କାର୍ଡ ପାଇଁ ପ୍ରାୟ ୧୦ ଲକ୍ଷ ଆବେଦନ ପହଞ୍ଚିଛି। ସମସ୍ତ ଆବେଦନର ଯାଂଚ ଚାଲିଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନୁଯାୟୀ, ଯେଉଁମାନେ ଯୋଗ୍ୟ ବିବେଚିତ ହେବେ ସେମାନଙ୍କୁ ଆସନ୍ତା ନଭେମ୍ବର ମାସ ସୁଦ୍ଧା ରାସନ କାର୍ଡ ବଣ୍ଟନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ପୁରା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ରାସନ କାର୍ଡ ହିତାଧିକାରୀଙ୍କର ଆଧାର କାର୍ଡ ଆଧାରିତ ର-କଣଉ ଅପଡେଟ୍ କରାଯାଉଛି। ଡିଲର୍ ପଏଣ୍ଟଗୁଡ଼ିକରେ ହିତାଧିକାରୀଙ୍କ ନାଁ ଯାଂଚ୍ କରାଯିବା ପରେ ଇ-ପିଓଏସ୍ ମେସିନରେ ଟିପ ଚିହ୍ନଦେଇ ଆଧାର କାର୍ଡ ନମ୍ବର ସହ ଅପଡେଟ୍ କରାଯାଉଛି। ରାଜ୍ୟରେ ପାଖାପାଖି ୨୫ ଲକ୍ଷ ଭୂତ ହିତାଧିକାରୀ ରହିଥିବା ପୂର୍ବରୁ ବିଧାନସଭାରେ କହିଥିଲେ ଯୋଗାଣ ମନ୍ତ୍ରୀ। ସେମାନଙ୍କୁ ବାଦ୍ ଦେବାକୁ ଇ-କେୱାଇସି ଯାଂଚ୍ ଚାଲିଛି। ଏଣେ ରାସନ କାର୍ଡ କେବେ ମିଳିବ ସେଥିପାଇଁ ଚାତକ ପରି ଚାହିଁ ରହିଛନ୍ତି ଆବେଦନକାରୀ। ବାଲେଶ୍ୱର ଭୋଗରାଇ ବ୍ଲକ୍ ବଡ଼ମନ୍ଧାରୁଣୀ ଗାଁର ଚନ୍ଦନ ମିତ୍ର। ଦିନ ମଜୁରିଆ ଚନ୍ଦନ, ଗତ ମାର୍ଚ୍ଚ ମାସରେ ରାସନ କାର୍ଡ ପାଇଁ ଆବେଦନ କରିଥିଲେ। କାର୍ଡ କେବେ ମିଳିବ ସେ ନେଇ ବ୍ଲକ୍ ଅଫିସ୍‌କୁ ଯାଇ ବାରମ୍ବାର ପଚରାପଚରି କରୁଛନ୍ତି। ଏବେ ନଭେମ୍ବରରେ କାର୍ଡ ମିଳିବା ଖବର ଶୁଣି ବେଶ୍ ଖୁସି ହୋଇଛନ୍ତି ଚନ୍ଦନ। ଯଦି ଆବଶ୍ୟକ ମାନଦଣ୍ଡ ପୂରଣ କରୁଥିବେ ସେମାନଙ୍କୁ ମଧ୍ୟ ଯୋଜନାରେ ସାମିଲ କରାଯିବ।

## ବିଜେଡି ଗୁମର ଖୋଲିଦେଲେ...

ସେ ମଧ୍ୟ ଉଭୟ ଅଧିକାରୀଙ୍କ ଦେଖା କରିଥିଲେ। ହେଲେ, ପରବର୍ତ୍ତୀ ସମୟରେ ତାଙ୍କ ଟିକେଟ କାଟି ଦିଆଯାଇଥିଲା। ଏଥିସହ ବିଧାୟକ ଓ ବିଧାୟିକାଙ୍କ ରିପୋର୍ଟ ଆଇଆଇସି ଓ ଏସପି ଦେଉଥିଲେ ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି ସୁନନ୍ଦା। ଖାଲି ସେତିକି ନୁହେଁ, ବବି ଦାସଙ୍କ ଉପରେ ବର୍ଷିବା ସହ ତାଙ୍କ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସୁନନ୍ଦା। ବବି ଦାସ ଯଦି ଏତେ ଦକ୍ଷ ଥିଲେ, ତା ହେଲେ ତାଙ୍କ ମାଆ କେମିତି ହାରିଲେ? ଯାଜପୁରର ଅନ୍ୟ ଆସନରେ ବିଜେଡି କେମିତି ହାରିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଦଳୀୟ ନିଷ୍ପତି ନବୀନ ନେଉନାହାନ୍ତି ଏକ କୋର ଗ୍ରୁପ୍ ସବୁକିଛି କରୁଥିବାରୁ ଦଳ ହାରିଲା ବୋଲି ସେ କହିଛନ୍ତି। କୋର ଗ୍ରୁପରେ ବବି ଓ ପାଣ୍ଡିଆନ ରହିଥିଲେ। ଭୁଲ କ୍ୟାଣ୍ଡିଡେଟ ଓ ମନ ଇଛା ଟିକେଟ୍ ବଣ୍ଟନ ଯୋଗୁଁ ଦଳ ହାରିଲା। ଏପରିକି ଯଦୁ ବଂଶ ଧ୍ୱଂସ ପାଇବା ଭଳି ବିଜେଡି ଭାଙ୍ଗିଯିବ ବୋଲି କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ଜବାବ ରଖି ବରୀ ବିଜେଡି ବିଧାୟକ ବିଶ୍ୱ ମଲ୍ଲିକ କହିଛନ୍ତି, ସେ ଦଳ ବିରୋଧୀ କାର୍ଯ୍ୟ କରିଥିଲେ। ସେ ବିଜେଡି ଛାଡିଲେ ଦଳ ଉପରେ କୌଣସି ପ୍ରଭାବ ପଡିବ ନାହିଁ। ତେବେ କିଛି ଦିନ ତଳେ ଯାଜପୁରର ବରିଷ୍ଠ ନେତା ଅମର ଶତପଥୀ ଦଳ ଛାଡିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଦଳ କାହିଁକି ହାରିଲା ନବୀନ ପଟ୍ଟନାୟକ ସାମନାକୁ ଆସି ଉତ୍ତର ଦିଅନ୍ତୁ ବୋଲି କହିଥିଲେ। ଆଉ ଏବେ ସୁନନ୍ଦା ଦଳର ଗୁମର ଖୋଲିବା ରାଜନୈତିକ ମହଲରେ ହଇଚଇ ସୃଷ୍ଟି କରିଛନ୍ତି। ଅନ୍ୟପଟେ ସୁନନ୍ଦା ଖୁବଶୀଘ୍ର ବିଜେପିରେ ମିଶିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

# ଏନ୍.ଡି.ଆର.ଏଫ୍ କାର୍ଯ୍ୟାଳୟରେ ପରିସଂବାଦ କାର୍ଯ୍ୟକ୍ରମ




ବାଲେଶ୍ୱର, ୩୦/୧୦ (ନି.ପ୍ର): ଚାନ୍ଦିପୁରସ୍ଥିତ ଜିଲ୍ଲାସ୍ତରୀୟ ତୃତୀୟ ବାଟାଲିଅନ୍ ଘଉଜର (ଜଉଉ ଇବକ୍ଷବବ୍ଧକୁକ୍ସର) କାର୍ଯ୍ୟାଳୟ (ରାଷ୍ଟ୍ରୀୟ ଆପଦା ପ୍ରତିକ୍ରିୟା ବଳ)ରେ ଯୋଗ ଓ ଆୟୁର୍ବେଦ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୫ଓ/ ରଢର ରାଜୀବ କୁମାର ସଭାପତି ଭାବରେ ଏହାକୁ ଉଦ୍‌ଘାଟନ କରିଥିଲେ। ଗତ 'ଦାନା' ବାତ୍ୟାରେ ନିୟୋଜିତ ହୋଇଥିବା ପ୍ରତିକ୍ରିୟା ବଳର ସଦସ୍ୟମାନେ ସେମାନଙ୍କର କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇବା ପରେ ମୁଖ୍ୟାଳୟରେ ଏକତ୍ରିତ ହୋଇଥିଲେ। ଏହି କର୍ମଶାଳାରେ ସେମାନଙ୍କର ସୁସ୍ଥତା ପାଇଁ ଯୋଗ ଆୟୁର୍ବେଦ ଉପରେ ସକାରାତ୍ମକ ପ୍ରଭାବ ପାଇଁ ଯୋଗାଚାର୍ଯ୍ୟ ତଥା ଅବସରପ୍ରାପ୍ତ ପଦାର୍ଥବିତ୍ ସୁଜିତ୍ କୁମାର ଜେନା ବକ୍ତବ୍ୟ ପ୍ରଦାନ କରିଥିଲେ। ଆୟୁର୍ବେଦର ସାହାଯ୍ୟ ନେଇ ପଞ୍ଚକର୍ମ ତଥା ଷଟ୍‌କ୍ରିୟାକୁ ଆପଣାଇବା ପାଇଁ ସମସ୍ତଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଆଜିବି ଅନ୍ୟାନ୍ୟ ଚିକିତ୍ସା ପଦ୍ଧତି ଦ୍ୱାରା ଯାହାକୁ ସମାଧାନ କରିବା ସମ୍ଭବ ହେଉନଥିବାବେଳେ ଆୟୁର୍ବେଦ ମାଧ୍ୟମରେ ତା'ର ଆସୁ ସମାଧାନ ସୂତ୍ର ରହିଛି ବୋଲି ଯୋଗଗୁରୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ପ୍ରତ୍ୟହ ଯୋଗ ତଥା ଜୀବନଶୈଳୀର ପରିବର୍ତ୍ତନ କରି ନିଜେ ସୁସ୍ଥ ରହିଲେ ସମାଜକୁ ସୁସ୍ଥ ଭାବରେ ସେବା ଯୋଗାଇ ପାରିବେ ବୋଲି ପରାମର୍ଶ ପ୍ରଦାନ କରିଥିଲେ। ଶେଷରେ ପି.ସି. ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

# ଖୁବଶୀଘ୍ର ରାଜ୍ୟରେ ଖୋଲିବ ଧାନ ମଣ୍ଡି, ଦଲାଲଙ୍କ ଉପରେ ରହିବ ନଜର: ମନ୍ତ୍ରୀ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଖୁବଶୀଘ୍ର ରାଜ୍ୟରେ ଧାନ ମଣ୍ଡି ଖୋଲିବ । ଧାନ କିଣାବିକା ସମୟରେ ସକ୍ରିୟ ଦଲାଲ ମାନେ ସକ୍ରିୟ ହେବାର ସମ୍ଭାବନା ରହିଛି । ତେଣୁ ଦଲାଲଙ୍କ ଉପରେ ନଜର ରଖିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ନଜର ଦଲାଲଙ୍କ ଉପରେ ରହିଛି । ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହା କହିଛନ୍ତି । ସେ କହିଛନ୍ତି ଯେ ମୋହନ ସରକାରରେ ଦଲାଲିରାଜ ଚାଲିବ ନାହିଁ । କୃଷକଙ୍କ ଖାତାକୁ ହିଁ ୩୧୦୦ ଟଙ୍କା ଯିବ । ଦିନେ ଦୁଇଦିନ ମଧ୍ୟରେ ଜାରି ହେବ ଚଳିତ ବର୍ଷ ଲାଗି ଧାନ କିଣା ନୀତି । ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି । ଏଣିକି ଅଫିସର ମାନେ ମଣ୍ଡିକୁ ଯିବେ । ମଣ୍ଡିରେ ଅଫିସରଙ୍କ ଫଟୋ ଉଠିବ । ଏ ନେଇ ପ୍ରସ୍ତୁତ ଆପ ହୋଇଛି । ପ୍ରତ୍ୟେକ ଅଫିସରଙ୍କୁ ଗୋଟେ ଗୋଟେ ମଣ୍ଡି ଦାଇତ୍ୱ ମିଳିବ । ୪ରୁ ୫ ମଣ୍ଡିକୁ ନେଇ ଜୋନ ପ୍ରସ୍ତୁତ ହେବ । ବରିଷ୍ଠ ଅଧିକାରୀ ଜୋନ ଦାୟିତ୍ୱରେ ରହିବେ । ଜିଲ୍ଲାପାଳ ଅନୁଧ୍ୟାନ କରିବେ । ମଣ୍ଡିର ଉନ୍ନତି ପାଇଁ ପ୍ରଥମ ପର୍ଯ୍ୟାୟରେ ୫୬୦ କୋଟି ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

# ଉଦଳା ପାଇଁ ପ୍ରଦର୍ଶିତ ହେଲା ମାଷ୍ଟର ପ୍ଲାନ ମାନଚିତ୍ର: ସାମିଲ ରହିଛି ଚୁଳିଆପୋଷି ଓ ପାଟପୁର ମୌଜା




ଉଦଳା , ୩୦/୧୦ (ନି.ପ୍ର): ଉଦଳା ଏନଏସି ପାଇଁ ଚାଲିଥିବା ମାଷ୍ଟର ପ୍ଲାନରେ ଚୁଳିଆପୋଷି ଓ ପାଟପୁର ମୌଜାକୁ ସାମିଲ କରାଯିବା ସହିତ ଏକ ନୂଆ ମାନଚିତ୍ର ପ୍ରଦର୍ଶିତ ହୋଇଛି । ମାଷ୍ଟର ପ୍ଲାନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିୟୋଜିତ କର୍ମଚାରୀ ମାନେ ଆଜି ଅକ୍ଟୋବର ୩୦ ତାରିଖ ବୁଧବାର ଦିନ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଏ ବାବଦରେ ବିସ୍ତୃତ ଆଲୋଚନା କରିଛନ୍ତି । ନଗରପାଳ ପ୍ରମିଳା ପଣ୍ଡା ଏଥିରେ ଅଧକ୍ଷତା କରିଥିବା ବେଳେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର କୁମାର ଖମାରି, ନିର୍ବାହି ଅଧିକାରୀ ହେମନ୍ତ ସିଂ ପ୍ରମୁଖ ଉପସ୍ଥିତ ରହି ଉଦଳା ସହର ଏକ ପୁରୁଣା ସହର ହୋଇଥିବା ବେଳେ ମାଷ୍ଟର ପ୍ଲାନ ଆଜି କିପରି ଜରୁରି ହୋଇ ପଡ଼ିଛି ସେ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦନ କରିଥିଲେ । ସମସ୍ତ ନିର୍ବାଚିତ କାଉନସିଲର, କର୍ମଚାରୀ, ସ୍ୱେଚ୍ଛାସେବି, ଗଣମାଧ୍ୟମର ପ୍ରତିନିଧି ବୃନ୍ଦ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଉଦଳା ଏନଏସିର ଆୟତନ ବଢ଼ିଲେ ଏହା ମ୍ୟୁନସିପାଲଟିରେ ପରିଣତ ହୋଇଯିବ ବୋଲି ବହୁ ଲୋକ ମତ ଦେଇଥିଲେ । ଏନଏସିକୁ ଲାଗିକରିଥିବା ରାଇଦାଣ୍ଡିଆ, ଆୟଡ଼ିହା, ନୂଆସାହି, ଅଠଣଗାଁ, ଖୁଂଟାପାଳ, ପୁରୁଣାପାଣି, ଦିବ୍ୟସିଂହପୁର ଇତ୍ୟାଦି ଅଂଚଳକୁ ସାମିଲ କରାଯିବା ପାଇଁ ଉଦ୍ୟମ ଆରମ୍ଭ ହେଉ ବୋଲି ଅନେକ ମତ ଦେଇଥିଲେ । ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବାର ଜଣାଯାଇଛି ।




# ଏବେ ମାଟିଦୀପର ଚାହିଦା ଅଛି ମାତ୍ର ପ୍ରୋତ୍ସାହନ ନାହିଁ



ବଡ଼ସାହି , ୩୦/୧୦ (ନି.ପ୍ର): ସୀମା ବିବଦକୁ ନେଇ ଭାରତ ଓ ଚୀନ ମଧ୍ୟରେ ତିକ୍ତତା ଲାଗି ରହିଛି । ମାତ୍ର ଏହା ସତ୍ତ୍ୱେ ଆମ ଦେଶ ଲୋକମାନଙ୍କର ଦିପାବଳୀ ଆସିଲେ ଚାଇନା ପ୍ରୀତି ଯାଇନି ଓ ସେମାନେ ଆମ ଦେଶରେ ତିଆରି ଲାଇଟ୍ ଓ ମାଟିଦୀପ ଅପେକ୍ଷା ଚାଇନା ଜିନିଷକୁ ବେଶୀ ପସନ୍ଦ କରୁଥିବାର ନଜିର ରହିଛି । ମାତ୍ର ବାରମ୍ବାର ପ୍ରଚାର ପ୍ରସାର ଓ ସୋସିଆଲ ମିଡିଆରେ ଚାଇନା ଜିନିଷ କିଣିବାକୁ ବାରଣ କରାଯିବା ପରେ ଭାରତ ତିଆରି ଲାଇଟ୍ ଓ ମାଟିଦୀପ କିଣିବାକୁ ଚଳିତ ବର୍ଷ ବେଶ ଆଗ୍ରହ ପ୍ରକାଶ କରୁଥିବାର ଦେଖାଯାଇଛି। ଯେତେ ରଙ୍ଗ ବେରଙ୍ଗର ଲାଇଟରେ ଘରକୁ ସଜାଡିଲେ ମଧ ନିଶ୍ଚିତ ଭାବେ ମାଟି ଦୀପ ମଧ କିଣିବାକୁ ବହୁ ସଂଗଠନ, ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ନିବେଦନ କରିଛନ୍ତି । ଏହାକୁ ନେଇ ଲୋକଙ୍କ ମନ ମଧ୍ୟରେ ଦେଶ ଭକ୍ତି ବାରି ହୋଇ ପଡୁଥିବାବେଳେ ଦୀପାବଳୀରେ ଚାଇନା ସାମଗ୍ରୀର ଚାହିଁଦା ହ୍ରାସ ପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଫଳରେ କୁମ୍ଭକାର ମାନେ ଚଳିତ ବର୍ଷ ଅଧିକ ମାଟି ଦୀପ ପ୍ରସ୍ତୁତ କରିଥିବାର ମାରକୁଣ୍ଡି ଗ୍ରାମର କୁମ୍ଭାକାର ରତିକାନ୍ତ ବେହେରା ଓ ରାମଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି । ଦୀପାବଳୀ ଆସିଲେ କୁମ୍ଭାର ଭାଇମାନେ ଦୀପ ତିଆରିରେ ଏତେ ବ୍ୟସ୍ତ ଥାଆନ୍ତି ଯେ, ସେମାନେ ଖାଇବା ପିଇବା ଭୁଲି ଯାଇଥାନ୍ତି । କାରଣ ସେତେବେଳର ଚାହିଦା ଅନୁସାରେ ପର୍ଯ୍ୟାପ୍ତ ପରିମାଣର ଦୀପ ତିଆରି କରି ତାକୁ ବଜାରରେ ବିକ୍ରି କରି ବେଶ ଦୁଇ ପଇସା ଆୟ କରିବା ଏହା ହେଉଛି ସେମାନଙ୍କ ପାଇଁ ପ୍ରକୃଷ୍ଟ ସମୟ । ମାତ୍ର ଆଧୁନିକଦୀପ ଜାଳିବା ବର୍ତ୍ତମାନ ସଭ୍ୟତାର ଲୋକମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି । ଯାହା ଫଳରେ ରଙ୍ଗବେରଙ୍ଗର ଚାଇନା ଲାଇଟ ସେହି ସ୍ଥାନ ମାଡି ବସୁଛି । ତେଣୁ କୁମ୍ଭାକାର ପରିବାରର ପିଲାଠୁ ବୁଢା ପର୍ଯ୍ୟନ୍ତ ସମସ୍ତେ ଲାଗି ପଡ଼ିଛନ୍ତି ନିଜ ନିଜ କାମରେ। ମାଟି ସଂଗ୍ରହ କରିବା ଯୁଗରେ ଦୀପରେ ତେଲ ସଳିତା ଦେଇ ଜଗି ରହି ସମୟ ନଷ୍ଟ କରିବା ସହିତ ମାଟିକୁ ପାଣିରେ ଚକୁଟି ନିର୍ମାଣ ଉପଯୋଗୀ ପାଗ ପ୍ରସ୍ତୁତ କରିଥାନ୍ତି । ଏହାପରେ ମହିଳା ମାନେ ଛାଞ୍ଚ ଓ ଚକି ଦ୍ୱାରା ଛୋଟ ବଡ ଦୀପାଳା ତିଆରି କରିଥାନ୍ତି । ଛୋଟ ଛୋଟ ପିଲା ମାନେ ଦୌଡି ଦୌଡି ସେଗୁଡିକୁ ଆଣି ଖରାରେ ଶୁଖାଉଥ ?ିବାର ଦେଖାଯାଇଛି ଓ ଦିନତମାମ କାମକଲେ ୫୦୦ରୁ ୭୦୦ଦୀପ ପ୍ରସ୍ତୁତ ହେଉଥିବାର କହନ୍ତି କୁମ୍ଭାକାର ଶୁକ୍ରା ବେହେରା ଓ ଶିରିଆ ବେହେରା ଓ ଦୈନିକ ମଜୁରୀ ଯାହା ମିଳେ ସେଥିରେ ତେଲ ଲୁଣ ସଂସାର ଚଳେ । ଯଦିଓ ଏହି ବେଉସାରେ ଉଚିତ ପାରିଶ୍ରମିକ ମିଳେ ନାହିଁ, ତଥାପି ଜାତି ଅନୁସାରେ ଏହି ବେଉସାକୁ ସମ୍ପୂର୍ଣ୍ଣ ଛାଡି ମଧ୍ୟ ହେଉ ନାହିଁ ଓ ଦୀପାବଳୀ ୨ ମାସ ପୂର୍ବରୁ ଦୀପ କାମ ଆରମ୍ଭ କରାଯାଉଥିବା ବେଳେ ଏହି ସମୟରେ ବଜାରରୁ କିଛି ବ୍ୟବସାୟୀ ଆସି ଦୀପ ସଂଗ୍ରହ କରି ନେଇ ନିଜର ବ୍ୟବସାୟ କରିଥାନ୍ତି ଓ ସରକାରଙ୍କ ପ୍ରୋତ୍ସାହନ ନ ମିଳିଲେ ଭବିଷ୍ୟତ ପୀଢିଙ୍କ ପାଇଁ ଏହି ବେଉସା ଯେ ବଞ୍ଚିରହିବ ତାହା ସନ୍ଦେହ । ଆଧୁନିକ ଜ୍ଞାନ କୌଶଳରେ ତାଲିମ ଓ ସବସିଡ଼ଯୁକ୍ତ ଋଣ ପ୍ରଦାନ ନ କଲେ ଏହାର ଭବିଷ୍ୟତ ଅନ୍ଧାର କହିଲେ ଅତ୍ୟୁକ୍ତି ହେବ ନାହିଁ । ଟେରାକଟ ଓ ଫେନସି ଦୀପାଳୀ ବର୍ତ୍ତମାନ ଗାଁ ଗଣ୍ଡା ଦୀପାଳୀର ସ୍ଥାନ ମାଡି ବସିବାକୁ ବସିଲାଣି । ମାଟି ଦୀପ ପ୍ରତିବଦଳରେ ସେହି ଟଙ୍କାରେ ଲାଇଟ୍ କିଣି ଘରକୁ ସଜାଇଲେ ଘର ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଏ । ଏତଦବାଦ ଏହା ଥରେ କିଣିଲେ ବହୁ ଦିନ ଧରି ବ୍ୟବହାର କରି ହେଉଛି। ତେଣୁ ଏହାକୁ ଲୋକ ମାନେ ଅଧିକ ପସନ୍ଦ କରୁଥିବାର କଲେଜ ଛାତ୍ରୀ ମନୀଷା ମହାପାତ୍ର ଓ ସସ୍ମିତା ବିଶ୍ୱାଳ ପ୍ରକାଶ କରିଛନ୍ତି । ଆଧୁନିକତାର ଦ୍ୱାହି ଦେଇ ବର୍ତ୍ତମାନ ଯୁଗର ଲୋକେ ଦୀପାବଳୀରେ ଦୀପ ଜାଳିବାର ଉଦ୍ଦେଶ୍ୟ ଓ ପରମ୍ପରାକୁ ଭୁଲିବାକୁ ବସିଛନ୍ତି ଓ ଦୀପାବଳୀରେ ମହାଲକ୍ଷ୍ମୀଙ୍କୁ ଆବାହନ କରାଯାଉଥିବାବେଳେ ଚଳିତ ବର୍ଷ ଚୀନର ପେନସୀ ସମଗ୍ରୀରେ ନୁହେଁ, ଘରେ ବାହାରେ ସବୁ ସ୍ଥାନକୁ ମାଟି ଦୀପରେ ଆଲୋକିତ କରିବା ସହିତ ପରିବେଶକୁ ସୁନ୍ଦର ଭାବରେ ସଜେଇବା ଉଚିତ ବୋଲି ମମତା ମହାନ୍ତ ଓ ସମୀର ଦ୍ୱିବେଦୀ କହନ୍ତି।

# ଉଦ୍‌ଯାପିତ ହେଲା ୩ ଦିନିଆ ନାଟକ ମହୋତ୍ସବ: ମନ୍ତ୍ରମୁଗ୍ଧ କଲା ନାଟକ 'ବିଶ୍ୱାସର ଆତ୍ମଲିପି'

ବାରିପଦା , ୩୦/୧୦ (ନି.ପ୍ର): ସ୍ଥାନୀୟ ସହିଦ ଭବନ ପରିସରରେ ଏମ ପି ସି ଆଲୁମିନି ଏସୋସିଏସନ ଦ୍ୱାରା ପ୍ରଯୋଜିତ ଓ ବାରିପଦା କଳାକାର ପରିବାରର ସହଯୋଗରେ ୩ ଦିନିଆ ନାଟକ ମହୋତ୍ସବର ଶେଷ ସନ୍ଧ୍ୟାରେ ରାଉରକେଲାର ସ୍ୱସ୍ତି ଝଙ୍କାର ପ୍ରସ୍ତୁତ ନାଟକ 'ବିଶ୍ୱାସର ଆତ୍ମଲିପି' ମଞ୍ଚସ୍ଥ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଏମ ପି ସି ସ୍ୱୟଂଚାଳିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରମୋଦ ଚନ୍ଦ୍ର ସାହୁ ଓ ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା ପ୍ରମୁଖ ଉପସ୍ଥିତ ରହି ନାଟକ ମହୋତ୍ସବର କଳାକାର, ଦର୍ଶକ ତଥା ଆୟୋଜକଙ୍କ ପ୍ରଶଂସା କରିଥିଲେ ଓ ସୋମନାଥ ସିଂହ ଓ ଜ୍ଞାନ ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ଓ ନାଟକଟି ଏତେ ହୃଦୟସ୍ପର୍ଶୀ ହୋଇଥିଲାଯେ ଏହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା ଓ ନାଟକର ଅଭିନେତା ମାନେ ହେଲେ ରାଜୀବ ପାଣି, ରାଜକୁମାର ମହାନ୍ତି, ଭଜେନ୍ଦ୍ର ସାହୁ, ଗଙ୍ଗାଧର ଜେନା, ବିଶ୍ୱଜିତ ନାୟକ, ବବି ମହାଳିକ, ସ୍ୱାଗତିକା ପାଣିଗ୍ରାହୀ ଓ ଅପର୍ଣ୍ଣା ପଣ୍ଡା ଓ ନାଟ୍ୟକାର ଡଃ ସୁଧାଂଶୁ ନାୟକଙ୍କ ରଚିତ ନାଟକକୁ ରାଜୀବ ପାଣି ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଚ୍ଛଦପଟ ସଂଗୀତରେ ଡଃ ସୁଶାନ୍ତ ପାଣି, ଆଲୋକ ସଂଯୋଜନାରେ ଚିନ୍ମୟ ଦାଶ



ପଟ୍ଟନାୟକ, ମଞ୍ଚ ପରିଚାଳନାରେ ରଶ୍ମିତା ପଣ୍ଡା ସହଯୋଗ କରିଥିଲେ ଓ ଏହି ଅବସରରେ ଓମ ନାଟ୍ୟ ସଂସ୍ଥାର ' ମଧ୍ୟାହ୍ନର ରଙ୍ଗ ' ନାଟକର ସମସ୍ତ କଳାକାରଙ୍କ ସମେତ ନାଟ୍ୟକାର ଓ ନିର୍ଦ୍ଦେଶକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା

# କଳିଙ୍ଗ ବାଲିଯାତ୍ରା ନିମନ୍ତେ ଭୂମିପୂଜନ ଅନୁଷ୍ଠିତ

ପାରାଦୀପ, ୩୦/୧୦ (ନି.ପ୍ର): ନଭେମ୍ବର ମାସ ୧୪ ତାରିଖରୁ ଆଠ ଦିନ ବ୍ୟାପି ପାରାଦୀପ ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହେବାକୁ ଯାଉଛି କଳିଙ୍ଗ ବାଲିଯାତ୍ରା ମହୋତ୍ସବ । ଏହି ଉପଲକ୍ଷେ ବୁଧବାର ଦିନ ପୂର୍ବାହ୍ନରେ ବିଜୁ ମଇଦାନରେ ଭୂମି ପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, ନଗରପାଳ ବସନ୍ତ ବିଶ୍ୱାଳଙ୍କ ସମେତ ବାଲିଯାତ୍ରା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷ ବାଲିଯାତ୍ରା ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଏଥି ସହିତ ଓଡିଶାର ଲୋକକଳା ଓ ସ୍ଥାନୀୟ କଳାକାରମାନଙ୍କୁ ଅଗ୍ରାଧିକାର ଦିଆଯିବ । ଚଳିତ ବର୍ଷ ୧୫୦୦ ଷ୍ଟଲ୍‌ର ବ୍ୟବସ୍ଥା କରାଯାଉଛି । ଯେଉଁଥିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ବାହାର ଜିଲ୍ଲାର ପାରମ୍ପରିକ ସାମଗ୍ରୀ ସହିତ ହସ୍ତତନ୍ତ ସାମଗ୍ରୀର ଷ୍ଟଲ ଖୋଲାଯିବ । ବାଲିଯାତ୍ରା ପଡିଆକୁ ସିସିଟିଭି ନଜରରେ ରକାଯିବା ସହିତ ୧୬ ପ୍ଲାଟୁନ୍ ପୋଲିସ୍ ମୁତୟନ କରାଯିବ। ଭୂମିପୂଜନ କାର୍ଯ୍ୟକ୍ରମ ସରିବା ପରେ ବୁଧବାର ଠାରୁ ବାଲିଯାତ୍ରା ପଡିଆରେ ଷ୍ଟଲ ତିଆରି କାର୍ଯ୍ୟ ଆରମ୍ଭ ହୋଇଛି ।

# ବେତନଟୀର ସ୍ୱର୍ଗତ ଅକ୍ଷୟ କୁମାର ବେହେରାଙ୍କ ମଧ୍ୟମ ପୁତ୍ରଙ୍କ ବିୟୋଗରେ ଶୋକ

ବେତନଟୀ , ୩୦/୧୦ (ନି.ପ୍ର): ବେତନଟୀର ସ୍ୱର୍ଗତଃ ଅକ୍ଷୟ କୁମାର ବେହେରାଙ୍କ ମଧ୍ୟମ ପୁତ୍ର ଡ. ଉମାକାନ୍ତ ବେହେରା(୯୦) ଙ୍କ ଗତ ଅକ୍ଟୋବର ୨୬ ତାରିଖ ସକାଳ ପ୍ରାୟ ୭ଟା ସମୟରେ କଟକସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି। ସେ ବେତନଟୀ ଇଲାକାର ପ୍ରଥମ ଇଂଜିନିୟର ଭାବେ ବେଶ ଜଣାଶୁଣା ଥିଲେ। ସେ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଦୀର୍ଘଦିନ ଧରି ଜଣେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଚାକିରିରୁ ଅବସର ଗ୍ରହଣ ପରେ ରାଉରକେଲା ବାସଭବନରେ ରହିବା ସହିତ ପରେ କଟକରେ ଅବସ୍ଥାନ କରୁଥିଲେ। ଶାରୀରିକ ଅସୁସ୍ଥତା ଯୋଗୁ ତାଙ୍କର ମୃତ୍ୟୁ ହୋଇଛି । ଖବର ପାଇ ବେତନଟୀରୁ ତାଙ୍କ ଭାଇ ରତିକାନ୍ତ ବେହେରା (କୁନୁ ବାବୁ), ପୁତୁରା ପ୍ରକାଶ ବେହେରା ଓ ବିକାଶ ବେହେରା କଟକ ଯାଇ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ସିଦ୍ଧାର୍ଥ ଉପସ୍ଥିତ ଥିଲେ । ଅପରାହ୍ନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର ସିଦ୍ଧାର୍ଥ ମୁଖାଗ୍ନି ଦେଇଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅନୁଷ୍ଠିତ

ବାସୁଦେବପୁର, ୩୦/୧୦ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ବିଷ୍ଣୁ ମୋହନ ସ୍ୱାଇଁ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ଭିଜିଲାନ୍ସ ଡି ଏସ ପି ଦୁଷ୍ମନ୍ତ କୁମାର ନାୟକ । ଶ୍ରୀ ନାୟକ ଏହି ଉତ୍ସବରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସଂପର୍କରେ ଆଲୋଚନା କରିଥିଲେ । ସତ୍ୟ ନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର




ସମୃଦ୍ଧିର ଭିତ୍ତି । ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ବନମାଳି କୁଅଁର ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂସ୍କୃତ ବିଭାଗ ଅଧ୍ୟାପକ ବିଜୟ କୁମାର ଅଗସ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରୋଗ୍ରାମ ଅଫିସର ପ୍ରତାପ କୁମାର ବେହେରା ଓ ବାଳିକା ବିଭାଗ ପ୍ରୋଗ୍ରାମ ଅଫିସର ଚନ୍ଦନା ସାହୁ ଏହି ସଭାରେ ଉପସ୍ଥିତ ଥିଲେ। ଅଧ୍ୟାପିକା ସୁଜାତା ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

# ଏଆଇଡିଏସଓ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ

ବାରିପଦା , ୩୦/୧୦ (ନି.ପ୍ର): ଆଜି ସଂଗ୍ରାମୀ ଛାତ୍ର ସଂଗଠନ ଏ. ଆଇ. ଡ଼ି. ଏସ. ଓ ଓଡିଶା ରାଜ୍ୟ ପରିଷଦ ପକ୍ଷରୁ ଶିକ୍ଷା ସମସ୍ୟା ସମାଧାନ ଦାବିରେ ରାଜ୍ୟବ୍ୟାପୀ ବିକ୍ଷୋଭର ଆହ୍ୱାନ ଦିଆଯାଇଥିବା ବେଳେ ମୟୁରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ବାରିପଦା ସ୍ଥିତ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଶିକ୍ଷା ଗତ ଦାବି ସମ୍ବୋଲିତ ପ୍ଲା କାର୍ଡ ପ୍ରଦର୍ଶନ ପୂର୍ବକ ସ୍ଲୋଗାନ ଦେଇ ବିକ୍ଷୋଭ କରାଯିବା ସହ ୧୭ ଦଫା ଦାବିପତ୍ର ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦିଆଯାଇଛି। ଖାଲିପଡ଼ିଥିବା ଶିକ୍ଷକ, ଅଧ୍ୟାପକ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ତୁରନ୍ତ ଖୋଲିବା, ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଆରମ୍ଭ କରିବା,ମଦ-ଅଶ୍ଳୀଳତାର ପ୍ରସାର ବନ୍ଦ କରିବା, ଛାତ୍ରୀ ଓ ମହିଳା ମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି -୨୦୨୦ ବାତିଲ କରିବା, ୪ବର୍ଷୀୟା ଡିଗ୍ରୀ କୋର୍ସ ପ୍ରତ୍ୟାହାର କରିବା, ବାତ୍ୟା ପ୍ରଭାବିତ ଅଞ୍ଚଳର ଛାତ୍ରଛାତ୍ରୀ ମାନଙ୍କର ସମସ୍ତ ପ୍ରକାର ଫି ଛାଡ଼ କରିବା, ଛାତ୍ର ଛାତ୍ରୀ ମାନଙ୍କୁ ଫ୍ରି ବସ ପାସ ଯୋଗାଇଦେବା ଆଦି ଦାବିରେ ଅନୁଷ୍ଠିତ ଏହି ବିକ୍ଷୋଭରେ ନେତୃତ୍ୱ ନେଇଥିଲେ ସଂଗଠନର ଜିଲ୍ଲା କମିଟି ସମ୍ପାଦକ ଫୁଲଚାନ୍ଦ ଲୋହାର, ଜିଲ୍ଲା କମିଟି ସଦସ୍ୟ ବୁଦୁନୀ ବାନରା,ଶ୍ରୁତି ହାଁସଦା, ପାର୍ବତୀ ମୁଣ୍ଡା ଲୋହାର, ବର୍ଷାରାଣୀ ଘୋଷ, ଗାୟତ୍ରୀ ସିଂ, ବାପୁନ ବାନରା ପ୍ରମୁଖ। ଶିକ୍ଷା ସଂସ୍କୃତି ମାନବତା ରକ୍ଷା ଦାବିରେ ସଚେତନ ସଂଗଠିତ ହେବା ସହ ଦୁର୍ବାର ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦିଆ ଯାଇଛି।

# ବଣସୀମା ଗୋହୀରାରେ ଚୌରାଳିଶ ବର୍ଷର ମା' ଶ୍ୟାମାକାଳୀଙ୍କ ପୂଜାତ୍ସୋବ

ନୀଳଗିରି, ୩୦/୧୦ (ନି.ପ୍ର): ଦଶଜଣ ବନ୍ଧୁଙ୍କର ଉଦ୍ୟମରେ ୧୮ ଟଙ୍କାରୁ ଆରମ୍ଭ ହୋଇଥିବା ମା'ଶ୍ୟାମାକାଳୀଙ୍କ ପୂଜା ଆଜି ୩ ଲକ୍ଷ ଟଙ୍କା ବ୍ୟୟ କରିବାରେ ସକ୍ଷମ ହୋଇଥିଲା ବେଳେ ବେଶ ଆଡମ୍ବରରେ ସହକାରେ ପାଳିତ ହେଉଛି ।ନୀଳଗିରି ବ୍ଲକ ଗୋହିରାରେ ଅନୁଷ୍ଠିତ ହୋଇଥିବା ମା ଶ୍ୟାମାକାଳୀଙ୍କ ପୂଜା ବଣସୀମା ଅଞ୍ଚଳର ପ୍ରଥମ ପୂଜା ଭାବରେ ବେଶ୍ ଜଣାଶୁଣା ।୧୯୮୧ ମସିହାରେ ଆରମ୍ଭ ହୋଇଥିବା ଏହିପୂଜା ଆଜି ୪୪ ବର୍ଷରେ ପାଦଥାପିଛି ।ଏ ପୂଜା କେବଳ ଏ ଅଞ୍ଚଳର ନୁହେଁ ବରଂ ପୂଜା ଓ ଅନୁଷ୍ଠିତ ହେଉଥିବା ମେଳାକୁ ଦେଖିବା ପାଇଁ ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ ପ୍ରମୁଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାର ଲୋକଙ୍କ ସୁଅ ଛୁଟିଥାଏ ।ପ୍ରଥମ ବର୍ଷ ସ୍ଥାନୀୟ ଅଞ୍ଚଳର ସ୍ୱର୍ଗତ ସମରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ନିଜର କିଛିବନ୍ଧୁ ସ୍ୱର୍ଗତ ଶ୍ରୀବତ୍ସ ନାୟକ,ସ୍ୱର୍ଗତ ରତିକାନ୍ତ ମିଶ୍ର,ସ୍ୱର୍ଗତ ଭୋଳାନାଥ ମିଶ୍ର,ଅନିରୁଦ୍ଧ ଦାସ,ରାମଚନ୍ଦ୍ର



ସାହୁ,ରାମକୃଷ୍ଣ ଜେନା,ସ୍ୱର୍ଗତ ଭୋଳାନାଥ ରାଉତ,ବିଶ୍ୱନାଥ ପ୍ରଧାନ, ହରିନାରାୟଣ ଜେନା ପ୍ରମୁଖ ଦଶଜଣ ବନ୍ଧୁ ଏକତ୍ରୀତ ହୋଇ ଅଞ୍ଚଳରେ ମା ଶ୍ୟାମକାଳୀଙ୍କ ପୂଜା ଆରମ୍ଭ କରିଥିଲେ ।ପ୍ରଥମେ ଘରଘର ବୁଲି ୧୮ ଟଙ୍କା ଆଦାୟ କରି ମାଙ୍କର ଏକ ମୃଣ୍ମୟମୂର୍ତ୍ତୀ କରି ପୂଜା ଆରମ୍ଭ କରିଥିଲେ ।ପ୍ରଥମ ୨୪ ବର୍ଷ ମାଙ୍କ ମୂର୍ତ୍ତୀ ମୃଣ୍ମୟ ଭାବରେ ପୂଜା ପାଇବା ପରେ ୨୦ ବର୍ଷ ହେବ ମାଙ୍କର ଏକ ପଥରମୂର୍ତ୍ତୀ ନିର୍ମାଣ କରାଯାଇ ପୂଜା କରାଯାଉଛି ।ଚଳିତବର୍ଷ ପୂଜା ପାଇଁ ୩ ଲକ୍ଷଟଙ୍କା ବ୍ୟୟ କରାଯିବାର ଆକଳନ କରାଯାଇଥିବା ବେଳେ ପୂଜାରେ ରାମାୟଣ ଓ ମହାଭାରତ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହୋଇଥିବା କୁଞ୍ଜ ଲୋକମାନଙ୍କୁ ବେଶ ଆକର୍ଷିତ କରିବ ବୋଲି ଗୋହିରା ସାର୍ବଜନୀନ ପୂଜା କମିଟିର ସଭାପତି ରବିନ୍ଦ୍ର ରାଉତ କହିଛନ୍ତି ।ଛୋଟଶିଶୁ ମାନଙ୍କ ମନୋରଞ୍ଜନ ନିମନ୍ତେ ଭୂତ କୋଠୀ,ବିଭିନ୍ନ ଦୋଳି ସାଙ୍ଗକୁ ଯାତ୍ରା ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାନ ଆୟୋଜିତ କରାଯାଇଛି ବୋଲି ସମ୍ପାଦକ ଜୟ ଗୋପାଳ ବାଗ କହିଛନ୍ତି ।ଭକ୍ତମାନଙ୍କ ନିମନ୍ତେ ୨ ଦିନ ପ୍ରାସଦ ସେବନର ବ୍ୟବସ୍ଥା ମଧ କରାଯାଇଛି । ଏହି କମିଟିର ୫୦ଜଣ ସକ୍ରିୟସଦସ୍ୟ ରହିଥିବା ସୂଚନା ମିଳିଛି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ଉପଲକ୍ଷେ ୱାକାଥନ୍ ଅନୁଷ୍ଠିତ

ବାଲେଶ୍ୱର, ୩୦/୧୦ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ଉପଲକ୍ଷେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନଙ୍କୁ ନେଇ ସକାଳ ଘ. ୭.୩୦ ଟା ସମୟରେ ପବ୍ଲିକ୍ ସ୍କୁଲ ଛକଠାରୁ ଏକ ସଚେତନତା ରାଲି (ୱାକାଥନ୍) ଅନୁଷ୍ଠିତ ହୋଇଯାଇଛି ଓ ଏହି ରାଲିରେ ୨୫୦ରୁ ଉର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇ ଦୁର୍ନୀତି ହଟାଇ ଦେଶ ବଞ୍ଚାଇବା ସ୍ଲୋଗାନ ସମ୍ବଳିତ ପ୍ଲାକାର୍ଡ ମାନ ପ୍ରଦର୍ଶନ ପୂର୍ବକ ସ୍ଲୋଗାନ ଦେଇଥିଲେ ଓ ତତ୍‌ସହିତ ଅଂଶଗ୍ରହଣକାରୀ ଦର୍ଶକଙ୍କୁ ସମ୍ବୋଧିତ କରି ଆଜିର ଦୁନିଆରେ ସଜାଗ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପବ୍ଲିକ୍ ସ୍କୁଲ ଛକରେ ଏହି ରାଲି ଆରମ୍ଭ ହୋଇଥିଲା ଏବଂ ବାଲେଶ୍ୱର କଲେକ୍ଟୋରେଟ୍ ରେ ସମାପ୍ତ ହେବା ପୂର୍ବରୁ ଷ୍ଟେସନ ଛକ, ଏଫ.ଏମ ଗୋଲେଇ, ଫାଣ୍ଡି ଛକ ସମେତ




ଅନେକ ପ୍ରମୁଖ ସ୍ଥାନ ଦେଇ ଅଗ୍ରଗତି ହୋଇଥିଲା ଓ ଅଂଶଗ୍ରହଣକାରୀ ମାନେ ପ୍ଲାକାର୍ଡ ଧରି 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି' ଭଳି ବାର୍ତ୍ତା ସହିତ ଦର୍ଶକମାନଙ୍କ ଦ୍ୱାରା ସକରାତ୍ମକ ପ୍ରତିକ୍ରିୟା ଗ୍ରହଣ କରିଥିଲେ ଓ ରାଲିରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଲୋକ ପ୍ରଚାରକର ଯନ୍ତ୍ର ମାଧ୍ୟମରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ଉପଲକ୍ଷେ ସ୍ୱତନ୍ତ୍ର ବାର୍ତ୍ତା ଏବଂ ବିଭିନ୍ନ ଦୁର୍ନୀତି ନିବାରଣ ସ୍ଲୋଗାନ ପ୍ରଚାର କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୋଲିସ ଉପ- ମହାନିରୀକ୍ଷକ (ପୂର୍ବାଞ୍ଚଳ ଜୋନ) ଡ. ସତ୍ୟଜିତ ନାୟକ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର ଶ୍ରୀଯୁକ୍ତ ରାଜ ପ୍ରସାଦ, ମଣ୍ଡଳୀୟ ବନ ଅଧିକାରୀ, ବାଲେଶ୍ୱର ଶ୍ରୀଯୁକ୍ତ ଖୁଶୱନ୍ତ ସିଂ, ଆରକ୍ଷୀ ଅଧିକ୍ଷକ, (ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ) ଶ୍ରୀଯୁକ୍ତ ରାହୁଲ ପି.ଆର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଦୁର୍ନୀତି ନିବାରଣ) ଶ୍ରୀ ମହେଶ୍ୱର ସେଠି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି ଶ୍ରୀ କାର୍ତ୍ତିକ ବେହେରାଙ୍କ ସମେତ ଜିଲ୍ଲାର ଅନ୍ୟାନ୍ୟ ସରକାରୀ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏଠାରେ ପ୍ରକାଶ ଥାଉ କି, ଆର୍ଥିକ ସ୍ୱଚ୍ଛତା ପ୍ରତିପାଦନ ଓ ଦୁର୍ନିତୀ ମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ସମଗ୍ର ରାଜ୍ୟରେ ଚଳିତ ବର୍ଷ ଅକ୍ଟୋବର ୨୮ ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ପାଳନ କରାଯାଉଅଛି ।

# ସୁନାମି ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କଲେ ଅତିରିକ୍ତ ଜିଲ୍ଲାପାଳ

ଭଦ୍ରକ, ୩୦/୧୦ (ନି.ପ୍ର): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ-୨୦୨୪ ପାଳନ ଅବସରରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ସୁନାମି ପ୍ରସ୍ତୁତ ଗ୍ରାମ କରିବାରେ ଉଲ୍ଲେଖନୀୟ ପ୍ରୟାସ ଓ ଅବଦାନ ନିମନ୍ତେ ଭଦ୍ରକ ଜିଲ୍ଲାକୁ ପୁରସ୍କୃତ କରାଯାଇଛି । ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ



ବାସୁଦେବପୁର ବ୍ଲକ୍ ର ୪ଟି ଗ୍ରାମକୁ ସୁନାମି ପ୍ରସ୍ତୁତ ଗ୍ରାମ ରୂପେ ପ୍ରସ୍ତୁତ କରାଯାଇଛି । ଏଥିପାଇଁ ଭଦ୍ରକ ଜିଲ୍ଲାପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ କମ୍ୟୁନିଟି ମୁଖ୍ୟମନ୍ତ୍ରୀ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଜିଲ୍ଲାର ସୁନାମି ପ୍ରସ୍ତୁତ ୪ଟି ଗ୍ରାମ ହେଲା ମୋହନପୁର, ଅଡ୍ଡୁଆଁ, ସାନକୃଷ୍ଣପୁର ଏବଂ ବଡ଼ହାବେଳି ସାହି, ସମ୍ବର୍ଦ୍ଧିତ ହୋଇଥିବା କମ୍ୟୁନିଟିର ସମସ୍ତ ସଦସ୍ୟ ମାନଙ୍କୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅଭିନନ୍ଦନ ଜଣାଇଥିଲେ। ଅନୁସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାରୀ କରିଥିବା ବାସୁଦେବପୁର ବ୍ଲକ୍‌ର ଲକ୍ଷ୍ମୀ ପ୍ରସାଦ ବାତ୍ୟା ଆଶ୍ରୟସ୍ଥଳୀ, ଉନ୍ଦବାଲିର ବିଦ୍ୟୁତପ୍ରଭା ବାତ୍ୟା ଆଶ୍ରୟସ୍ଥଳୀର ସ୍ୱେଚ୍ଛାସେବୀ ମାନଙ୍କୁ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଗଲା।

# ହାଡ଼ିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ

ରୂପସା , ୩୦/୧୦ (ନି.ପ୍ର): ହାଡ଼ିଆଡିହା ଶିବମୁନି ଯୋଗାଶ୍ରମରେ, ମୁନି ସମାଜର ଜ୍ୟୋତି, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତମୁନିଜୀଙ୍କ ଅଧ୍ୟକ୍ଷତାରେ, ଆଶ୍ରମର ଯୋଗ ସାଧିକା ସୁନିରାଜ୍ଞୀ ବିମଳା ଲେଙ୍କାଙ୍କ ଜ୍ୟେଷ୍ଠ ଦୁହିତା ଆୟୁଷ୍ମତୀ ମୁନିମତୀ ରୀତା ବିଶ୍ୱାଳଙ୍କ ୪୫ ତମ ଶୁଭ ଜନ୍ମଦିନ ମହାସମାରୋହରେ ପାଳିତ ହୋଇଯାଇଛି । ମଞ୍ଚାସୀନଥିଲେ ଆଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ, ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରିଚରଣମୁନିଜୀ ମହୋଜୟ, ଯୋଗ ଶିକ୍ଷୟତ୍ରୀ କାଞ୍ଚନୀ ମିସ୍ତ୍ରୀ ମହୋଦୟା ଏବଂ ଯୋଗ ଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ପ୍ରମୁଖ. ପ୍ରଥମେ ସମୂହ ପ୍ରଣବ,



ଶୁଭଭାବନା, ବେଦପାଠ, ଶାନ୍ତିପାଠ କରାଯାଇ, ମୁନିମତୀ ଆୟୁଷ୍ମତୀ ରୀତା ବିଶ୍ୱାଳଙ୍କୁ ସମୂହ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଥିଲେ. ଆଶ୍ରମର ଉପାଧ୍ୟକ୍ଷା ସୁନିରାଜ୍ଞୀ କନକଲତା ମହାପାତ୍ର, ମୁନିମତୀ ଯମୁନା ପାତ୍ର, ବାସନ୍ତୀ ମାହାଳିକ, କୈକେଇ ଜେନା, ଶକୁନ୍ତଳା ପରିଡା, ଜାହ୍ନବୀ ଗିରି, ନୀନସାହୁ, ମିନତୀ ବର, ଲକ୍ଷ୍ମୀ ମଣୀ ପ୍ରଧାନ, ବାସନ୍ତୀ ପରିଡା, ସୁମତୀ ବେହେରା, ସୁଷମା ପରିଡ଼ା, ମୁନି ଚିତ୍ତରଞ୍ଜନ ବର, ସୁନିରାଜ ସୁବଳ ବଡେଇଏବଂ ମୁନିରାଜ ଖଗେଶ୍ୱର ମହାଳିକ ପ୍ରମୁଖ। ଶେଷରେ ରୀତା ସମସ୍ତଙ୍କୁ ଅନ୍ୟବାଦ ପ୍ରଦାନ କରି ଏକାତ୍ମ ସୁସ୍ୱାଦୁ ସ୍ୱାଦିଷ୍ଟ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ବିଜେପି ଯୁବମୋର୍ଚ୍ଚା କୋଷାଧକ୍ଷଙ୍କ ସାମ୍ବାଦିକ ସମ୍ମିଳନୀ

ଖଇରା, ୩୦/୧୦ (ନି.ପ୍ର): ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା କୋଷାଧକ୍ଷ ଇଂ ରାଜେଶ ମହାକୁଡଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ବୁଧବାର ଅପରାହ୍ନରେ ଖଇରା ବ୍ଲକର ଦେଉଳୀ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଖଇରା ବ୍ଲକରେ ବାତ୍ୟା ଦାନାକୁ ନେଇ ସାମାଜିକ ଗଣମାଧ୍ୟମରେ ଯେଉଭଳି ଭାବେ ବିରୋଧି ମାନେ ଭିଡିଓ ଓ ଅଡିଓ ବାର୍ତ୍ତା ମାଧ୍ୟମରେ ଭାଜପା ସରକାରକୁ ସମାଲୋଚନା କରୁଛନ୍ତି ସେମାନଙ୍କୁ ସେ ଶାଣିତ ସ୍ୱରରେ ନିନ୍ଦା କରିଛନ୍ତି । ସରକାରଙ୍କ ପକ୍ଷରୁ ଶୁନ୍ୟ ମୃତ୍ୟୁ ପାଇଁ ଯାହା କୁହାଯାଇଥିଲା ସେ ଲକ୍ଷ ପୁରଣ ହୋଇଛି । ସେ ନିଜେ କର୍ମୀଙ୍କୁ ନେଇ ୫ନଂ ଜୋନରେ ଉଦ୍ଧାରକାର୍ଯ୍ୟରେ ସାମିଲ ହେବା ସହ ପ୍ରଶାସନ ସହ ସମନ୍ୱୟ ରକ୍ଷାକରି ବିଭିନ୍ନ ଅଞ୍ଚଳକୁ ଉଦ୍ଧାରକାରୀ ଦଳପଠାଇ ବାତ୍ୟାବନ୍ୟାର ସଫଳ ମୁକାବିଲା କରିବାରେ ସହଯୋଗ କରିଥିଲେ । ବିରୋଧି କେବଳ ଘରେ ବସି ସାମାଜିକ ଗଣମାଧ୍ୟମରେ ମନ୍ତବ୍ୟ ଦେବା ଶିଖିଛନ୍ତି ଏବଂ ସରକାରଙ୍କୁ ବଦନାମ କରିବା ତାଙ୍କର ଆଭିମୁଖ୍ୟ ବୋଲି କହିଥିଲେ । ଖଇରା ବନ୍ୟା ଅଞ୍ଚଳ ଘୋଷିତ ହେବ କି ନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ତରଦେଇ ଖଇରା ନିଶ୍ଚିତ ବନ୍ୟାଞ୍ଚଳ ଘୋଷଣା ହେବ ଏଥିରେ ସନ୍ଦେହ ନାହିଁ ବୋଲି କହିଥିଲେ । ଉକ୍ତ ସମ୍ମିଳନୀରେ ମଣ୍ଡଳ ସଭାପତି ମହେଶ୍ୱର ନାଥ,ମଣ୍ଡଳ କୋଷାଧକ୍ଷ ମନୋଜ ପତି, ଶ୍ୟାମସୁନ୍ଦରପୁର ଯୁବମୋର୍ଚ୍ଚା ସଭାପତି ଦିନେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦେଶରେ ଚାକିରି ନାମରେ ଠକେଇ ମାମଲା: ମୁହଁ ଖୋଲିଲେ ଲକ୍ଷ୍ମୀ ଗ୍ରାଣ୍ଡ ମାଲିକ

ଜଳେଶ୍ୱର , ୩୦/୧୦ (ନି.ପ୍ର): ବିଦେଶରେ ଚାକିରି କରିଦେବେ କହି ଭିଶା,ଫ୍ଲାଇଟ ଭଡ଼ା ତଥା ଅନ୍ୟାନ୍ୟ ଖର୍ଚ୍ଚ ନାମରେ ଶତାଧିକ ବେକାର ଯୁବକଙ୍କୁ ଠକେଇ ଘଟଣାରେ ଆଜି ମୁହଁ ଖୋଲିଛନ୍ତି ଯେଉଁ ଘରେ ଅଫିସ ଖୋଲା ଯାଇଥିଲା ସେହି ଘରର ମାଲିକ ।ଆଜି ପୂର୍ବାହ୍ନ ୧୧ ଟା ସମୟରେ ହସ୍ପିଟାଲ ରୋର୍ଡ ସ୍ଥିତ ଲକ୍ଷ୍ମୀ ଗ୍ରାଣ୍ଡ ସମ୍ମିଳନୀ କକ୍ଷରେ ଘରର ମାଲିକ ସତ୍ୟ ପ୍ରକାଶ ପାଳଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରା ଯାଇଥିଲା ।ଏହି ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିବାକୁ ଯାଇ ଶ୍ରୀ ପାଳ କହିଲେ ବର୍ଷା ମ୍ୟାନ ପାୱାର ନାମକ ଏକ ସଂସ୍ଥା ତାଙ୍କ ଘରକୁ ଭଡ଼ା ନେଇ ଏକ ଅଫିସ ଖୋଲିବାକୁ ଗତ ତା ୬.୬.୨୪ ରିଖରେ ଚୁକ୍ତିବଦ୍ଧ ହୋଇଥିଲା ।ଚୁକ୍ତିନାମା ପତ୍ର ସହ ଏ ସମ୍ପର୍କରେ ମୁଁ ଥାନାରେ ଅବଗତ



କରିଥିଲି ।କିନ୍ତୁ ବର୍ଷା ମ୍ୟାନ ପାୱାର ସଂସ୍ଥା ଏକ ପଞ୍ଜିକୃତ ସଂସ୍ଥା ନୁହେଁ ବୋଲି ମୁଁ ପରେ ଜାଣିବା ପରେ ଘର ଛାଡ଼ିବା ସହ ଏଠାରେ ଅଫିସ ଖୋଲାଯାଇ ପାରିବନି ବୋଲି ସଂସ୍ଥାକୁ ଜଣାଇ ଦେଇଥିଲା ।କିନ୍ତୁ ସଂସ୍ଥାର ପଦାଧିକାରୀ ମାନେ ଏଠାରେ ଘରେ ଚାବି ପକାଇ କାଶିଡିହା ଠାରେ ପୁଣି ଏକ ଘର ଭଡ଼ା ନେଇଥିଲେ ।ସଂସ୍ଥା ମୋର ୩ ମାସର ଘର ଭଡ଼ା ବାକି ରଖିଥିବା ବେଳେ ମୋ ଘରକୁ ତାଲା ପକାଇ ରଖିଛି । ଫଳରେ ମୁଁ ଆର୍ଥିକ ଦୃଷ୍ଟିକୋଣରୁ କ୍ଷତିଗ୍ରସ୍ତ ହେଉଛି। କୋଟି କୋଟି ଟଙ୍କା ଠକେଇ କରିଥିବା ଏହି ସଂସ୍ଥା ବିରୋଧରେ ପୁଲିସ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେଉ ଓ ତଦନ୍ତ ରେ ମୁଁ ସବୁ ପ୍ରକାର ସହଯୋଗ କରିବାକୁ ପ୍ରସ୍ତୁତ ଅଛି ବୋଲି ଶ୍ରୀଯୁକ୍ତ ପାଳ ଆଜିର ସାମ୍ବାଦିକ ସମ୍ମିଳନୀରେ ଦୃଢ଼ତାର ସହ ପ୍ରକାଶ କରିଛନ୍ତି।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo